# ଓଡ଼ିଆ-ଜୁଆଙ୍ଗ

# ଶବ୍ଦକୋଷ

ଜନଜାତି•ସଂସ୍କୃତି•ପ୍ରଗତି

**ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କେଉଁଝର**

ଯୋଜନା ଓ ସଂଯୋଜନ ବିଭାଗ

ଓଡ଼ିଶା ସରକାର

# ଓଡ଼ିଆ-ଜୁଆଙ୍ଗ ଶବ୍ଦକୋଷ


**ସଂକଳନ :**

ଶ୍ରୀ ସୁଦର୍ଶନ ଜୁଆଙ୍ଗ

ଶ୍ରୀ କ୍ଷେତ୍ରବାସୀ ଜୁଆଙ୍ଗ

ଶ୍ରୀ କାଳିନାଥ ଜୁଆଙ୍ଗ



**ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କେନ୍ଦୁଝର**

**ଯୋଜନା ଓ ସଂଯୋଜନ ବିଭାଗ**

**ଓଡ଼ିଶା ସରକାର**

# ଓଡିଆ-ଜୁଆଙ୍ଗ ଶବ୍ଦକୋଷ


**ସଂକଳନ** : ଶ୍ରୀ ସୁଦର୍ଶନ ଜୁଆଙ୍ଗ
ଶ୍ରୀ କ୍ଷେତ୍ରବାସୀ ଜୁଆଙ୍ଗ
ଶ୍ରୀ କାଳିନାଥ ଜୁଆଙ୍ଗ

**ପ୍ରକାଶକ** : ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କେନ୍ଦୁଝର
ଯୋଜନା ଓ ସଂଯୋଜନ ବିଭାଗ,
ଓଡ଼ିଶା ସରକାର

**ପ୍ରଥମ ପ୍ରକାଶ** : ନଭେମ୍ବର, ୨୦୧୮

**ମୁଦ୍ରଣ** : ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର


**ODIA-JUANGA SABDAKOSH**


**Compilation** : Sri Sudarsana Juanga
Sri Kshetrabasi Juanga
Sri Kalinatha Juanga

**Publisher** : Special Development Council, Keonjhar,
Planning & Convergence Department,
Govt. of Odisha

**First Edition** : November, 2018

**Printed at** : Odisha State Bureau of Text Book Preparation & Production,
Bhubaneswar

# ମୁଖବନ୍ଧ

ଓଡ଼ିଶାରେ ବସବାସ କରୁଥିବା ଜନଜାତି ମାନଙ୍କର ସଂସ୍କୃତି ଖୁବ୍ ପ୍ରାଚୀନ। ସେମାନଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟା, ପୂଜା ପାର୍ବଣ, ଭାଷା, ଲୋକ ପରଂପରା ଅନ୍ୟମାନଙ୍କ ଠାରୁ ଖୁବ୍ ନିଆରା। ନିଜ ପରିବେଶ ଆଧାରିତ ଭାଷା-ସଂସ୍କୃତି-କଳା- ପାରଂପରିକ ଜ୍ଞାନ କୌଶଳ ସେମାନଙ୍କ ଜୀବନ ସହ ପ୍ରବାହମାନ । ମୁଖ୍ୟ ସ୍ରୋତ ଠାରୁ ଦୂରରେ ରହି ମଧ୍ୟ ଏମାନଙ୍କ ସଂଗ୍ରାମ ଓ ସ୍ୱାଭିମାନ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ। ବାହ୍ୟ ସଂସ୍କୃତିର ପ୍ରଭାବ ଓ ବୈଦ୍ୟୁତିକ ଯୋଗାଯୋଗ ବ୍ୟବସ୍ଥା କ୍ଷୀପ୍ରତର ହେବା ଦ୍ୱାରା ସଂପ୍ରତି ତାଙ୍କର ଭାଷା- ସଂସ୍କୃତିରେ ପରିବର୍ତ୍ତନ ପରିଲିକ୍ଷିତ ହେବାରେ ଲାଗିଛି। ଏହି ପରିବର୍ତ୍ତନରେ ତାଙ୍କ ପାରମ୍ପରିକ ସାମାଜିକ- ସାଂସ୍କୃତିକ ବ୍ୟବସ୍ଥା ଏକ ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି । ଜନଜାତି ସମାଜ ନିଜ ସଂସ୍କୃତି ପରିସରରୁ ବାହାରି ମୁଖ୍ୟ ସ୍ରୋତ ସହ ସାମିଲ ହେବା ପ୍ରକ୍ରିୟାରେ ଭାଷା ହେଉଛି ଏକ ପ୍ରମୁଖ ମାଧ୍ୟମ । ଭାଷା ହେଉଛି ପରମ୍ପରା ଓ ପ୍ରଗତିର ଏକ ସଂଯୋଜକ ସେତୁ ବିକାଶକୁ ଯୋଡ଼ିବାର ମୁଖ୍ୟ ମାର୍ଗ । ନିଜ ଭାଷା ମାଧ୍ୟମରେ ବିକାଶର ଭାଷାକୁ ବୁଝି ପାରିଲେ ଜନଜାତିଙ୍କ ଉନ୍ନୟନର ମାର୍ଗ ପ୍ରଶସ୍ତ ହୋଇ ପାରିବ ।

ଉନ୍ନୟନ ବ୍ୟବସ୍ଥାର ଅନ୍ୟତମ ମୁଖ୍ୟ ଅଂଗ ହେଲା ଶିକ୍ଷା। ଶିକ୍ଷା ବ୍ୟବସ୍ଥାର ଆଦ୍ୟ ସୋପାନରେ ଶିଶୁ ସହ ପରିଚିତ ହେବା ଅର୍ଥ ତା ଭାଷା ସହ ପରିଚିତ ହେବା। ଶିଶୁ ତା ଆଦ୍ୟ ବୟସରେ ମା'ର ଭାଷା ସହ ପରିଚିତ ହୋଇଥାଏ । ତେଣୁ ଶିଶୁର ମାତୃଭାଷା ସହ ନିଜକୁ ସାମିଲ କରାଇ ତାକୁ ଶିକ୍ଷା ବ୍ୟବସ୍ଥା ସହ ଯୋଡିବାର ଆବଶ୍ୟକତା ରହିଥାଏ । ଶିଶୁ ତା' ଭାଷାରେ ତା ଜଗତକୁ, ପ୍ରକାରାନ୍ତରେ ତା ସଂସ୍କୃତି ସହ ପରିଚିତ ହୋଇଥାଏ । ଏଣୁ ଶିଶୁକୁ ଶିକ୍ଷାଦାନ କରିବା ମାଧ୍ୟମରେ ଶିକ୍ଷାର ମାର୍ଗ ପ୍ରଶସ୍ତ କରିବା ଅର୍ଥ ଜନଜାତି ଭାଷା ଓ ସଂସ୍କୃତିକୁ ଜାଣିବା ।

ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଭାଷାର ଆବଶ୍ୟକତାକୁ ଆଖି ଆଗରେ ରଖି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜନଜାତି ଅଂଚଳର ପ୍ରମୁଖ ୨୧ଗୋଟି ଭାଷା ଉପରେ ଦ୍ୱିଭାଷୀ ଶବ୍ଦକୋଷ ପ୍ରଣୟନ କରିଛି। ଏହା ଏକ ପ୍ରାରମ୍ଭିକ ଉପକ୍ରମ। ଜନଜାତି ଭାଷା ଗୁଡ଼ିକର ଏକ ପୂର୍ଣ୍ଣାଙ୍ଗ ଶବ୍ଦକୋଷ ପ୍ରଣୟନର ଆବଶ୍ୟକତା ରହିଛି। ଏହା କଲେ ଜନଜାତି ସଂସ୍କୃତିର ସଂରକ୍ଷଣ ସମ୍ଭବ ହୋଇପାରିବ।

ଜନଜାତି ଭାଷା ଗୁଡ଼ିକର ଆଂଚଳିକ ଭେଦ ରହିଛି। କେଉଁଠି ବଂଶ ଆଧାରରେ ତ କେଉଁଠି ଭୌଗୋଳିକ ଆଧାରରେ ଏହି ଭେଦ ଜଣାପଡ଼େ ।ଏହା ମୁଖ୍ୟତଃ ସ୍ୱନିମିକ । ତେବେ ବସ୍ତୁ ସଂସ୍କୃତିରେ କିଛି ଆଗତ ଶବ୍ଦ ମଧ୍ୟ ଭାଷାକୁ ସଂକ୍ରମିତ କରିଥିବାରୁ ପାର୍ଥକ୍ୟ ରହିବା ସ୍ୱାଭାବିକ। ପ୍ରସଂଗକୁ ଜାଣିଲେ ଶବ୍ଦର ଅର୍ଥ ପାଇବାରେ କୌଣସି ଅସୁବିଧା ନ ଥାଏ ।ତେବେ ବିଭିନ୍ନ ଅଂଚଳର ଭାଷାକୁ ସ୍ଥାନୀତ କରିବା ସୀମିତ ସମୟ ମଧ୍ୟରେ ସମ୍ଭବପର ହେଉ ନଥିବାରୁ ସଂକଳିତ ଶବ୍ଦକୋଷ କେନ୍ଦୁଝର ଜିଲ୍ଲାର ବାଂଶପାଳ ଅଂଚଳର ଭାଷାକୁ ଆଧାର କରି ପ୍ରସ୍ତୁତ କରାଯାଇଛି ।

ଆମେ ଆଶା କରୁଛୁ ପ୍ରସ୍ତୁତ **ଓଡ଼ିଆ - ଜୁଆଙ୍ଗ ଶବ୍ଦକୋଷ**କୁ ପାଠକେ ଉଦାରତାର ସହ ଗ୍ରହଣ କରିବେ ଏବଂ ଉଦ୍ଦେଶ୍ୟ ସାଧନ ଦିଗରେ ଆମକୁ ସହଯୋଗ କରିବେ ବୋଲି ଆଶା ଓ ବିଶ୍ୱାସ ।

ଶ୍ୟାମରାଣ ମଲ୍ଲିକ

ଅଧ୍ୟକ୍ଷ

ସ୍ୱତନ୍ତ୍ର ଉନ୍ନୟନ ପରିଷଦ

କେନ୍ଦୁଝର

## - ଅ -

| | | |
|---|---|---|
| ଅତିଥି | - | ଆମ ଘରକୁ ଅତିଥି ଆସିଛନ୍ତି । |
| କୁଣିଆ | - | ନିଞ୍ଜ୍‌ଆଁ ଇଞ୍ଜ୍‌ଆଁବ କୁଣିଆକି ଡେଞ୍ଚେରିକି । |
| ଅଙ୍କନ | - | ଗୋଟିଏ କାଉର ଚିତ୍ର ଅଙ୍କନ କର । |
| ବନାଏ | - | ମୁଇଁଣ୍ଟ ଗୁଆଁଗ୍ ଚିତିର ବନାଏପେ । |
| ଅଭିଭାବକ | - | ଅଭିଭାବକମାନେ ତୁମର ଯତ୍ନ ନିଅନ୍ତି । |
| ଅବାବୁଇ | - | ଅବାବୁଇ ଆପେୟା ଯତନ ଗଗ୍‌ଡେକି । |
| ଅଭ୍ୟାସ | - | ଗୀତ ଗାଇବା ଅଭ୍ୟାସ କର । |
| ଅବେଆସ | - | ଗୀତ ଗୀତଏତେ ଅବେଆସ କିବେପେ । |
| ଅଭିନୟ | - | ରବି ଭଲ ଅଭିନୟ କରି ଜାଣେ । |
| ନାଟ | - | ରବି ଡିଅ ନାଟ କିକିବ୍ କଂକେ । |
| ଅଜା | - | ଆମ ଅଜାଙ୍କ ନାମ ମାୟାଧର ଜୁଆଙ୍ଗ୍ । |
| ଆଜା | - | ନିଞ୍ଜ୍‌ଆଁ ଆଜାନିଏତ୍‌ଆଁ ନାଆଁର ମାୟାଧର ଜୁଆଙ୍ଗ୍ । |
| ଅଧିକ | - | ମୁଁ ଅଧିକ ପାଠ ଜାଣେ । |
| ସୁଗାଇ | - | ଆଞ୍ଜ୍ ସୁଗାଇ ପାଟ କଂସେକେ । |
| ଅମୃତ | - | ଅମୃତ ଖାଇଲେ କେହି ମରନ୍ତି ନାହିଁ । |
| ଅମୃତ | - | ଅମୃତ ଜୀମକିଲେ କେଇ ଆଗଜ୍‌କିକି ନା । |
| ଅଣ ଓସାରିଆ | - | ଆମ ଗ୍ରାମକୁ ଅଣ ଓସାରିଆ ରାସ୍ତାଟିଏ ଅଛି । |
| ସେଙ୍କଲଏଜ୍‌ଡ | - | ନିଞ୍ଜ୍‌ଆଁ ଗାଅଁବ ସେଙ୍କଲଏଜ୍‌ଡ ରାସତା ମୁଇଁଣ୍ଟ ଆସିକେ । |
| ଅପେକ୍ଷା | - | ମୁଁ ତୁମକୁ ଅପେକ୍ଷା କରି ଆସିବି । |
| ଜଗେ | - | ଆଞ୍ଜ୍ ଆମ୍‌ତେ ଡମେଜ ଡେନା । |
| ଅକ୍ଷର | - | ତୁମର ଅକ୍ଷର ବହୁତ ସୁନ୍ଦର ଅଟେ । |
| ଲେଖା - | | ଆମା ଲେକାମ୍‌ଡେ ସୁଗାଇ ବଡେଆଁ । |
| ଅଠା | - | ଅଠାରେ କାଗଜ ଲଗାଯାଏ । |
| ଆଟା | - | ଆଟାବ କାଗଜ ଲାଗାଏଇରେ । |

ଅକଲ ଗୁଡୁମ - ମୃତ୍ୟୁ ଖବର ପାଇ ମୋର ଅକଲ ଗୁଡୁମ୍ ହେଲା ।

ବୁଦି ଅଜେଆନା - ଗଗଜ୍ କବର ଅଂଙଜ ଆଞ୍ଜାଁ ବୁଦି ଅଜେଆନା ।

ଅଧଃକ୍ରମ - ମୁଁ ଅଧଃକ୍ରମରେ ନାମଗୁଡିକ ପଢିଲି ।

କୁବାତାସୁନ୍ ସାନ - ଆଞ୍ଜ୍ କୁବାତାସୁନ୍ ସାନରବ ନାଅଁରକି ପଡେଅ ।

ଅମ୍ଳ - ଅମ୍ଳ ରସ ପିଇ ହୁଏ ନାହିଁ ।

ଆଜର୍ - ଆଜର୍ଡ ରସ ଉରୁର୍ ଆଇରେ ।

ଅନ୍ନ - ଅନ୍ନ ବିନା ଆମେ ବଞ୍ଚି ପାରିବା ନାହିଁ ।

ତଣ - ତଣ ବିନା ନିଞ୍ଜ୍ ବଞ୍ଚେ ନାମାରିମ୍ଡ଼େ ନା ।

ଅଣ୍ଟା - ବୁଢା ବୁଢୀମାନେ ଅଣ୍ଟା ସଳଖି ପାରନ୍ତି ନାହିଁ ।

ଅଣ୍ଟା - ବୁଡା କାଣ୍ଡାଏକି ଅଣ୍ଟା ସିଦା କିକିପ୍ ଆରିମ୍ଡିକି ।

ଅଁଳା - ଅଁଳା ତେଲ କେଶକୁ ଭଲ ।

ଆଅଁଣା - ଆଅଁଣା ଅଜନ୍ ଜୁଣ୍ଟାତେ ଡିଅ ।

ଅଞ୍ଚଳ - ଆମ ଅଞ୍ଚଳ ଜଙ୍ଗଲରେ ପୂର୍ଣ୍ଣ ।

ଜାଳ - ନଞ୍ଜାଁ ଜାଳ ବଣବ ଅରେସେରେ ।

ଅରମା - ଆମେ ଆମ ବାରିର ଅରମା ସଫା କରୁ ।

ଜବରା - ନିଞ୍ଜ ନଞ୍ଜାଁ ବାକାଲିଆ ଜବରା ସାପା ନିକିପ୍‌କେ ।

ଅନୁଚ୍ଛେଦ - ତୁମେ ପ୍ରତିଦିନ ପାଞ୍ଚୋଟି ସାହିତ୍ୟ ଅନୁଚ୍ଛେଦ ସାହିତ୍ୟ ପଢ ।

ଅନୁଚେଦ - ଆପେ ଦିନି ପାଞ୍ଚଗଟା ଅନୁଚେଦ ସାଇତଆ ପଡେପେ ।

ଅଧ୍ୟୟନ - ପୁସ୍ତକ ଅଧ୍ୟୟନ ଜୀବନ ପାଇଁ ଭଲ ।

ମପଡେ - ବୁଇ ପଡାରେ ଜୀବନଆ ଦିରେ ଡିଅ ।

ଅସନା - ପିଲାଟି ବହୁତ ଅସନା ହୋଇଛି ।

ମଏଲା - ଉଆଲିରେ ସୁଗାଇ ଗନ୍ଦେଣା ଇସେରେ ।

ଅକଲ - ବଣରେ ବାଘ ଦେଖି ମୋର ଅକଲ ହଜିଗଲା ।

ଉଡସୁ - ବଣଆଁ କିଳଗ୍ ଞ୍ଜଁୟଜ ଆଞ୍ଜାଁ ଉସୁ ଅଜେଆନା ।

ଉସୁ - ବଣଆଁ କିଳଗ୍ ଞ୍ଜଁୟଁଜ ଆଞ୍ଜାଁ ଉସୁ ବୁଡିଆନା

ଅଟ୍ଟାଳିକା - ଧନିକମାନେ ଅଟ୍ଟାଳିକାରେ ରହନ୍ତି ।

ଚାତ - ଧନିକି ଚାତତେ ରଏରିକି ।

| | | |
|---|---|---|
| ଅଳନ୍ଧୁ | – | ରୋଷେଇ ଘରେ ଅଳନ୍ଧୁ ଲାଗେ । |
| ଉଲୁନ୍ଦୁ | – | ତଣ କାନାଗଲାଏ ଇଞ୍ଜ୍ଆଁତେ ଉଲୁନ୍ଦୁ ଲାଗେରେ । |
| ଅଳପ | – | ମଦ ଖାଇଲେ ଅଳପ ଆୟୁ ହୁଏ । |
| ଅଳପ | – | ମଦ ଉରୁକିଲେ ଆୟୁଷ ଟୁଟିରେ । |
| ଅଳିଆ | – | ଅଳିଆ ଖାତରେ ଗଦା କରି ପୋତି ପକାଅ । |
| ଜବରା | – | ଜବରା ଗାତର୍ତେ ଗାଦା କିବେଜ ତିନେ । |
| ଅନ୍ଧ | – | ଅନ୍ଧକୁ ବାଟ ଦେଖାଇ ଦିଅ । |
| ଅନ୍ଦ | – | ଅନ୍ଦରେତେ ଗଟାଂ ଆବ୍ଜଏ । |
| ଅସୁମାରି | – | ରାତିରେ ଅସୁମାରି ତାରା ଦେଖାଯାଆନ୍ତି । |
| ସୁଗାଇ | – | ଏନ୍ଦାରତେ ସୁଗାଇ କୁମୁଞ୍ଜିଡାଗ୍ ଜଏରେକି । |
| ଅସମ୍ଭବ | – | ଅସମ୍ଭବ ବୋଲି କେବେ କହ ନାହିଁ । |
| ଅପରୁବ | – | ଅପରୁବ ବୁଲି କାଳେ ମେଗାମର । |
| ଅମ୍ବର | – | ନୀଳ ଅମ୍ବର ଭାରି ସୁନ୍ଦର । |
| ସରଗ | – | ନେଳି ସରଗ ବଡେ ଡିଅର । |
| ଅସ୍ତ | – | ଅସ୍ତ ବେଳେ ସୂର୍ଯ୍ୟ ଲାଲ ଦେଖାଯାଏ । |
| ଜଲଗ୍ | – | ବେଳ ଜଲଗଲେ ବେଳ ସୁନ୍ଦୁରୁ ଜଏରେ । |
| ଅମର | – | ଦେଶ ପାଇଁ ପ୍ରାଣ ଦେବା ବ୍ୟକ୍ତି ଅମର ହୁଅନ୍ତି । |
| ଉମ୍ବୁରି | – | ଦେଶ ଦିରେ ଜୀବନ ଡିଂଞ୍ଜ୍କେ ମୁଣ୍ଡୁଷରେ ଉମ୍ବୁରି ଇରେ । |
| ଅପରିଷ୍କାର | – | ଅପରିଷ୍କାର ହୋଇ ରହିଲେ ରୋଗ ହୁଏ । |
| ମଏଳା | – | ମଏଳା ଇଆନ୍କିଲେ ରୁଗ ଇରେ । |
| ଅମଳ | – | ଫସଲ ଅମଳ ସମୟରେ ଚାଷୀ ଖୁସି ହୁଏ । |
| ଆଏମଳ | – | କିରିସି ଆଏମଳ ବେଳତେ ଚାଷି ଉଗରେରେ । |
| ଅପାର | – | ଅପାର ଧନ ଅପେକ୍ଷା ପ୍ରେମ ଉତ୍ତମ । |
| କୁସୁକୁରି | – | କୁସୁକୁରି ଦନତା ଡିଅ କୁକୁଇରେ ଡିଅ । |
| ଅବଶିଷ୍ଟ | – | ଅବଶିଷ୍ଟ ସମୟ ମୁଁ ବଗିଚା କାମ କରେ । |
| ବଳେକେ | – | ବଳେକେ ବେଳରେ ଆଞ୍ଜ୍ ବାକାଳି କମ କମରେ । |

| | | |
|---|---|---|
| ଅନ୍ତର | - | ମନ୍ଦ ଅଭ୍ୟାସକୁ ନିଜଠାରୁ ଅନ୍ତର କର । |
| ଚିଅଗ୍ | - | ବାଗି ଅବେଆସତେ ଆପଣାତା ଚିଅଗ୍‌ପେ । |
| ଅଳ୍ପ | - | ମୁଁ ଅଳ୍ପ କହେ ବେଶି କରେ । |
| ନକଟେଜ୍ | - | ଆଞ୍ଜ୍ ନକଟେଜ୍ ଗାତାଏକେ ସୁଗାଇ କିବ୍‌କେ । |
| ଅଳ୍ପାୟୁ | - | ନିଶା ସେବନ କଲେ ଅଳ୍ପାୟୁ ହୁଏ । |
| ଆଏଁସତୁଟିରେ | - | ନିଶା ଉରକିଲେ ଆଏଁସ୍ ତୁଟିରେ । |
| ଅମଙ୍ଗ | - | ମିଲି ବଣକୁ ଯିବାକୁ ଅମଙ୍ଗ ହେଲା । |
| ଅମଙ୍ଗ | - | ମିଲି ବଣବ ଅଙ୍ଗର୍‌ତେ ଅମଙ୍ଗ ଇଆନା । |
| ଅସ୍ତ୍ର | - | ଯେ ଅସ୍ତ୍ର ଧାରଣ କରେ ସେ ଅସ୍ତ୍ରରେ ମରେ । |
| ଅତିଆର | - | ଯିଏ ଅତିଆର ସବ୍‌ଡେ ଆର ଅତିଆରବ ଗଜ୍‌କେ । |
| ଅଳି | - | ମିନି ସ୍କୁଲକୁ ଯିବା ନିମନ୍ତେ ଅଳି କରୁଛି । |
| ଉଲିଆଏକେ | - | ମିନି ଇସୁକୁଲୁ ଅଙ୍ଗର୍‌ତେ ଉଲିଆଏକେ । |
| ଅର୍ଦ୍ଧରାତ୍ର | - | ଚୋର ଅର୍ଦ୍ଧରାତ୍ରରେ ବାହାରେ । |
| ଅଦରାତି | - | ଚୁର ଅଦରାତିତେ ଆରିରେ । |
| ଅଦ୍ଭୁତ | - | ଆକାଶରେ ବେଳେବେଳେ ଅଦ୍ଭୁତ ଦୃଶ୍ୟ ଦେଖାଯାଏ । |
| ଅଦ୍‌ବୁତ | - | ସରଗତେ ବେଳ ବେଳମିଞ୍ଜ୍ ଅଦବୁତ ଡେଗାନ୍ ଜଏରେ । |
| ଅଧା | - | ବଗିଚାରେ ଅଧା କାମ ଆମେ କରିବୁ । |
| ଅଦା | - | ବଗିଚାରା ଅଦା କମ ନିଞ୍ଜ୍ ନିକିବେ । |
| ଅଧିର | - | ଦୁଃଖ ବେଳେ ଆମେ ଅଧିର ହେଉ । |
| ଅତରସ | - | ଦୁକ ବେଳତେ ନିଞ୍ଜ୍ ଅତରସ ନିରେ । |
| ଅଦାଲତ | - | ଆମ ରାଜ୍ୟରେ ସର୍ବୋଚ୍ଚ ଅଦାଲତ ରହିଛି । |
| କଚେରୀ | - | ନିଞ୍ଜାଁ ରାଜ୍ୟଅଆ ସମନ୍ଦାଏତା କୁବା କଚେରୀ ଆସିକେ । |
| ଅବିବେକୀ | - | ଅବିବେକୀ ବିନଷ୍ଟ ହେବ । |
| ଅବିବେକୀ | - | ଅବିବେକୀ ଗମଜେ । |
| ଅବଜ୍ଞା | - | ବାପା ମାଆଙ୍କ ଆଦେଶ ଅବଜ୍ଞା କରନାହିଁ । |
| ଅବମାନନା | - | ଅବା ବୁଇକା ଉକୁମ ଅବମାନନା ଇକିବର । |

| | | |
|---|---|---|
| ଅଫିସର | - | ଆମ ସାହିକୁ ଜଣେ ଅଫିସର ଆସିଥିଲେ । |
| ଅପିସର | - | ନିଞ୍ଜ୍ଆଁ ସାଇବ ମିନକ୍ ଅପିସର ଡେନ୍‌ଚେର । |
| ଅଶେଷ | - | ପ୍ରେମ ଅଶେଷ ଅଟେ । |
| ଆଜେନେଲାଏ | - | ପ୍ରେମ ଆଜେଲାଏକେ । |
| ଅବଶ୍ୟ | - | ଆମକୁ ଅବଶ୍ୟ ଦେଶ ସେବା କରିବାକୁ ହେବ । |
| ଅବଶ୍ୟ | - | ନିଞ୍ଜ୍ତେ ଅଇତ ଦେଶ ସେବା କିକିପ୍‌ତେ ମିନା । |
| ଅଳ୍ପକ୍ଷଣ | - | ଇନ୍ଦ୍ରଧନୁ ଅଳ୍ପକ୍ଷଣ ଦେଖାଯାଏ । |
| ଅଲପବେଲ | - | ଡେବଂ ଅଲପବେଲ ଆବ୍‌ଜଏରମ୍‌ଡ଼େ । |
| ଅସ୍ଥି | - | ଆମ ଦେହରେ ୨୦୬ ଖଣ୍ଡ ଅସ୍ଥି ଅଛି । |
| ଆଡସର୍ | - | ନିଞ୍ଜ୍ଆଁ ଇଣିନିଞ୍ଜାଁ ୨୦୬ ଗଟା ଆଡସର୍ ଆସିକେ । |
| ଅସହଯୋଗ | - | ଅସହଯୋଗରେ ବିକାଶ ନାହିଁ । |
| ଆସାକାଏ | - | ଆସାକାଏବ ବିକାଶ ଜେନା । |
| ଅଝଟ | - | ଅଝଟ କରିବା ମନ୍ଦ ଅଟେ । |
| ରେଣା | - | ରେଣା ନିକିବେ ଡ଼ିଅ ଜେନା । |
| ଅର୍ଥ | - | ପରିଶ୍ରମ କରି ଅର୍ଥ ଉପାର୍ଜନ କର । |
| ଟାଙ୍କା | - | କମନାପେଜ ଟାଙ୍କା ଅରଜନ କିମାପେ । |
| ଅବସ୍ଥିତି | - | ନଈର ଅବସ୍ଥିତି ଆମ ପାଇଁ ମଙ୍ଗଳ ଜନକ । |
| ମାଆସିନା | - | ନୁଇଁ ମାସିନା ନିଞ୍ଜାଁ ଦିରେ ମଙ୍ଗଳ ଇରେ । |
| ଅନୁମାନ | - | ଅନୁମାନ ଦ୍ୱାରା କାର୍ଯ୍ୟ ସଫଳ ହୁଏ ନାହିଁ । |
| ଅନୁମାନ | - | ଅନୁମାନ ବ କମ୍ ସପଳ ଇଇ ଯେନା । |
| ଅନେକ | - | ଆମ ଦେଶରେ ଅନେକ ସମସ୍ୟା ଅଛି । |
| ଅମ୍ଧାର୍ | - | ନିଞ୍ଜାଁ ଦେଶଆ ଅମ୍ଧାର୍ ଅସୁବିଦା ଆସିକେ । |
| ଅଦଳ ବଦଳ | - | ପୂର୍ବ କାଳରେ ଅଦଳ ବଦଳ ଦ୍ୱାରା କିଣାବିକା ହେଉଥିଲା । |
| ଅଦଳ ବଦଳ | - | ଆଗିଲା କାଳଆ ଅଦଳ ବଦଳ ବ ସଂସଂଆପ୍‌ସଂ ଇଇନମାନ୍ । |
| ଅଣ୍ଡା | - | ଅଣ୍ଡାର କେଶର ଦେହ ପାଇଁ ହିତକାରକ । |
| ସୁସୁତେର୍ | - | ସୁସୁତେର୍‌ରା କେଶରର ଇଣିଆଁ ଦିରେ ଡିଅ । |
| ଅଷ୍ଟମ | - | ମୋ ବଡ ଭଉଣୀ ଅଷ୍ଟମ ଶ୍ରେଣୀରେ ପଢ଼େ । |
| ଅଷ୍ଟମ | - | ଆଞ୍ଜ୍ଆଁ ଆଜିଞ୍ଜ୍ ଅଷ୍ଟମ ଶେଣୀଆ ପଡେକେ । |

ଅନୁସାରେ - ଉଚ୍ଚତା ଅନୁସାରେ ଠିଆ ହୁଅ ।

ଅନୁସାରେ - ଜାଲିଂ ଅନୁସାରେ ତଂଅଁନାପେ ।

ଅନ୍ତନଳୀ - ଅନ୍ତନଳୀ ସଫା ରଖିବାକୁ ଯଥେଷ୍ଟ ପାଣି ଆବଶ୍ୟକ ।

ସୁରୁଇତିପ୍ - ସୁରୁଇତିପ୍ ସାପା ଉନୁନ୍ତେ ଡେରି ଡାଗ୍ ଦରକାର ।

ଅନାଇବା - ଭିକାରୀଟି କରୁଣ ଦୃଷ୍ଟିରେ ଅନାଇଛି ।

ନେଲଂଏଁ - ବିକାରିରେ  ମାମୁଣ୍ଡୁର ଲଂସେକେ ।

ଅଣ୍ଡାକୃତି - ପୃଥିବୀର କକ୍ଷପଥ ଅଣ୍ଡାକୃତି ଅଟେ ।

ସୁସୁତେର୍‌ଡେଗାନା - ମୁଲୁକଆ ବୁମୁଲିତା ଗଟାଂ ସୁସୁତେର୍ ଡେଗାନ୍ ଆସିକେ ।

ଅନ୍ଧାର - ଅନ୍ଧାର ରାତିରେ ଚୋର ଭୟ ଥାଏ ।

ଏନ୍ଦାରକର୍ - ଏନ୍ଦାରକର୍ ରାତିତେ ଚୁର ବୟ ଆସିକେ ।

ଅର୍ଦ୍ଧକ ଅଂଶ - ମୋ ମିଠେଇର ଅର୍ଦ୍ଧକ ଅଂଶ ସାନଭାଇକୁ ଦେଲି ।

ଅଦାବାଗ୍ - ଆଞ୍ଚାଁ ମିଟେଇଆ ପାଲିମିଞ୍ଜ୍ ସାନ ବକଞ୍ଜ୍‌ତେ ଡିଞ୍ଜ୍ଅଁ ।

ଅଭାବୀ - ଆମ ଗ୍ରାମରେ ଅନେକ ଅଭାବୀ ଲୋକ ଅଛନ୍ତି ।

ଅବାବି - ନିଞ୍ଚାଁ ଗାଅଁଆଁ ସୁଗାଇ ଅବାବୀ ଲୁକକି ଆସିକିକି ।

ଅପକାରିତା - ଧୂମପାନର ଅପକାରିତା ଅତି ଭୟଙ୍କର ।

ଅପକାର - କାଲିଆ ସୁରୁରା ଅପକାର ଅତି ବାଗିର ।

ଅଭାବ - ପରିଶ୍ରମୀର ଅଭାବ ନଥାଏ ।

ଅବାବ - କାମିକିଆରା ଅବାବ ଆରାସିକେ ।

ଅନୁସରଣ - ଆମେ ଧାର୍ମିକର ଅନୁସରଣ କରିବା ଉଚିତ୍ ।

ଅଚଅଚମିନା - ନିଞ୍ଜ୍ ଦାରମିକରା ଅଚଅଚ ନେଅନା ଡିଅ ।

ଅକାଳ - ମଦ୍ୟପାନ ହେତୁ ତାଙ୍କର ଅକାଳରେ ମୃତ୍ୟୁ ହେଲା ।

ଅଦାଦିନ - ମଦ ଉରୁର୍‌ବ ଆର ଅଦାଦିନବ ଗଜ ।

ଅଶ୍ୱତଥ୍ - ଅଶ୍ୱତ୍ଥ ଗଛର ଛାଇ ଭାରି ଥଣ୍ଡା ଲାଗେ ।

ଜୁରି - ଜୁରି ସୁମୁସିଞ୍ଜ୍ଆଁ ଟାଇ ସୁଗାଇ ଏମାଣ ଲାଗେରେ ।

## – ଆ –

ଆଲୋଚନା - ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୁଏ ।

ବେଚାର - ବେଚାର ବ ଅସୁବିଦା ମିମାଂସା ଇରେ ।

| | | |
|---|---|---|
| ଆଦାୟ | – | ଚାଷୀମାନେ ଜମିରୁ ଫସଲ ଆଦାୟ କରନ୍ତି । |
| ଆଇମଲ /ଆଦାୟ | – | ତାସିକି ଜୁମିତା କିରିସି ଆଇମଲ କିବ୍‌ଡ଼ିକି । |
| ଆଖିରେ ରଖିବା | – | ପିତାମାତା ନିଜ ପିଲାକୁ ଆଖିରେ ରଖିବା ଉଚିତ୍ । |
| ନଜର ନୁନେ | – | ଅବାବୁଇ ନିଜ ଉଆଲିକିତେ ନଜର ଉନୁନ୍ ଡିଅ । |
| ଆଖିରେ ପଡିବା | – | ଯାଉଯାଉ ସାପ ଉପରେ ମୋର ଆଖି ପଡିଲା । |
| ଅମର୍‌ଲାଉରାନ୍ | – | ଅଙ୍ଗର୍ ଅଙ୍ଗର୍ ବାବୁଙ୍ଗ୍‌ଆଁ ଆଲିଂଆଁ ଆଞ୍ଜାଁ ଅମର୍ ନିଞ୍ଜ୍‌ତେ ଅଲଗାନ୍ । |
| ଆଗ୍ରହ | – | ପାଠପଢା ସହିତ କ୍ରୀଡାରେ ଆଗ୍ରହ ରଖିଥାଅ । |
| ଆମଥ / ମନ | – | ପାଟପଡା ତୁଲଂ କେଲତେ ମନ ଉନ୍‌ଟେରେପେ । |
| ଆଖି | – | ଆମେ ଆଖିର ଯତ୍ନ ନେବା ଉଚିତ୍ । |
| ଅମର | – | ନିଞ୍ଜ୍ ଅମର୍ ନିନିଞ୍ଜଆଁ ଜତନ ନେଗଆଁ ଉଚିତ୍ । |
| ଆବିଷ୍କାର | – | କଲମ୍ବସ ଆମେରିକା ଆବିଷ୍କାର କରିଥିଲେ । |
| ବାତାଏସେର | – | କଲମ୍ବସ ଆମେରିକାବ ଗଟାଂ (ଆବ୍‌ଜଏସେର) ବାତାଏସର । |
| ଆବୃତ୍ତି | – | ରବି ଶ୍ରେଣୀରେ କବିତା ଆବୃତ୍ତି କଲା ନାହିଁ । |
| ଗୀତଏ | – | ରବି ଶେଣିତେ ଗୀତ ଆଗିତୟ । |
| ଆକାଶ | – | ନୀଳ ଆକାଶ ସୁନ୍ଦର ଦେଖାଯାଏ । |
| ସରଗ | – | ନେଳିଆ ସରଗ ରୁମୁଜ୍‌ଡ ଜଏରେ । |
| ଆମ୍ବ | – | ଗ୍ରୀଷ୍ମ ଋତୁରେ ଆମ୍ବ ପାଚେ । |
| ଅଲେ | – | କାରା ଦିନତେ ଅଲେ ବିଲିମ୍‌କେ । |
| ଆହା | – | ଆହା, ବୁଢୀଟି କେତେ ଦୁଃଖ ପାଉଛି । |
| ଅଅ | – | ଅଅ, କାଣ୍ଡାଏରେ କିତି ଦୁଃକ କୁଇରେ । |
| ଆହ୍ଲାଦ | – | ନୂଆ ବହି ଦେଖି କୁନି ଆହ୍ଲାଦ ପାଉଛି । |
| କୁସି | – | ନୁଆ ବଇ ଝଁୟଜ କୁନି କୁସି କୁଇରେ । |
| ଆଶ୍ୱାସନା | – | ବାପା ମୋତେ ଆଶ୍ୱାସନା ଦେଲେ । |
| ସାନ୍ତନା | – | ଆବାଞ୍ଜ୍ ଆଞ୍ଜ୍‌ତେ ସାନ୍ତନା ଡ଼ିଞ୍ଜୁଁଅଁ । |
| ଆୟୋଜନ | – | ବିଦ୍ୟାଳୟରେ କ୍ରୀଡା ଆୟୋଜନ କରାଗଲା । |
| ଆୟଜନ | – | ଇସିକୁଲୁତେ କେଳ ଆୟଜନ୍ କିକିପ୍‌ଇଆନା । |
| ଆବାସ | – | ଜଙ୍ଗଲ ହାତୀମାନଙ୍କ ଆବାସ ସ୍ଥଳ ଅଟେ । |
| ବାସା | – | ବଣ ଆତିକା ବାସା ଜାଗା ଇରେ । |

ଆବଶ୍ୟକ - ପିତାମାତାଙ୍କର ଆଦେଶ ମାନିବା ଆବଶ୍ୟକ ।
ଦରକାର - ଅବାବୁଇକା ଉକୁମ ନେମାନେ ଦରକାର ।
ଆଲୋକ - ସୂର୍ଯ୍ୟଠାରୁ ପୃଥିବୀକୁ ଆଲୋକ ଆସେ ।
ଆଲ୍ - ବେଲଆତା ମୁଲୁକବ (ପୃତିବିବି) ଆଲ୍ ଡେନ୍ଣ୍ଡେ ।
ଆପଣା ପର - ଆପଣା ପର ଭାବିବା ପାପ ଅଟେ ।
ନିଜର ପର - ନିଜର ପର ବାବେଇଆନ୍ଜ ପାପ ଲାଗେରେ ।
ଆରୋଗ୍ୟ - ମୁଁ ତୁମର ଆରୋଗ୍ୟ କାମନା କରେ ।
ଡିଅମିନା - ଆଞ୍ଜ୍ ଆମା ଡିଅ ଇଇତେ ସାଏପ କିପ୍କେ ।
ଆଚରଣ - ଆମ ଆଚରଣ ମାର୍ଜିତ ହେବା ଉଚିତ୍ ।
ବେବଚନା - ନିଞ୍ଜାଁ ବେବଚନା ଡିଅ ମିନା ଡିଅ ।
ଆମ୍ବ ଗଛ - ଆମ ବାରିରେ ଗୋଟିଏ ଆମ୍ବଗଛ ଅଛି ।
ଅଲେ ସୁମସିଞ୍ଜ୍ - ନିଞ୍ଜାଁ ବାକାଳିଆ ମୁଇଁଟ ଅଲେ ସୁମୁସିଞ୍ଜ୍ ଆସିକେ ।
ଆଡମ୍ବର - ଲୋକେ ନୂଆ ବର୍ଷ ଆଡମ୍ବର ସହିତ ପାଳନ୍ତି ।
ଉଗରେସୁନ୍ / ଡିଅର - ଲୁକକି ନୂଆ ବରଷ ଡିଅର ମାନେରିକି ।
ଆଙ୍କିବା - ଚିତ୍ର ଆଙ୍କିବା ଅଭ୍ୟାସ କର ।
ନେବନାଏ - ଚିତର ବନାଏ ଅବେଆସ କିବ୍ପେ ।
ଆଦିମ ମଣିଷ - ଆଦିମ ମଣିଷ ଶିକ୍ଷିତ ନଥିଲେ ।
ଆଗିଲା ମୁଣୁଷ - ଆଗିଲା ମୁଣୁଷକି ଶିକିତ ଆରାସିଆନ୍କି ।
ଆମ୍ଲେଟ - ଅଣ୍ଡା ଆମ୍ଲେଟ୍ ଖାଇବାକୁ ରୁଚିକର ଲାଗେ ।
ଚୁକୁଲି - ସୁସୁତେର୍ ଚୁକୁଲି ଜିଁଜିମ୍ତେ ଡିଅ ଲାଗେରେ ।
ଆବଶ୍ୟକ - ବ୍ୟାୟାମ ଆମ ଶରୀର ପାଇଁ ଆବଶ୍ୟକ ଅଟେ ।
ଦରକାର - ବ୍ୟାୟାମ ନିଞ୍ଜାଁ ଇଣି ଦିରେ ଦରକାର ଇରେ ।
ଆମ ଗାଁ - ଆମ ଗାଁ ଉପର ମୁଣ୍ଡରେ ପାହାଡଟିଏ ଅଛି ।
ନିଞ୍ଜାଁଗାଁ - ନିଞ୍ଜାଁ ଗାଅଁ ଆଲିଂ ମୁଣ୍ଡତା ମୁଇଁଟ ଉଳି ଆସିକେ ।
ଆମ୍ବ ଟାକୁଆ - ଆଦିବାସୀମାନେ ଆମ୍ବ ଟାକୁଆର କୋଇଲି ଖାଆନ୍ତି ।
ଅଲେ ଉକୁଳମ୍ - ଆଦିବାସୀକି ଅଲେଟାଙ୍କୁ ଉକୁଳମ୍ ଜିମ୍କିକି ।
ଆତୁର - ପରୀକ୍ଷା ଫଳ ଜାଣିବା ପାଇଁ ପିଲେ ଆତୁର ହୋଇଥାନ୍ତି ।
ଉଚନ - ପରୀକ୍ଷା ପଳ କଂକଂତେ ଉଆଳିକି ଉଚନ ଇରେକି ।

| | | |
|---|---|---|
| ଆସ୍ଫାଳନ | – | ମନୁଷ୍ୟର ଆସ୍ଫାଳନ ବୃଥା ହୋଇଯାଏ । |
| ଆସା | – | ମୁଣ୍ଡୁସଆ ଆଶା ବେକାର ଇରେ । |
| ଆସ୍ପର୍ଦ୍ଧା | – | ଗର୍ବୀର ଆସ୍ପର୍ଦ୍ଧ ତାର ବିନାଶର କାରଣ ଅଟେ । |
| ଆସା | – | ଗରବିତିଆ ଆସା ଆରା ଗଗଜ୍ଡା କାରଣ ଇରେ । |
| ଆଙ୍ଗୁଠି | – | ଆଙ୍ଗୁଠି ଧରିବାରେ ସାହାଯ୍ୟ କରେ । |
| ଆଙ୍ଗୁଲି | – | ଆଙ୍ଗୁଲି ସସବ୍‌ତେ ସାକାଏକେ । |
| ଆଖଡା ଘର | – | ପୂର୍ବ କାଳର ଆଖଡା ଘର ବର୍ତ୍ତମାନ ଆଉ ନାହିଁ । |
| ଆକାଳା ଇଞ୍ଜାଁ | – | ଆଗିଲା କାଳଆ ଆକାଳା ଇଞ୍ଜାଁ ଏକଳଂ ଆଉ ଯତେ । |
| ଆଶ୍ୱସ୍ତ | – | ଭଲ ଫସଲ ଦେଖି ଚାଷୀ ଆଶ୍ୱସ୍ତ ହୁଅନ୍ତି । |
| କୁସି | – | ଡିଅ କିରିସି ଝୟଁକିଜ ତାସିକି କୁସି ଇରିକି । |
| ଆଗ୍ରହୀ | – | ପିଲାମାନେ ପାଠ ପଢାରେ ଅଧିକ ଆଗ୍ରହୀ ହେବା ଉଚିତ୍ । |
| ଆଗ୍ରଅ | – | ଉଆଳିକି ପାଟ ପଢ଼େତେ ଉଦିକ ଆଗ୍ରହ ମିଇନାକି ଡିଅ । |
| ଆନନ୍ଦ | – | ଈଶ୍ୱର ଭୟ ପ୍ରକୃତରେ ଆନନ୍ଦ ଦିଏ । |
| କୁସି | – | ଈଶ୍ୱର ବେତଂ ପ୍ରକୃତରେ କୁସି (ଆନନ୍ଦ) ଡିଞ୍ଜ୍‌କେ । |
| ଆସ | – | ଆସ ସ୍କୁଲ୍‌କୁ ଯିବା । |
| ଉଆ | – | ଉଆ ଇସ୍କୁଲ ନନା । |
| ଆଗ | – | ଆଗ ଧାଡିରେ ବସିଲେ ଶିକ୍ଷା ଦାନ ଭଲ ଶୁଭେ । |
| ଆଗିଲା | – | ଆଗିଲା ଡାଳିତେ ଡକଇଆନ୍‌ଲେ ପାଟପଡା ଡିଅ ଅଂଡେ । |
| ଆରମ୍ଭ | – | ପ୍ରାର୍ଥନା କରି କାର୍ଯ୍ୟ ଆରମ୍ଭ କରିବା ଭଲ । |
| ଉନୁକୁଳ | – | ପାରତନା କିବକିଜ କମ୍ ଉନୁକୁଳ କିକିବ୍ ଡିଅ । |
| ଆତ | – | ଆତ ଫଳ ଭାରି ସୁଆଦିଆ ଲାଗେ । |
| ବାରାଳା | – | ବାରାଳା ଲାକୁ ସୁଗାଇ ମୁଦୁରିଆ ଲାଗେରେ । |
| ଆଶା | – | ପରିଶ୍ରମ ବିହୀନ ଆଶା ବୃଥାରେ ଯାଏ । |
| ଆସା | – | କମ ବିନା ଆସା ବେକାର ଅଣ୍ଡେ । |
| ଆଲମିରା | – | ଆଲମିରାରେ ବହିପତ୍ର ସୁରକ୍ଷିତ ରହେ । |
| ଆଲମାରି | – | ଆଲମାରିତେ ବୁଇଅଲାଗ୍ ଡିଅ ରଏରେ । |
| ଆଙ୍କୁଡି | – | ଆଙ୍କୁଡି ସାହାଯ୍ୟରେ ଆମ୍ବ ତୋଳାଯାଏ । |
| ଆଂକୁସା | – | ଆଙ୍କୁସାବ ଅଲେ ରୁରୁବ୍ ଇରେ । |

| | | |
|---|---|---|
| ଆୟୋଜନ | - | ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଆୟୋଜନ କରାଯାଏ । |
| ଆୟୋଜନ | - | ଇସିକୁଲୁତେ ବର୍ଷକିଆ ଅବ ଆୟୋଜନ କିକିବ୍‌ଇରେ । |
| ଆହୁରି | - | ଭଲ ଫଳ ପାଇବାକୁ ହେଲେ ଆହୁରି ପରିଶ୍ରମ କର । |
| ଆଉରି | - | ଡିଅ ପଳ କୁକୁଇତେ ଏଲେ ଆଉରି ଚେସେଟା କିବ୍‌ପେ । |

## - ଇ -

| | | |
|---|---|---|
| ଈଶ୍ୱର | - | ଈଶ୍ୱର ଆମ ସୃଷ୍ଟିକର୍ତ୍ତା ଅଟନ୍ତି । |
| କଏଲଂ | - | କଲ୍ୟଂ (ଈଶ୍ୱର) ନିଞ୍ଚାଁ ଜନମ କରତା ଇରେ । |
| ଇଟା | - | ଇଟା ଗଢି ପୋଡାଯାଏ । |
| ଇଟା | - | ଇଟା ବନାଏଅଁକିଜ ଲବ୍‌ତରଇରେ । |
| ଇସ୍ତ୍ରୀ | - | ଇସ୍ତ୍ରୀ କରିବା ପରେ ପୋଷାକ ପିନ୍ଧିବା ଭଲ । |
| ଇସ୍ତ୍ରୀ (ଆଇରନ) | - | ଇସ୍ତ୍ରୀ କିବାନ୍‌କିଜ ଉଙ୍ଗିପେଣ୍ଟ କୁକୁର୍‌ଡେ ଡ଼ିଅ । |

## - ଉ -

| | | |
|---|---|---|
| ଉତ୍ତର | - | ପ୍ରଶ୍ନର ସିଠକ୍ ଉତ୍ତର ଦିଅ । |
| ଉତ୍ତର | - | ପରସନରା ଟିକି ଉତର ଡ଼ିଞ୍ଚେଁ । |
| ଉଚିତ | - | ପିଲାମାନଙ୍କୁ ଉଚିତ ଶିକ୍ଷା ଦିଅନ୍ତୁ । |
| ଡିଅ | - | ଉଆଳିକିତେ ଡିଅ ଶିକ୍ଷା ଡିଞ୍ଚେଁପେ । |
| ଉଦୟ | - | ପ୍ରତିଦିନ ଠିକ୍ ସମୟରେ ସୂର୍ଯ୍ୟ ଉଦୟ ହୁଏ । |
| ଆରିରେ | - | ଦିନି ଟିକି ବେଳତେ ବେଳ ଆରିରେ । |
| ଉପାଧି | - | ବିଜ୍ଞ ଲୋକମାନଙ୍କୁ ଯୋଗ୍ୟ ଉପାଧି ଦିଆଯାଏ । |
| ଉପାଦି / ନାଆଁ | - | ଗିଆନି ଲୁକକିତେ ଯୋଗ୍ୟ ନାଆଁ ଦିଆଇରେ (ଡିଣ୍ଡିଜ୍‌ଇରେ) । |
| ଉପଯୁକ୍ତ | - | ରୋଗୀକୁ ଉପଯୁକ୍ତ ଚିକିତ୍ସା ଆବଶ୍ୟକ । |
| ଡିଅ (ଟିକ୍) | - | ବେମ୍ୱାରିଆତେ ଟିକ୍ ଡାଡାମାମାର୍ ଦରକାର । |
| ଉଦ୍ଭାବନ | - | ମାର୍କୋନି ରେଡିଓ ଉଦ୍ଭାବନ କରିଥିଲେ । |
| ଉଜରାଏ | - | ମାର୍କୋନି ରେଡିଓ ଉଜରାଏ ସେର । |

| | | |
|---|---|---|
| ଉହାଡ | - | ପାହାଡ ଉହାଡରେ ସୂର୍ଯ୍ୟ ଲୁଚି ଗଲେ । |
| ଆଉତା | - | ଉଳି ଆଉତା ବେଳେ  ଲର୍‌ରାନ୍ । |
| ଉପାୟ | - | ମନ ଥିଲେ ଉପାୟ ଆସେ । |
| ଉପାୟ | - | ମନ ଆସିଆନ୍‌ଲେ ଉପାୟ ଡେନଣ୍ଡ । |
| ଉଚ୍ଚତା | - | ରବି ଉଚ୍ଚତାରେ ସବୁଠୁ ଡେଙ୍ଗା ପିଲା ଅଟେ । |
| ଜାଲିଂ | - | ରବି ସାବରେଞ୍ଜାଁତା ଜାଲିଙ୍ଗ୍ ମୁନୁଷ କନନ୍ । |
| ଉନ୍ନତି | - | ପିତାମାତା ପିଲାମାନଙ୍କର ଉନ୍ନତି କାମନା କରନ୍ତି । |
| ବରନଟାଗ୍ | - | ଅବାବୁଇ ଉଆଲିକା ବରନ୍‌ଡାଗ୍‌ତେ ଗାମ୍‌କିକି । |
| ଉର୍ଦ୍ଧ୍ୱକ୍ରମ | - | ଉର୍ଦ୍ଧ୍ୱକ୍ରମରେ ସଜାଇ ରଖ । |
| ସାନତା କୁବା | - | ସାନତା କୁବାବ ସଜାଏପେଜ ଉନେପେ । |
| ଉତ୍ସାହିତ | - | ପ୍ରଶଂସା ମିଳିଲେ ସମସ୍ତେ ଉତ୍ସାହିତ ହୁଅନ୍ତି । |
| କୁସି | - | ପରସଂସା କୁଇଆନ୍‌କିଲେ ସମନ୍ଦାଏ ଉଗରେରିକି । |
| ଉପରେ | - | ଚାଳ ଉପରେ କାଉଟିଏ ବସିଛି । |
| ଆଲିଂଆଁ | - | ଡିଲୁଂ ଆଲିଂଆଁ ଗୁଆଁଗ୍ ଡକସେରେ । |
| ଉତ୍ତମ | - | ମୀନା ଜଣେ ଉତ୍ତମ ବାଳିକା ଅଟେ । |
| ଡିଅ | - | ମୀନା ମିନଗ୍ ଡିଅ ଉଆଲି କଞ୍ଚେଲାନ୍ । |
| ଉଦୁଉଦିଆ | - | ଉଦୁଉଦିଆ ଖରାରେ ପଦାକୁ ବାହାରନ୍ତୁ ନାହିଁ । |
| ଦୁମୁ | - | ଦୁମୁ କାରାତେ ପାଦାବ ଏଆରିଆନ୍‌ଡ । |
| ଉଡିବା | - | ଛୁଆପକ୍ଷୀ ମାଆଠାରୁ ଉଡିବା ଶିଖେ । |
| ନୁଡିନା | - | କନ୍ତେର୍ କନନ୍‌ଡେ ବୁଇରାତା ଉଡି ସଏଜ୍‌କେ । |
| ଉପଦେଶ | - | ଗୁରୁଜନମାନଙ୍କର ଉପଦେଶ ମାନି ଚଳ । |
| ଡିଅଗାତା | - | କୁବାକା ଡିଅଗାତା ନେମାନେଜ ନେଚଲେ । |
| ଉଭା | - | ଘନ ମେଘ ଆସ୍ତରଣ ମଧ୍ୟରେ ସୂର୍ଯ୍ୟ ଉଭା ହେଲେ । |
| ଉବା/ଆରିଆନ୍ | - | ନିଗୁଟ ବାଦଳ ଆଲୁଂତା ବେଳ  ଆରିଆନ୍ । |
| ଉଚ୍ଚସ୍ୱର | - | ରମା ମୋତେ ଉଚ୍ଚ ସ୍ୱରରେ ଡାକିଲା । |
| ଜୁରୁ ତମର୍‌ବ | - | ରମା ଆଞ୍ଜ୍‌ତେ ଜୁରୁ ତମର୍‌ବ ଡାକେଅ । |
| ଉପକାର | - | ଅସହାୟ ଲୋକର ଉପକାର କର । |
| ଉପକାର | - | ନିଆସରା ଲୁକକା ଉପକାର କିବେପେ । |

| | | |
|---|---|---|
| ଉଦ୍‌ଯୋଗ | – | ଦେଶ ସେବାରେ ଉଦ୍‌ଯୋଗ ଥିବା ଆବଶ୍ୟକ । |
| ଉଦୁ୍ୟୁଗ | – | ଦେଶ ସେବାତେ ଉଦୁ୍ୟୁଗ୍ ମାସିନା ଦରକାର । |
| ଉଇ | – | ଉଇ ବହି ପତ୍ର ଖାଇଯାଏ । |
| ତୁବ୍‌ଡିର୍ | – | ତୁବ୍‌ଡିର୍ ବୁଇ ପତର ଜିମିଞ୍ଜ୍‌କେ । |
| ଉତ୍ତାପ | – | ଜ୍ୱର ହେଲେ ଦେହର ଉତ୍ତାପ ବଢେ । |
| ତାତ | – | ଜର ଇଆନ୍‌ଲେ ଇଣିଆ ତାତି ବଡେରେ । |
| ଉତ୍ପାଦନ | – | କୃଷି ଉତ୍ପାଦନ ବଢାଇବା ଆବଶ୍ୟକ । |
| ଆଇମଲ | – | ତାସ ଆଇମଲ ବଡାଇବା ଦରକାର । |
| ଉଷୁମ | – | ଶୀତ ଦିନେ ଉଷୁମ ପାଣିରେ ଗାଧୋଇବା ଭଲ । |
| ଉଷୁମ | – | ରାଂଆଁ ଦିନତେ ଉଷୁମ ଡାଗ୍‌ତେ ଚିଞ୍ଜାଲେରେ ଡିଅ । |
| ଉଚିତ୍ | – | ପିଲାମାନେ ପିତାମାତାଙ୍କର ଆଜ୍ଞାବହ ହେବା ଉଚିତ୍ । |
| ଡିଅ | – | ଉଆଲିକି ଅବାବୁଇରାକା ଗାତା ମାମାନିକି ଡିଅ । |
| ଉପକରଣ | – | ପାଠ ଉପକରଣ ସାଇତି ରଖ । |
| ଜିନିଷ | – | ପାଟ ଗିନିଷ ସାଏତଏପେଜ ଉନେପେ । |
| ଉପସ୍ଥିତ | – | ଶିକ୍ଷକ ଡାକିବା ମାତ୍ରେ ମୁଁ ଉପସ୍ଥିତ ରହେ । |
| ଡେନ | – | ମାଷଟର ଯିନ୍ତି ଡାକେଅ ଆଞ୍ଜ୍ ଡେନ । |
| ଉକୁଣି | – | ଅପରିଷ୍କାର ମୁଣ୍ଡରେ ଉକୁଣି ଜାତ ହୁଅନ୍ତି । |
| ଏସେ | – | ଗାଣ୍ଡା ବକବ୍‌ତେ ଏସେ ଜନମ ଇରେକି । |
| ଉତ୍ତର ଦିଗ | – | ଉତ୍ତର ଦିଗରୁ ଥଣ୍ଡା ପବନ ବହେ । |
| ଉତ୍ତର ଦିଗ | – | ଉତ୍ତର ଦିଗତା ଏମାଣ (ପବନ) କୟ କୟକେ । |
| ଉତ୍କୃଷ୍ଟ | – | କନ୍ଧମାଳରେ ଉତ୍କୃଷ୍ଟ ହଳଦୀ ଉତ୍ପାଦନ କରାଯାଏ । |
| ଡିଅ | – | କନ୍ଦମାଲତେ ଡିଅ ସାସାଂ ଆମଦାନୀ କିକିପ୍ ଇରେ । |
| ଉତ୍ପାଦିକା | – | ଜମିର ଉତ୍ପାଦିକା ଶକ୍ତି କମି ଗଲାଣି । |
| ଉର୍ବରବଳ | – | ଜମିଆ ଉରୁବର ବଳ କମେଆନ୍‌ତେ । |
| ଉଚ୍ଚ | – | ଶାଗୁଣା ଖୁବ୍  ଉଚ୍ଚରେ ଉଡିପାରେ । |
| ଜାଲିଂ | – | କେଣ୍ଡେଲାଂ ସୁଗାଇ ଜାଲିଂତେ ଉଡିରିମ୍‌ଡେ । |
| ଉଚ୍ଚାସନ | – | ସମ୍ମାନନୀୟ ଅତିଥିଙ୍କୁ ଉଚ୍ଚ ଆସନରେ ବସାଯାଏ । |
| ଜାଲିଂ ଆସନ୍ | – | କୁବା କୁବା କୁଣିଆକିତେ ଜାଲିଂ ଆସନତେ ଡବ୍‌କଏ ଇରେ । |

| | | |
|---|---|---|
| ଉଚ୍ଛନ୍ନ | – | ଦୁର୍ଘଟଣାରେ ତା'ର ସବୁ ଉଚ୍ଛନ୍ନ ହୋଇଗଲା । |
| କେଲେଞ୍ଜ୍ | – | ଦୁରୁଗଟଣାତେ ଆରା ସମୁନ୍ଦାଏ କେଲେଞ୍ଜ୍ ଇଆନା । |
| ଉତ୍ପାତ | – | ଦୁଷ୍ଟମାନଙ୍କର ଉତ୍ପାତ ବଢ଼ିବାରେ ଲାଗିଛି । |
| ଉତୁପାତ | – | ଦୁଷ୍ଟୁଟକା ଉତୁପାତ ବଡେ ବଡେ ଅଣ୍ଡେ । |
| ଉତ୍କଟ | – | କିଛି ବର୍ଷ ପରେ ଖଣିଜ ତୈଳର ଉତ୍କଟ ଅଭାବ ହେବ । |
| ଆବିରାଏ | – | କିଚି ବରଷ ପରେ କଣି ଅଜନରା ଆବିରାଏର ଅବାବ ମିଇନା । |
| ଉତ୍ପତ୍ତି | – | ଜମି ରହୁଥିବା ପାଣି ମଶାର ଉତ୍ପତ୍ତି ସ୍ଥଳ ଅଟେ । |
| ଜନମ | – | ଟୁମୁଲରମା ଡାଗ୍ କାତିର୍‌କା ଜନମ ଜାଗା ଇରେ । |
| ଉତ୍ସ | – | ଗ୍ରୀଷ୍ମ ଋତୁରେ ଜଳସ୍ରୋତ ଉତ୍ସ ଶୁଖିଯାଏ । |
| ଜାଗା | – | କାରା ଋତୁତେ ଡାଗ୍‌ଦାରା ଜାଗା କସର୍‌କେ । |
| ଉତ୍ସାହୀ | – | ଉତ୍ସାହୀ ବ୍ୟକ୍ତି ସବୁ କାମରେ ସଫଳ ହୁଏ । |
| ଆଗରଅ ମାସିନା | – | ଆଗରଅ ମାସିନା ଲୁକ ଟାଙ୍କୁଣିଞ୍ଜ୍ ପାଇଟିତେ ସପଳ ଇରେ । |
| ଉତ୍ତୋଳନ | – | ଖଣିରୁ ଖଣିଜ ପଥର ଉତ୍ତୋଳନ କରାଯାଏ । |
| ଆବିରାଏ | – | କଣିତା କଣିଆ ଏଗେର୍ ଆବିରାଏ କିକିବ୍‌ଇରେ । |
| ଉପବାସ | – | ଉପବାସ ଦ୍ୱାରା ପାକସ୍ଥଳୀ ବିଶ୍ରାମ ପାଇଥାଏ । |
| ଉପାସ | – | ଉପାସ ଦୁଆରା ଅଜମଜାଗା ଜିରାଏସେରେ । |
| ଉଠାଇ | – | ବେଳେବେଳେ ପବନ ଚାଳକୁ ଉଠାଇ ନେଇଥାଏ । |
| ଉଡାଅଜ | – | ତରତରମିଞ୍ଜ୍ ପବନ ତିଲୁଙ୍ଗ୍‌ତେ ଉଡାଅଜ ଗଗ୍‌କେ । |
| ଉଭୟ | – | ବିଦ୍ୟାଳୟ ସଫା ରଖିବା ଛାତ୍ରଛାତ୍ରୀ ଉଭୟଙ୍କ କର୍ତ୍ତବ୍ୟ ଅଟେ । |
| ବାନଲଂ | – | ଇସ୍କୁଲୁ ସାପା ଉନୁନ୍ ଚାତ୍ର ଚାତ୍ରୀକା କମ୍ ଇସେରେ । |
| ଉଇକେଟ୍ | – | କ୍ରିକେଟର ଗୋଟିଏ ଦଳରେ ଏଗାରଟା ଉଇକେଟ ଥାଏ । |
| ଉଇକେଟ୍ | – | କ୍ରିକେଟ୍‌ତେ ମୁଇଣ୍ଟ୍ ଦଳତେ ଏଗାରଗଟା ଉଇକେଟ୍ ଆସିକେ । |
| ଉପର | – | ବାୟୁମଣ୍ଡଳର ଉପର ଭାଗରେ ମହାଶୂନ୍ୟ ରହିଛି । |
| ଆଲିଂ | – | ପବନ ତରଆ ଆଲିଂ ବାଗତା କୁବାସରଗ ଆସିକେ । |
| ଉର୍ବର | – | ପ୍ରଚୁର ଫସଲ ନିମନ୍ତେ ଉର୍ବର ମାଟି ଆବଶ୍ୟକ । |
| ରସାଳ | – | ସୁଗାଇ କିରିଷି ଦିରେ ରସାଳ ଲଟପ୍ ଦରକାର । |

## - ଊ -

| | | |
|---|---|---|
| ଊଣା | - | ପାଠ ପଢ଼ା ଊଣା କର ନାହିଁ । |
| ଅଲପକମ୍ | - | ପାଟ ପଡେତେ କମ୍ ଇକିବର । |
| ଓଳି | - | ଗ୍ରୀଷ୍ମ ଋତୁରେ ଏକ ଓଳି କାମ କରିବା ଭଲ । |
| ଉଳି | - | ଗିରିସିମ /କାରା ଋତୁତେ ମୁଇଁଷ୍ଟ ଉଳି ପାଇଟି କମମନାକି ଡିଅ । |
| ଋତୁ | - | ଗ୍ରୀଷ୍ମ ଋତୁରେ ଆମ୍ବ ପାଚେ । |
| ଋତୁ | - | କାରା ଋତୁତେ ଅଲେ ବିଲିମ୍‌କେ । |

## - ଏ -

| | | |
|---|---|---|
| ଏଣେ ତେଣେ | - | ଆବର୍ଜନା ଏଣେତେଣେ ପକାନ୍ତୁ ନାହିଁ । |
| ଆଉବନିବ | - | ଜବରାରେକି ଆଉବନିବ ଇଟିଅଗର । |
| ଏଣ୍ଡୁଅ | - | ଏଣ୍ଡୁଅ କଙ୍କି ମାରି ଖାଏ । |
| ଗରେଜ୍ | - | ଗରେଜ୍ ରିଂରିଂତେ ଅବ୍‌ଗଜଜ ଜିମ୍‌କେ । |
| ଏକ | - | କୁକୁର ଏକ ବିଶ୍ୱସ୍ତ ପ୍ରାଣୀ ଅଟେ । |
| ମୁଇଷ୍ଟ୍ | - | ସେଲକ୍ ମୁଇଷ୍ଟ ବିଶାସି ଜୀବ । |
| ଏକବାର ଛୁ | - | କୁକୁରକୁ ଦେଖି ମାଙ୍କଡ ଏକବାର ଛୁ । |
| ଏକଦମ୍ ଡୁଂ | - | ସେଲଗ୍‌ତେ ଜୟଜ ସାକଏରେ ଏକଦମ୍ ଡୁଂଅଁ । |
| ଏକଜୁଟ | - | ଗାଆଁ ଲୋକମାନେ ଏକଜୁଟ୍ ହୋଇ ରାସ୍ତା ମରାମତି କଲେ । |
| ଏକଜୁଟ | - | ଗାଅଁ ଲୁକକି ଏକଜୁଟ ଇଆନ୍‌କିଜ ରାସ୍ତା ମରାମତି କିବକି । |
| ଏକକ | - | ମିଟର ଦୂରତା ମାପିବାର ଏକକ ଅଟେ । |
| ଡାଂଡାଂ | - | ମିଟର ଜିଲର୍ ଡାଂଡାଂତେ ଡାଡାଂ ଦାଉଲା ଇରେ । |
| ଏଇଠି | - | ଏଇଠି ବସି ମୁଁ ନିତି ବହି ପଢେ । |
| ନାନ୍‌ତେ | - | ନାନ୍‌ତେ ଡକଆନ୍‌ଜ ଆଞ୍ଜ୍ କାଆସ ବଇ ପଡେକେ । |
| ଏକତା | - | ଏକତା ହିଁ ବଳ ଅଟେ । |
| ମେଳ | - | ମେଳ ଇଁ ବଳ ଇରେ । |
| ଏକଲା | - | ଆମ ଗ୍ରାମରୁ ମୁଁ ଏକଲା କଲେଜ ଯାଏ । |
| ମିନଗ୍ | - | ନିଞ୍ଜାଁ ଗାଅଁଡା ଆଞ୍ଜ୍ ମିନଗ୍ କଲେଜ୍ ଅଣ୍ଡେ । |

| | | |
|---|---|---|
| ଏମନ୍ତ | - | ଏମନ୍ତ କରି ଦେଖାଅ, ଯାହା ଦେଖି ଲୋକ ଖୁସି ହେବେ । |
| ନୁଇଁଣ୍ଡ | - | ନୁଇଁଣ୍ଡ କିବେପେଜ ଆବ୍‌ଜଏପେ, ଯାଆ ଜୟକିଜ ଲୁକ କୁସି ମିନାକି । |
| ଏବେ | - | ଏବେ ପାଠ ପଢାର ସମୟ ଅଟେ । |
| ଏକଲଂ | - | ଏକଲଂ ପାଟ ପଡାରା ବେଳ ଇରେ । |
| ଏଟିଏମ୍ | - | ଏଟିଏମ୍‌ରୁ ଯେକୌଣସି ସମୟରେ ଟଙ୍କା ଉଠାଯାଏ । |
| ଏଟିଏମ | - | ଏଟିଏମତା ଯେତେବେଳତେଲେ ଟାଙ୍କା ଉଟାଏ ଇରେ । |

## - ଐ -

| | | |
|---|---|---|
| ଏନ୍ତୁଡିଶାଳ | - | ଏନ୍ତୁଡିଶାଳ ଆମ ଜନ୍ମସ୍ଥାନ ଅଟେ । |
| ଉନ୍ତରୀସାଳ | - | ଉନ୍ତରୀଶାଳ ନିଞ୍ଜାଁ ଜନମ ଜାଗା ଇରେ । |
| ଏକଟଙ୍କିଆ | - | ଆଜିକାଲି ଏକଟଙ୍କିଆ ନୋଟ୍ ଦେଖାଯାଏ ନାହିଁ । |
| ଟାଙ୍କାକିଆ | - | ତମେନ୍ ଟାଙ୍କାକିଆ ଲୁଟୁ ଆବ୍‌ଜଏରମ୍ ଯେନା । |
| ଏକଦଶ | - | ମୁଁ ଏକଦଶ ବାର ଚିଲିକା ଦେଖିଛି । |
| ମୁଇଣ୍ଟ ଦଶତର | - | ଆଞ୍ଜ୍ ଦଶତର ଚିଲିକା ଝଁଏସେକେ । |
| ଏକାଠି | - | ପରିବାରରେ ସମସ୍ତେ ଏକାଠି ରହନ୍ତି । |
| ମୁଲଁଟାଣତେ | - | କୁଟୁମାଳିରା ଟାଙ୍କୁଣିଞ୍ଜ୍ ମୁଇଁଟାଣତେ ରଏରିକି । |
| ଏକାଧିକ | - | ମୋ ପାଖରେ ଏକାଧିକ ଗଣିତ ବହି ଅଛି । |
| ମୁଇଁନ୍ତା ଉଦିକ | - | ଆଞ୍ଜାଁ ଆସାଞ୍ଜାଁ ମୁଇଁଣ୍ଟତା ଉଦିକ ଗଣିତ ବଇ ଆସିକେ । |
| ଏକାଡିଆଁ | - | ମାଙ୍କଡଟି ଏକା ଡିଆଁରେ ପଳାଇଲା । |
| ମୁଇଁ ଡେଗାବ | - | ସାକଏରେ ମୁଞ୍ଜ୍ ଡେଗାବ ଡୁଂଅଁ । |
| ଏକାପ୍ରକାର | - | ସୈନିକମାନେ ଏକ ପ୍ରକାରର ପୋଷାକ ପିନ୍ଧନ୍ତି । |
| ଏକ ରକମ | - | ସଇନିକି ଏକା ରକମଆ ଉଙ୍ଗପେଣ୍ଟେ କୁର୍‌ଡିକି । |
| ଏହି | - | ଏହି ଦେଶ ଆମ ଜନ୍ମଭୂମି ଅଟେ । |
| ଇନି | - | ଇନି ଦେଶ ନିଞ୍ଜାଁ ଜନମ୍ ଲକା ଇରେ । |
| ଐରାବତ | - | ଐରାବତ ହାତୀମାନଙ୍କ ଦଳପତି ଅଟେ । |
| ଦନ୍ତାଆତି | - | ଦାନ୍ତାଆତି ଆତିକା ଦଳମୁକିଆ ଇରେ । |

| | | |
|---|---|---|
| ଓ | - | ମାଛ ଓ ମାଂସ ଶରୀରର ବୃଦ୍ଧି କରନ୍ତି । |
| ଆଉ | - | କାରଂ ଆଉ ଆଏଲା ଇଣି ଆବ୍‌କୁବାଏକିକିଆ । |
| ଓଳି | - | ଗୋଟିଏ ଓଳି କାମ କଲେ ଅଧା ମଜୁରୀ ପାଇବ । |
| ଉଳିମିଞ୍ଜ୍ | - | ମୁଇଁଟ ଉଳି କମ ଇକିବଲେ ଅଦା ମୁଲ ଇକୁଇନା । |
| ଓଠ | - | ଶୀତଦିନେ ଓଠ ଫାଟେ । |
| ସିଲିତମ୍ | - | ରାଂଆଁଦିନତେ ସିଲିତମ୍ ପାକ୍‌ଡେ । |
| ଓସାର | - | ଓସାର ଲମ୍ବା ଅପେକ୍ଷା ସାନ ଅଟେ । |
| ଅସାର | - | ଅସାର ଜିଲର୍ ଆତା ସାନ ଇରେ । |
| ଓଜନ | - | ଚାଷୀମାନେ ଓଜନ କରି ପନିପରିବା ବିକିବା ଉଚିତ୍ । |
| ଉଜନ | - | ଡାସିକି ଉଜନବ ପୁନିପରିବା ମାବ୍‌ସଂଆଁକି ଡିଅ । |
| ଓଧ | - | ଓଧ ପାଣିରେ ଯା’ ଆସ କରି ପାରେ । |
| ଉଦ | - | ଉଦ ଡାଗ୍‌ତେ ଅଙ୍ଗର୍ ଡେଙ୍ଗର୍ କିକିପ୍ ରିମ୍‌ଡ଼େ । |
| ଓହ୍ଲାଇବା | - | ସାବଧାନରେ ସାଇକେଲରୁ ଓହ୍ଲାଇବା ଉଚିତ୍ । |
| ମଅଲେନା | - | ଉସିଆରବ ସାଇକେଲତା ମଅଲେନା ଡିଅ । |
| ଓଟ | - | ଓଟ ମରୁଭୂମିର ଜାହାଜ ଅଟେ । |
| ଉଟ | - | ଉଟ ମରୁବୁମିଆ ଜାଆଜ ଇରେ । |
| ଓସାରିଆ | - | ଗାଁ ଗହଳିରେ ଓସାରିଆ ରାସ୍ତା ନ ଥାଏ । |
| ଉସାରିଆ | - | ଗାଅଁ ଗଅଳିଆ ଅସାରିଆ ଗଟାଂ ଆରାସିକେ । |
| ଓଷ୍ଠ | - | କଥା କହିବାରେ ଓଷ୍ଠ ସାହାଯ୍ୟ କରେ । |
| ସିଲିତମ୍ | - | ଗାତା ଗାତାଏତେ ସିଲିତମ୍ ସାଆଜ କିପ୍‌କେ । |
| ଓଲଟାଇ | - | ଘୂର୍ଣ୍ଣିବାୟୁ ଘରର ଚାଳ ଓଲଟାଇ ଫିଙ୍ଗେ । |
| ଲଅଟାଅଜ | - | ବୁମୁଲାଏନମା ପବନ ଇଞ୍ଜାଁରା ତିଲୁଂ ଲଅଟାଅଜ ତମ୍‌କେ । |
| ଓଡିଶୀ | - | ଓଡିଶୀ ନୃତ୍ୟ ବିଶ୍ୱ ଦରବାରରେ ଆଦର ପାଉଛି । |
| ଓଡିଶୀ ନାଟ | - | ଓଡିଶୀ ନାଟ ପୁତିବି/ ମୁଲକ ଦରବାରତେ ଆଦର କୁଇରେ । |
| ଓହଳି | - | ଯାନବାହନରେ ଓହଳି ଯାତ୍ରା କରିବା ବିପଦପୂର୍ଣ୍ଣ ଅଟେ । |
| ଡାଲିଆଂ | - | ଗାଡିମଟରତେ ଡାଲିଆଂଆଁନ୍‌କିଜ ମଅନାକି ବିପଦପୂର୍ଣ୍ଣ ଇରେ । |

## - ଔ -

| | | |
|---|---|---|
| ଔଷଧ | - | ଡାକ୍ତର ପରାମର୍ଶରେ ଔଷଧ ସେବନ ନିରାପଦ ଅଟେ । |
| ଅସ | - | ଡାକତୁରଆ ଗାତା ଅନୁସାରେ ଅସ ମୁରେ (ମିଜିମ୍ରେ) ନିରାପଦ ଇରେ । |
| ଔଷଧ | - | ଔଷଧ କିଣିବା ପାଇଁ ଗରିବ ଲୋକଙ୍କଠାରେ ପଇସା ନ ଥାଏ । |
| ଅସ | - | ଅସ ସଂସଂଆଁ ଦିରେ ଗରିବ ଲୁକାକାସାମୁରାକାତେ ପଇସା ଆରାସିକେ । |
| କଜିଆ | - | ଶ୍ରେଣୀରେ କଜିଆ କର ନାହିଁ । |
| କଲେଜ୍ | - | ଶେଣିତେ ଏକଲେଜାନ୍ଡ । |

## - କ -

| | | |
|---|---|---|
| କଳି | - | କଳିରୁ ଶାନ୍ତି ହଜିଯାଏ । |
| କଲେଜ୍ | - | କଲେଜ୍ତା ଶାନ୍ତି ଲର୍ଡେ । |
| କଥାଭାଷା | - | ଆମ କଥାଭାଷା ମଧୁର ହେବା ଉଚିତ୍ । |
| ଗାତାବାରାତା | - | ନିଞ୍ଚାଁ ଗାତାବାରାତା ମିଟାଲିଆ ମିନା ଡିଅ । |
| କରୁଣ | - | ଦୁଃଖୀ ଲୋକର କରୁଣ କ୍ରନ୍ଦନ ଈଶ୍ୱର ଶୁଣନ୍ତି । |
| ଆଲବଗ୍ | - | ଦୁକି ଲୁକଆ ଆଲବକ୍ ଜେଜେଗ୍ ଈଶ୍ୱର ଅଂକେ । |
| କମ୍ପାଉଣ୍ଡର | - | ଡାକ୍ତରଖାନାରେ କମ୍ପାଉଣ୍ଡର ଔଷଧ ଦିଅନ୍ତି । |
| କମ୍ପାଉଣ୍ଡର | - | ଡାକତରକାନାତେ କମ୍ପାଉଣ୍ଡର ଅସ ଡିଞ୍ଜ୍କେ । |
| କର୍ମଚାରୀ | - | କର୍ମଚାରୀ ନିଜ କର୍ତ୍ତବ୍ୟରେ ବିଶ୍ୱସ୍ତ ହେବା ଉଚିତ୍ । |
| କରମଚାରୀ | - | କରମଚାରୀ ନିଜ କରମତେ ବିଶାସ କିମିବେ ଡିଅ । |
| କରଇ | - | ମୁଁ ନିତି ସକାଳେ ପ୍ରାର୍ଥନା କରଇ । |
| କିପକେ | - | ଆଞ୍ଜ୍ ଦିନି ସେକାଳତେ ପାରାତାନା କିପ୍କେ । |
| କଷଣ | - | କଷଣ ସହିବା ବୁଦ୍ଧିମାନର କାମ ଅଟେ । |
| କଷଟ | - | କଷଟ ସମଏ ବୁଦିଆକା କମ୍ ଇରେ । |
| କର୍ଣ୍ଣ | - | କର୍ଣ୍ଣ ଦ୍ୱାରା ଶୁଣି ହୁଏ । |
| ଲୁତୁର | - | ଲୁତୁର୍ବ ଅଅଂ ଇରେ । |

କଇଁଚି – କଇଁଚିରେ ବାଳ କଟାଯାଏ ।

ଚାକୁ – ଚାକୁବ ଜୁଷ୍ଟା ସେସେଜ୍ଇରେ / ଗାଗାର୍ଇରେ ।

କଇଁଛ – ଗହୀରମଥା କଇଁଛଙ୍କ ପ୍ରଜନନ କେନ୍ଦ୍ର ଅଟେ ।

କଞ୍ଝେଅ – ଗହୀରମଥା କଞ୍ଝେଅଁକା ଜନମ କେନ୍ଦ୍ର ଇରେ ।

କଣ୍ଟା – ଗୋଲାପ ଗଛରେ କଣ୍ଟା ଥାଏ ।

ଜୁଲାଗ୍ – ଗୋଲାପ ସୁମୁସିଞ୍ଜ୍ତେ ଜୁଲାଗ୍ ଆସିକେ ।

କଦଳୀ – କଦଳୀ ଏକ ସୁଆଦିଆ ଫଳ ଅଟେ ।

କୁଦିଳ – କୁଦିଳ ମୁଇଁଣ୍ଟ ସୁଆଦିଆ ଲାକୁ ଇରେ ।

କମଳା – କମଳାରୁ ଫଳରସ ପ୍ରସ୍ତୁତ କରାଯାଏ ।

କମଳା – କମଳାତା ଲାକୁରସ ତିଆରି କିକିବ୍ଇରେ ।

କଞ୍ଚା – କଞ୍ଚା କାଠ ସହଜରେ ଜଳେ ନାହିଁ ।

ବରନ୍ – ବରନ୍ ସେଂଙନ୍ ସଅଜରେ ଆଲାଗେରେ ।

କଲବଲ – ଭିକାରୀଟି କଲବଲ ହୋଇ ଅନାଇଛି ।

କଲବଲ – ବିକାରୀରେ କଲବଲ ଇଆନ୍ଜ ଲଂସେକେ ।

କପୋତୀ – କପୋତୀ ଚିତ୍ର ବିଚିତ୍ର ଅଣ୍ଡା ଦିଏ ।

କୁକୁଡାଏ – କୁକୁଡାଏ ରଙ୍ଗଁବେରଙ୍ଗର ସୁକେ ।

ପାରା (କପୋତ) – କପୋତ ଶାନ୍ତିର ପ୍ରତୀକ ଅଟେ ।

ପାରା (କୁକୁଡାଏ) – ପାରା ଶାନ୍ତିଆ ଚିହ୍ନର ଇରେ ।

କମ୍ପନ – ଘଣ୍ଟିକୁ ଆଘାତ କଲେ କମ୍ପନ ସୃଷ୍ଟି ହୁଏ ।

କମ୍ପେ – ଗଣ୍ଟିତେ ପେଟେଅକିଲେ କମ୍ପେର ଆରିରେ ।

କମ୍ – କମ୍ ବୃଷ୍ଟିପାତରେ ଭଲ ଫସଲ ହୁଏ ନାହିଁ ।

ଅଲପ – ଅଲପ ଗିମାବ ଡିଅ କିରିସି ଇଇ ଯେନା ।

କମ୍ବଳ – କମ୍ବଳ ଘୋଡ଼ାଇହେଲେ ଶୀତରୁ ରକ୍ଷା ମିଳେ ।

କମ୍ବଲ – କମ୍ବଲ ଡାଡାନ୍ ଇଆନ୍ଲେ ରାଂଆଁତା ରକ୍ଷା ମେଳେରେ ।

କଣ୍ଢେଇ – ପ୍ଲାଷ୍ଟିକ୍ କଣ୍ଢେଇ ଭଙ୍ଗୁର ନୁହେଁ ।

କଣ୍ଢେଇ/ପୁତୁଳା – ପ୍ଲାଷ୍ଟିକ୍ ପୁତୁଳା (ବାଟୁଂ ନିଜିଷେ ଯେନା) ଲକଚ୍ ଯେନା ।

କର – ଛୋଟ ବେଳୁ ଚରିତ୍ର ଗଠନ କର ।

ବନାଏ – ଏଣ୍ଟେଜ୍ ତାସୁନ୍ ଗୁଣ ବନାଏ ନାପେ ।

| | | |
|---|---|---|
| କଢ | – | କଢ ଫୁଟି ଫୁଲ ହୁଏ । |
| କଡ / | – | କଡ ଏରାଗଜ ରାସିଂ ଇରେ । |
| କଟିବା | – | ବହୁଦିନ ଅନୁପସ୍ଥିତ ରହିଲେ ନାମ କଟିବା ସମ୍ଭାବନା ଥାଏ । |
| କମଟେ | – | ସୁଗାଇ ଦିନ ଉପସ୍ଥିତ ଆରଏଆନ୍‌କିଲେ ନାଁ କମଟେ ସମ୍ଭାବନା ରଏରେ । |
| କଳା | – | ଆମର ଗୋଟିଏ କଳାଗାଇ ଅଛି । |
| କାଳିଆ | – | ନିଞ୍ଜାଁ ମୁଇଁଣ୍ଟ କାଳିଆ ଅଳେଜ ଆସିକେ । |
| କବାଟ | – | ଲୋକେ ରାତିରେ କବାଟ ବନ୍ଦ କରି ଘରେ ଶୁଅନ୍ତି । |
| ସେଡାଗ୍ | – | ଲୁକକି ଏନ୍ଦାରତେ ସେଡାଗ୍ କରାନ୍‌କିଜ୍ ଇଞ୍ଜାଁତେ ଲେବେର୍‌କିକି । |
| କଟୁରୀ | – | କଟୁରୀରେ ଘାସ ବୁଦା ଇତ୍ୟାଦି ସଫା କରାଯାଏ । |
| କଟୁରୀ | – | କଟୁରୀବ ଗାସ ବୁଦାରିକି ସାପା କିକିବ୍‌ଇରେ |
| କଲମ | – | କଲମଲେଖା ଗୁଡିକ ଦୀର୍ଘ ସ୍ଥାୟୀ ହୁଏ । |
| କଲମ | – | କଲମ ଲେକାରିକି ସୁଗାଇ ଦିନିଆ ଇରେ । |
| କର | – | ପିତା ମାତାଙ୍କୁ ସମାଦର କର । |
| କିମାପେ | – | ଅବାବୁଇକିତେ ସମାନଆଦର କିମାପେ । |
| କହି | – | ଜେଜେମା ଗପ କହି ଆମକୁ ଶୁଆନ୍ତି । |
| ଗାତା ଅଜ | – | ନାନାଞ୍ଜ୍ ଆଗ ଗାତାଅଜ ନିଞ୍ଜ୍‌ତେ ଆବ୍‌ଲେବେର୍‌କେ । |
| କଢି | – | କଢିରୁ ଫୁଲ ଫୁଟେ । |
| କଡି / କୁଳି | – | କୁଳିତା / କଡିତା ରାସିଂ ଏରାଗ୍‌କେ । |
| କଥନ | – | କଥନ ଦ୍ୱାରା ଭାବ ପ୍ରକାଶ କରାଯାଏ । |
| ଗାତା | – | ଗାତା ବ ମନଆଗାତା ଗାତା ଆରିରେ । |
| କମ୍ପି | – | ଘଡ ଘଡି ଶବ୍ଦରେ ମେଦିନୀ କମ୍ପି ଉଠେ । |
| କମ୍ପେ | – | ଗଡଗଡି ଶବଦବ ମୁଲୁକ କମ୍ପେ ଉଟିରେ । |
| କଣ୍ଠ | – | ମଧୁର କଣ୍ଠରେ ସଙ୍ଗୀତ ଗାନ କର । |
| ସୁର | – | ମଦୁର ସୁରବ ଗୀତ ଗୀତଏପେ । |
| କଡରେ | – | ରାସ୍ତା କଡରେ ମଳ ତ୍ୟାଗ ଅନୁଚିତ । |
| କଡ଼ତେ | – | ରାସାତା କଡ଼ତେ ନେବାଳି ଡିଅଜେନା । |
| କଳି କଜିଆ | – | ଲୋକେ କଳି କଜିଆ କରିଥାନ୍ତି । |
| କଲେଜ କଗାମ୍ | – | ମୁର୍ଖ ଲୁକକି କଲେଜ୍ କଗାମ୍ କିପ୍‌କିକି । |

| | | |
|---|---|---|
| କଲରା | - | କଲରା ଏକ ହିତକାରୀ ଖାଦ୍ୟ ଅଟେ । |
| କିଲିରାଗ୍ | - | କିଲିରାଗ୍ ମୁଇଁଷ୍ଟ ଡିଅ ଆଦାର ଇରେ । |
| କପଡା | - | ଶୀତ ଦିନେ ଗରମ କପଡା ଆବଶ୍ୟକ । |
| କପଲା | - | ରାଂଆଁ ଦିନତେ ଉଷୁମ କପଲା ଦରକାର । |
| କମିବା | - | ଶରୀରର ଜଳଅଂଶ କମିବା ଅନୁଚିତ । |
| କମମେନା | - | ଇଣିଆ ଡାଗଅଂଶ କମମେନା ଡିଅଯେନା । |
| କାବା | - | ସର୍କସରେ ହାତୀ ଦେଖି ପିଲାଟି କାବା ହୋଇଗଲା । |
| କାବା | - | ସର୍କସତେ ଆଡି ଝଁୟଁଜ ଉଆଲିରେ କାବା ଇଆନା । |
| କାଳକାଳ | - | ଦେଶ ପାଇଁ ପ୍ରାଣବଳୀ କାଳକାଳ ସ୍ମରଣୀୟ ହୋଇ ରହେ । |
| କାଳକାଳ | - | ଦେଶଆ ଦିରେ ଜୀବନ ଡିଡିଞ୍ଜ୍ କାଳକାଳବ ମନେ ଇଇଆନ୍ଜ ରଏରେ । |
| କାଉ | - | କାଉ କା' କା ବୋଲି ରଡ଼ି ଛାଡେ । |
| ଗୁଆଁଗ୍ | - | ଗୁଆଁରା କା' କା ଗାମଜ କେରାବ୍ଡେ । |
| କାଳ | - | ଆଜିକାଲିର କାଳ ଅତ୍ୟନ୍ତ ମନ୍ଦ ଅଟେ । |
| ଯୁଗ | - | ତମେନ୍ଡା ଯୁଗ ସୁଗାଇ ବାଗି ଆସିକେ । |
| ଖରା | - | ଗ୍ରୀଷ୍ମ ଋତୁରେ ଟାଣ ଖରା ହୁଏ । |
| କାରା | - | କାରା ଋତୁତେ ଟାଣ କାରା ଇରେ । |
| କାରଣ | - | ରବି ଏ ବର୍ଷ ଫେଲ୍ ହେଲା, କାରଣ ସେ ମନଦେଇ ପଢି ନଥିଲା । |
| ବିତେନା | - | ରବି ଇତର ପେଲେ ଇଆନା ବିତେନା ଆର ମନ ଡିଞ୍ଜଁ ଆପଡେସେର । |
| କଳାହାଣ୍ଡିଆ | - | କଳାହାଣ୍ଡିଆ ମେଘ ଦେଖି ମୟୂର ଖୁସି ହୁଏ । |
| କାଲିଆ ବୁଟୁଂ | - | କାଲିଆ ବୁଟୁଂ ଗିମା ଜୟଜ ମାରାଗ୍ କୁସି ଇରେ । |
| କାଠହଣା | - | କାଠହଣା ଚଢେଇ କାଠ ଭିତର ପୋକ ଖୋଳି ଖାଏ । |
| କୁଟୁରୁ | - | କୁଟୁର୍ କନ୍ତେର୍ ସେଂଙ୍ଗଁନ ଆଲୁଆଁ ତିଅ ଡୁଡୁରାନ୍ଜ୍ ଜିମ୍କେ । |
| କାମନା | - | ପିତାମାତା ପୁତ୍ରକନ୍ୟାମାନଙ୍କ ମଙ୍ଗଳ କାମନା କରନ୍ତି । |
| କାମନା | - | ଅବାବୁଇ କନନ୍ କଞ୍ଜେଲାନ୍କା ମଙ୍ଗଳ କାମନା କିପ୍କିକି । |
| କାର୍ଯ୍ୟ | - | କୃଷିକାର୍ଯ୍ୟ କରି ରମା ପରିବାର ଚଳାଏ । |
| କମ | - | ତାସ କମ୍ କିବଜ ରମା କୁଟୁମ ଚଲାଏରେ । |
| କାନ୍ଧ | - | କାଠୁରିଆ କାନ୍ଧରେ କାଠ ବୋହି ନିଏ । |
| ତାରମ୍ | - | କାଟୁରିଆ ତାରମ୍ତେ ସେଂଡଁନ୍ ତୁଆୟଜ ଗଗ୍କେ । |

| | | |
|---|---|---|
| କାଠ | - | ସାଗୁଆନ ଏକ ଶକ୍ତ ଅଥଚ ହାଲୁକା କାଠ । |
| ସେଂଙଁନ୍ | - | ଶାଗୁଆନ ମୁଇଁଣ୍ଟ ଟାଣ ଏଲେ ଉସାସ ସେଂଙଁନ୍ । |
| କାହିଁକି | - | ଭୂମିକମ୍ପ କାହିଁକି ହୁଏ ତା'ର କାରଣ ଜାଣକି ? |
| ବିତେ | - | ଲକା ତରତରାଏ ବିତେଇରେ ଆରା କାରଣର ଏକଂସେକେରି ? |
| କାମୁଡିବା | - | କୁକୁର କାମୁଡିବା ବିପଦ ପୂର୍ଣ୍ଣ ଅଟେ । |
| କେଡାବ୍ | - | ସେଲଗ୍ କେଡାବ୍ ବିପଦ ସାର ଇରେ । |
| କାଣ୍ଡ | - | ଗଛର କାଣ୍ଡରୁ ଶାଖା ବାହାରେ । |
| ଡାଉ | - | ସୁମୁସିଞ୍ଜ୍ଡା ଡାଉତା ଡାଳ ଆରିରେ । |
| କାଇଁଚ | - | କାଇଁଚ ମାଳି ଭାରି ସୁନ୍ଦର ଦିଶେ । |
| କଉଡି | - | କଉଡି ମାଳ ସୁଗାଇ ସୁନ୍ଦର ଜଏରେ । |
| କାନ | - | କାନରେ ଆମେ ଶୁଣିପାରୁ । |
| ଲୁତୁର୍ | - | ଲୁତୁର୍‌ବ ନିଞ୍ଜ୍ ଅଅଂନିରିମ୍‌ଡେ । |
| କାଛୁକୁଣ୍ଡିଆ | - | ମଇଳା ରହିଲେ କାଛୁକୁଣ୍ଡିଆ ରୋଗ ହୁଏ । |
| କୁସୁକୁଣ୍ଡିଆ | - | ମୁଇଳା ରଏଆନ୍‌କିଲେ କୁସୁ କୁଣ୍ଡିଆ ରୁଗ ଇରେ । |
| କାଳ୍ପନିକ | - | କାର୍‌ଗିଲ ଯୁଦ୍ଧ ଏକ କାଳ୍ପନିକ କାହାଣୀ ନୁହେଁ । |
| ମନବନାଏ | - | କାରିଗିଲ୍ ଯୁଦ୍ଧ ମୁଇଁଣ୍ଟ ମନବନାଏତା ଆଗ ଜେନା । |
| କାରିଗର | - | କାରିଗରମାନେ ସୂକ୍ଷ୍ମ କାରୁକାର୍ଯ୍ୟ କରନ୍ତି । |
| ମିସିତିରି | - | ମିସିତିରିକି ସୁରୁ କାରୁକାର୍ଯ୍ୟ କିପ୍‌କିକି । |
| କାଙ୍କଡ | - | ମାଙ୍କଡ କାଙ୍କଡ ଖାଏ । |
| କାଙ୍କରଳ | - | ସାକଏ କାଙ୍କରଳ ଜିମ୍‌କେ । |
| କାଠଗୋଲି | - | କାଠଗୋଲି ହାଲୁକା ଲାଗେ । |
| ସେଂଙଁନ୍ ଗୁଲି | - | ସେଂଙଁନ୍ ଗୁଲି ଉସାସ ଲାଗେରେ । |
| କାକୁଡି | - | ଖରାଦିନେ କାକୁଡି ଖାଇବା ଭଲ । |
| କେଙ୍ଗେରାଗ୍ | - | କାରା ଦିନତେ କେଙ୍ଗେରାଗ୍ ଜିଜିମ୍‌ତେ ଡିଅ । |
| କାମ | - | ରୋଗୀ ସେବା କରିବା ଏକ ମହତ କାମ ଅଟେ । |
| କମ୍ | - | ରୁଗି ସେବା କିକିବ୍ ମୁଇଁଣ୍ଟ ମଅତ କମ ଇରେ । |
| କାଠିକୁଟା | - | ବର୍ଷା ଜଳରେ କାଠିକୁଟା ଭାସିଯାଏ । |
| କାଟିକିଲାକ୍‌ଜୁଂ | - | ଗିମା ଡାଗ୍‌ତେ କାଟିକିଲାଗ୍‌ଜୁଂ ଉୟାଂଆନ୍‌ଜ ଅଣ୍ଡେ । |

| | | |
|---|---|---|
| କାତି | - | ପରିବା କାଟିବା ପାଇଁ କାତିଟିଏ ଆବଶ୍ୟକ । |
| ସେମର୍ | - | ସାଙ୍କାଣା ସେସେଜ୍‌ଜା ଦିରେ ମୁଇଁଷ୍ଟି ସେମର୍ ଦରକାର । |
| କାଖ | - | ବୁଡାଟି ଛତା କାଖରେ  ଜାକି ଯାଉଛି । |
| କାକ | - | ବୁଡାରେ ଚାତା କାକରା ଜାକେଆନ୍‌ଜ ଅଣ୍ଡେ । |
| କାହାଣୀ | - | ଜେଜେମା ମୋତେ କାହାଣୀ କହି ଶୁଆଇ ଦିଅନ୍ତି । |
| ଆଗ | - | ନାନାଜ୍ ଆଞ୍ଜ୍‌ତେ ଆଗ ଗାତାଅଜ ଆବ୍‌ଲେବେର୍‌କେ । |
| କାନଫୁଲ | - | ଝିଅମାନେ ସୁନାର କାନଫୁଲ ପିନ୍ଧନ୍ତି । |
| ଲୁତୁରପୁଲି | - | ସେଲାନ୍‌କି ସୁନାରା କାନପୁଲ (ଲୁତୁରପୁଲି) ତଂଡିକି (ସୁରେକି) । |
| କାଗଜ | - | କାଗଜରେ ବହି ତିଆରି ହୁଏ । |
| କାଗଜ | - | କାଗଜବ ବଇ ବନାଏ ଇରେ । |
| କାର୍ଡ | - | କାର୍ଡରେ ଚିଠି ଲେଖି ପଠାଯାଏ । |
| କାଡ | - | କାଡତେ ଚିଟି ଲେକେଅକିଜ ପଟାଏ ଇରେ । |
| କାନକୁ | - | ମନ୍ଦ ଭାଷା କାନକୁ ଭଲ ଶୁଭେ ନାହିଁ । |
| ଲୁତୁରବ | - | ବାଗି ଗାତା ଲୁତୁର୍‌ବ ଡିଅ ଅଅଂ ଯେନା । |
| କାମୁଡି | - | କୁକୁର ହାଡଟିଏ କାମୁଡି ଧାଇଁଗଲା । |
| କେଡାବଜ | - | ସେଲଗ୍ ଆଡ ମୁଇଁଷ୍ଟି କେଡାବଜ ଦବଡେଅଜ ଅନ । |
| କାଦୁଅ | - | ରାସ୍ତାଟି କାଦୁଅ ହୋଇଛି । |
| କାଦ୍ୟଂ | - | ରାସ୍ତାରେ / (ଗଟାଂଡେ) କାଦ୍ୟଂ ଇସେରେ । |
| କାନ୍ଦୁଲ | - | ଆଦିବାସୀମାନେ ଜଙ୍ଗଲ କାଟି କାନ୍ଦୁଲ ଚାଷ କରନ୍ତି । |
| ଆକୟାଂ | - | ଆଦିବାସୀକି ବଣ ଡେଜକିଜ ଆକୟାଂ ତାସ କିପ୍‌ଡିକି । |
| କାଠ | - | ଦେବଦାରୁ କାଠରୁ ଠାକୁର ହୁଏ । |
| ସେଂଙନ୍ | - | ଦେବଦାରୁ ସେଂଙଁନ୍ କଲ୍ୟଙ୍‌ଗ ଇରେ । |
| କାଢ଼ିବା | - | କୂଅରୁ ପାଣି କାଢ଼ିବା ପାଇଁ ଅରଟ ଲାଗିଥାଏ । |
| ଆବିରାଏ | - | କୂଅତା ଡାଗ୍ ଆବିରାଏ ଦିରେ ଚକି ଲାଗେ ସେରେ । |
| କାମରେ | - | ଚିରା କନା ବେଳେବେଳେ କାମରେ ଲାଗେ । |
| କମବ୍ | - | ରାମାଜ୍ ଲେଞ୍ଜୋରା ତରତରମିଞ୍ଜ୍ କମବ ଡେନ୍‌ଡେ । |
| କି କି | - | ନନ୍ଦନକାନନରେ କି କି ପ୍ରାଣୀ ରହିଛନ୍ତି ? |
| ବିରି ବିରି | - | ନନ୍ଦନକାନନଆ ବିରି ବିରି ଜୀବକି ଆସିକିକି ? |

| | | |
|---|---|---|
| କିଚିରି ମିଚିରି | - | ନୀଡ ଭିତରେ ପକ୍ଷୀ ଛୁଆ କିଚିରି ମିଚିରି ହୁଅନ୍ତି । |
| ଚେରଚାର୍ | - | ବାସା ଆଲୁଂଆଁ କନ୍ତେର୍ କନନ୍‌କି ଚେର୍‌ଚାର୍ ଇରିକି । |
| କିଆରି | - | ଧାନ ତଳି ଓପାଡି କିଆରିରେ ଲଗାଯାଏ । |
| କିଆରି | - | ବୁଆ ତାଳା  ଜାଗକିଜ କିଆରିତେ ଅରାଜ୍‌ଇରେ । |
| କିପରି | - | ଜଳ କିପରି ବାଷ୍ପ ହୁଏ ପରୀକ୍ଷା କରି ଦେଖ । |
| ସୁଇଁଣ୍ଡ | - | ଡାଗ୍ ସୁଇଁଣ୍ଡ ସିୟୁଂକେ ପୁରିକା କିବେପେଜ ଜଏପେ । |
| କିଏ | - | କିଏ ପରିବାର ଚଳାନ୍ତି  ? |
| ଆଡି | - | ଆଡି କୁଟୁମ୍ ଚଳାଏକେ  ? |
| କୀର୍ତ୍ତି | - | ଐତିହାସିକ କୀର୍ତ୍ତି ବହୁମୂଲ୍ୟ ସମ୍ପଦ ଅଟେ । |
| କିର୍ତ୍ତୀ / ଚିହ୍ନ | - | ଇତିଆସ ଚିହ୍ନ ସୁଗାଇଦର ଦନ ଇରେ । |
| କ୍ରିୟା | - | ମହାତ୍ମାଗାନ୍ଧିଙ୍କ କ୍ରିୟା ଅବିସ୍ମରଣୀୟ ଅଟେ । |
| କମ | - | ମହାତ୍ମାଗାନ୍ଧୀଆ କମ ଏକଲଂଜାକଜ୍ ମନେ ଉମୁନତେ ଇରେ । |
| କୁକୁଡା | - | କୁକୁଡା ଚାଷରେ ବହୁତ ଲାଭ ମିଳିଥାଏ । |
| ସେଙ୍କଏ | - | ସେଂଙ୍କଏ ତାସବେ ସୁଗାଇ ଲାବ ମେଳେରେ । |
| କୁକୁର | - | କୁକୁର ଘର ଜଗେ । |
| ସେଲଗ୍ | - | ସେଲଗ୍ ଇଞ୍ଜାଁ ଜଗେକେ । |
| କୁରୁଳି | - | ମାମୁ ଘରକୁ ଯିବାକୁ ପିଲେ କୁରୁଳି ଉଠନ୍ତି । |
| କୁସି | - | ମାମୁ ଇଞ୍ଜାଁବ ଅଙ୍ଗରତେ ଉଆଳିକି କୁସି ଇରିକି  । |
| କୁଲା | - | କୁଲା ସାହାଯ୍ୟରେ ଧାନ ପାଛୁଡା ଯାଏ । |
| ଉତାନ୍ | - | ଉତାନ୍‌ବ (ସାଆଜ) ବୁଆ ଗୁଙ୍ଗୁଙ୍ ଇରେ । |
| କୁରାଢ଼ୀ | - | କୁରାଢ଼ୀରେ ଛୋଟ ଡାଳ କଟାଯାଏ । |
| ଗୁଟିଆ | - | ଗୁଟିଆବ ଏଣ୍ଟେଜ୍ ଡାଳ ଡେଡେଜ୍‌ଇରେ । |
| କୁମ୍ଭୀର | - | କୁମ୍ଭୀର ଏକ ଭୟଙ୍କର ପ୍ରାଣୀ ଅଟେ । |
| ସାରେପ | - | ସାରେପ ମୁଇଁଣ୍ଟି ବେତଂଡ ଜୀବ ଇରେ । |
| କୁସୁମ | - | ଗୋଲାପ କୁସୁମର ସୁଗନ୍ଧ ଖୁବ୍ ଭଲ ଲାଗେ । |
| ରାସିଂ | - | ଗୋଲାପ ରାସିଂଆଁ ଡିଅବାସନା କୁବ୍ ଡିଅ ଲାଗେରେ । |
| କୁଦା | - | ହରିଣଟି ଏକା କୁଦାରେ ନାଳ ଡେଇଁଲା । |
| ଡେଗା | - | ଅରିଣରେ ମୁଇଁ ଡେଗାବ ନାଳ ଡେଗେଅ । |

| | | |
|---|---|---|
| କୁମ୍ଭ କଳସ | - | କୁମ୍ଭ କଳସରେ ଜଳ ଭରି ପୂଜାକୁ ନିଆଯାଏ । |
| ଜାବା କଲସ | - | ଜାବା କଲସତେ ଡାଗ୍ ପରାଅକିଜ ପୂଜାବ ଗଗଗ୍ଇରେ । |
| କୂଳ | - | ବନ୍ୟା ବେଳେ ନଈ କୂଳ ଭାଙ୍ଗି ଯାଏ । |
| କୁଲ | - | ବନ୍ୟା ବେଲତେ ନଈକୁଲ ବାଟୁଂଡେ । |
| କୁଳୁକୁଳୁ | - | ଝରଣାର କୁଳୁକୁଳୁ ଶବ୍ଦ ମନ ମୋହି ନିଏ । |
| କୁଲୁକୁଲୁ | - | ଜରଣାରା କୁଲୁକୁଲୁ ଶବଦ ମନତେ କୁସି କିପ୍କେ । |
| କୁଟୁମ୍ବ | - | ମନୁଷ୍ୟ କୁଟୁମ୍ବ ନେଇ ବଞ୍ଚେ । |
| କୁଟୁମ୍ବ | - | ମୁଣୁଷ କୁଟୁମ୍ବବ ବଞ୍ଚେକେ । |
| କୁଣ୍ଡା | - | କୁଣ୍ଡାରୁ ଗୋଟିଏ ପ୍ରକାର ତେଲ ବାହାରେ । |
| କୁଣ୍ଡା | - | କୁଣ୍ଡାତା ମୁଇଁଣ୍ଟି ରକମ୍ ଅଜନ୍ ଆରିରେ । |
| କୁଣ୍ଡାଇବା | - | ଘାଆ କୁଣ୍ଡାଇବା ଅନୁଚିତ । |
| ଗେଗେର୍ | - | କେଳେଞ୍ଜ୍ ଗେଗେର୍ଡେ ଡିଅ ଜେନା । |
| କୁତୁକୁତୁ | - | କାଖ ତଳ ଛୁଇଁଲେ କୁତୁକୁତୁ ଲାଗେ । |
| କିତିକିତି | - | କାକ ତୁଲି ଜିବକିଲେ କିତିକିତି ଲାଗେରେ । |
| କୁଣିଆ | - | ଆମେ କୁଣିଆ ବ୍ୟକ୍ତିକୁ ଶ୍ରଦ୍ଧା କରୁ । |
| କୁଣିଆଁ | - | ନିଞ୍ଜ୍ କୁଣିଆଁ ଲୁକକିତେ ଶରଦା ନିକିପ୍କେ । |
| କୁହୁଡ଼ି | - | ଶୀତ ଋତୁରେ ସକାଳେ କୁହୁଡ଼ି ଦେଖାଯାଏ । |
| କୁଉଳିଆ | - | ରାଂଆଁ ରତୁତେ ସେକାଳତେ କୁଉଳି ଜଏରେ । |
| କୃଷି | - | ଆମ ବାପା କୃଷି କର୍ମ କରନ୍ତି । |
| ତାସ | - | ନିଞ୍ଚାଁ ଆବାଞ୍ଜ୍ ତାସ କମ୍ କିପ୍କେ । |
| କୃଷକ | - | କୃଷକ ଦେଶବାସୀଙ୍କୁ ଖାଦ୍ୟ ଯୋଗାନ୍ତି । |
| ତାସି | - | ତାସି ଦେଶଆଲୁକକିତେ ଆଦାର ଯୁଗାଏକେ । |
| କେଁ କଟର | - | ସନ୍ଧ୍ୟାବେଳେ ପକ୍ଷୀମାନେ କେଁ କଟର ହୁଅନ୍ତି । |
| ଚେଁ ଚାଁ | - | ବୁଉଲୁତେ କନ୍ତେର୍କି ଚେଁ ଚାଁ ଇରିକି । |
| କେଉଁଥିରେ | - | ଆଲକାତରା କେଉଁଥିରେ ତିଆରି ହୁଏ ? |
| ବିରିବ | - | ଆଲକାତରା ବିରିବ ବନାଏ ଇରେ ? |
| କେଉଁଠାରୁ | - | ମହାନଦୀ କେଉଁଠାରୁ ବାହାରିଛି ? |
| ମାଣ୍ଡିଅତା | - | ମହାନଦୀ ମାଣ୍ଡିଅତା ଆରିସେରେ ? |

| | | |
|---|---|---|
| କେଉଁଠି | - | ଆମ ରାଜ୍ୟରେ କେଉଁଠି କୋଇଲା ମିଳେ ? |
| ମାଣ୍ଡିଆ | - | ନିଞ୍ଜାଁ ରାଜ୍ୟଆ ମାଆଣ୍ଡିଆ କୋଇଲା ମେଳେରେ ? |
| କେମିତି | - | ମଞ୍ଜିରୁ ଗଜା ବାହାରେ କେମିତି ? |
| ସୁଇଁଣ୍ଡ | - | ଏଜାଂତା ଗଜା ଆରିରେ ସୁଇଣ୍ଡ ? |
| କେତେବେଳେ | - | ତୁମ ବିଦ୍ୟାଳୟ କେତେବେଳେ ଖୋଲେ ? |
| କିତିବେଳତେ | - | ଆପିଆ ଇସିକୁଲୁ କିତିବେଳେତେ କୁଲିକେ ? |
| ଗୀତ | - | ଗୀତ ଗାଇଲେ ମନ ପ୍ରଫୁଲ୍ଲ ଲାଗେ । |
| ଗୀତ | - | ଗୀତ ଗୀତୟକିଜ ମନ ଉସାସ ଲାଗେରେ । |
| ଗୀର୍ଜା | - | ଖ୍ରୀଷ୍ଟିୟାନମାନେ ରବିବାର ଗୀର୍ଜାକୁ ଯାଆନ୍ତି । |
| ଗିର୍ଜା | - | ଖ୍ରୀଷ୍ଟିଆନକି ରଇବାରତେ ଗୀର୍ଜାବ ଅଣ୍ଡେକି । |
| ଗ୍ରୀବା | - | ମୟୁର ଗ୍ରୀବା ଉଠାଇ ନୃତ୍ୟ କରେ । |
| ଚୁଳ | - | ମାରାଗ୍ ଚୁଳ ଟେକେଅଜ ନାଟ କିପ୍‌କେ |
| ଗ୍ରୀଷ୍ମଋତୁ | - | ଗ୍ରୀଷ୍ମଋତୁରେ ଟାଣ ଖରା ହୁଏ । |
| ଗ୍ରୀଷ୍ମଋତୁ | - | କାରା ଋତୁତେ ଟାଣ କାରା ଇରେ |
| ଗୁମ୍ଫା | - | ଆଦିମ ମଣିଷ ଗୁମ୍ଫାରେ ବାସ କରୁଥିଲା । |
| ଲାତା | - | ଆଗିଲା ମୁଣୁଷ ଲାତାତେ ବାସା କିକିମମାନ୍‌କି । |
| ଗୁରୁ | - | ଗୁରୁ ବଚନ ପାଳନ କର । |
| ଗୁରୁ | - | ଗୁରୁକା ଗାତା ମାନେପେ । |
| ଗୁଡି | - | ଗୁଡି ଉଡାଇ ପିଲେ ଆନନ୍ଦ ପାଆନ୍ତି । |
| ଗୁଡି | - | ଗୁଡି ଉଡାଅକିଜ ଉଆଳକି କୁସି କୁଇରିକି । |
| ଗୁହାଳ | - | ଗାଇଗୋରୁ ଗୁହାଳରେ ବନ୍ଧା ଯାଆନ୍ତି । |
| ଗୁଆଳ | - | ଅଳେଜ୍‌ଗୁରୁ ଗୁଆଳତେ ତତର୍ ଇରେ । |
| ଗୁଡାଇ | - | କ୍ଷତ ଯାଗାକୁ ପତଳା କନାରେ ଗୁଡାଇ ରଖ । |
| ଡାନେପେଜ | - | କେଳେଞ୍ଜ୍ ଜାଗାତେ ପାତଳ ଲେଞ୍ଜୋରାବ ଡାନେପଜ ଉନାପେ । |
| ଗୁଣନ | - | କ୍ରମିକ ମିଶାଣକୁ ଗୁଣନ କୁହାଯାଏ । |
| ଗୁଣନ | - | ପଚାକିପଚା ମିଶାଣତେ ଗୁଣନ ଗାମ୍‌କିକି । |
| ଗୁଣ୍ୟ | - | ଯାହାକୁ ଗୁଣିଦିଆଯିବ ତାହା ଗୁଣ୍ୟ ଅଟେ । |
| ଗୁଣ୍ୟ | - | ଯିଏତେ ଗୁଣିଇରେ ଏରେ ଗୁଣ୍ୟ ଇରେ । |

| | | |
|---|---|---|
| ଗୁଣକ | - | ଯାହାଦ୍ୱାରା ଗୁଣନ କରାଯାଏ ତାହା ଗୁଣକ ଅଟେ । |
| ଗୁଣକ | - | ଯାଆ ସାଙ୍ଗେ ଗୁଣନ କିକିପକ୍‌ଇରେ ଏରେ ଗୁଣକ ଇରେ । |
| ଗୁଣଫଳ | - | ଗୁଣନ ଫଳକୁ ଗୁଣଫଳ କୁହାଯାଏ । |
| ଗୁଣପଳ | - | ଗୁଣନ ପଳତେ ଗୁଣପଳ ଗାମ୍‌କିକି । |
| ଗୁଣୁଗୁଣୁ | - | ଆମ୍ ମାଆ ଗୁଣୁଗୁଣୁ ହୋଇ କାମ କରନ୍ତି । |
| ଗୁଣୁଗୁଣୁ | - | ନିଞ୍ଜା ବୁଇ ଗୁଣୁଗୁଣୁ ଇଆନ୍‌ଜ କମ କମରେ । |
| ଗୁଆଘିଅ | - | ଗୋଦୁଗ୍ଧରୁ ଗୁଆଘିଅ ପ୍ରସ୍ତୁତ ହୁଏ । |
| ଗୁଆଘିଅ | - | ଅଲେଜ୍ ଦୁଗଦତା ଗୁଆଗିଅ ବନାଏ ଇରେ । |
| ଗୁରୁଦ୍ୱାର | - | ଗୁରୁଦ୍ୱାର ଶିଖମାନଙ୍କର ଉପାସନା ସ୍ଥଳୀ । |
| ଗୁରୁଦ୍ୱାର | - | ଗୁରୁଦ୍ୱାର ପଞ୍ଜାବିକା ଉପାସନା ଜାଗା । |
| ଗୁଜୁରାଣ | - | ସେ ମାଛ ଧରି ଗୁଜୁରାଣ ମେଣ୍ଟାଏ |
| ଇତିବ୍/ଗୁଜୁରାଣ | - | ଆର କାରଂ ସବାନ୍‌ଜ ଇତିବ୍ ଉସିରେ । |
| ଗୁରୁତ୍ୱ | - | ଶୁଣିଥିବା କଥାରେ ଗୁରୁତ୍ୱ ଦିଅ । |
| ଲିଙ୍‌ଗା | - | ଏଅଂସେରେ ଗାତାତେ ଲିଙ୍‌ଗା ଡିଞ୍ଚେଁପେ । |
| ଗୁଣିଆ | - | ଗୁଣିଆ ସନ୍ଦେହରେ ଲୋକ ତାକୁ ମାରିଦେଲେ । |
| ପାଙ୍‌ଣିଆ | - | ପାଙ୍‌ଣିଆ ଗାମକିଜ ଲୁକକି ଆରତେ ଅବ୍‌ଗଜକି । |
| ଗୁରୁଜନ | - | ଗୁରୁଜନମାନଙ୍କୁ ସମ୍ମାନ କର । |
| କୁବାକୁବାକି | - | କୁବାକୁବାକିତେ ସମ୍ମାନ ଡିଞ୍ଚେଁପେ । |
| ଗୁଲୁଗୁଲି | - | ଗୁଲୁଗୁଲି ହେଲେ ଲୋକେ କଷ୍ଟ ପାଆନ୍ତି । |
| ଗୁମୁସାୟଜ | - | ଗୁମୁସାୟଜ ଇଆନ୍‌ଲେ ଲୁକକି କଷ୍ଟ କୁଇରିକି |
| ଗୁଣ୍ଡୁଚି | - | ଗୁଣ୍ଡୁଚି ଗଛରେ ବାସକରେ । |
| ଗଣ୍ଡେଜ୍ | - | ଗଣ୍ଡେଜ୍ ସୁମୁସିଞ୍ଜ୍‌ତେ ବାସା କିପ୍‌ଡେ । |
| ଗୃହ | - | ଗୃହ ନିର୍ମାଣ ପାଇଁ ବହୁତ ପଇସା ଲୋଡ଼ା । |
| ଇଞ୍ଜାଁ | - | ଇଞ୍ଜାଁ ବନାଏ ଦିରେ ସୁଗାଇ ପଇସା ଦରକାର । |

## - ଘ -

| | | |
|---|---|---|
| ଘର | - | ନଡାରେ ଘର ଛପର କରାଯାଏ । |
| ଇଞ୍ଜାଁ | - | ନାଳାବ ଇଞ୍ଜାଁ ତିଲୁଂ ଆଇଇରେ । (ଚାଏଁଇରେ) |

| | | |
|---|---|---|
| ଘରେ | - | ଆମ ଘରେ ଗୋଟିଏ ବିଲେଇ ଅଛି । |
| ଇଞ୍ଜାଁ | - | ନିଞ୍ଜାଁ ଇଞ୍ଜାଁ ମୁଇଁଣ୍ଟ ବିଲାଇ ଆସିକେ । |
| ଘନ ଘନ | - | ପର୍ବତ ଚଢ଼ିବା ବେଳେ ଘନ ଘନ ପ୍ରଶ୍ୱାସ ନିଆଯାଏ । |
| ଗଣ ଗଣତେ | - | ପାଆଳ ଡାଡାଜ୍ ବଲତେ ଗଣ ଗଣତେ ନିଶାସ ଗଗଗ୍ ଇରେ । |
| ଘନନୀଳ | - | ଇନ୍ଦ୍ରଧନୁରେ ଘନନୀଳ ରଙ୍ଗ ଥାଏ । |
| ଗାଡ ନିଳ | - | ଡେବଂଆଁ ଗାଡନିଳ ରଙ୍ଗ ଆସିକେ । |
| ଘସି | - | ମକଚି ଯାଇଥିବା ଗୋଡରେ ମୁଁ ମଲମ ଘସି ଦେଲି । |
| ଗସେଅ | - | ମଚକେସେରେ ଇଜିଂତେ ଆଞ୍ଜ୍ ମଲମ ଗସେଅ । |
| ଘଡ ଘଡି | - | ଘଡଘଡି ଶବ୍ଦ ଶୁଣି ଛୋଟ ପିଲାଏ ଡରିଯାଆନ୍ତି । |
| ଟେଟେଲେଜ୍ | - | ଟେଟେଲେଜ୍ ଶବଦ ଅଂଅଁକିଜ ସାନ ଉଆଲିକି ବେତଂଡିକି । |
| ଘାଇଲା | - | କଟୁଭାଷା ଶୁଣି ମୋ ମନ ଘାଇଲା ହେଲା । |
| ଡଲଡକ୍‌ଗାନ୍ | - | ବାଗି ଗାତା ଅଂଅଁଜ ଆଞ୍ଜାଁମନ ଡଲକ୍‌ଡଗାନ୍ । |
| ଘାଣ୍ଟିବା | - | ତରକାରୀରେ ଲୁଣ ପକାଇ ଘାଣ୍ଟିବା ଭଲ । |
| ନେଗାଣ୍ଟେ | - | ସାଙ୍କାଣା (ଆରିଗା) ତେ ବିଲୁଂ ପିରକିଜ ଗାମାଣ୍ଟେକି ଡିଅ । |
| ଘାସ | - | ବଗିଚାରେ ଅନାବନା ଘାସ ସଫା କର । |
| ଗାସ | - | ବୁଗିଋତେ ଅନାବନା ଗାସ ସାପା କିବେପେ । |
| ଘେରି | - | ଆମ୍ବଚାରା ଲଗାଇବା ପରେ ତାହାକୁ ଘେରି ଦିଅ । |
| ବାଳଏ | - | ଅଲେଚାରା ଅରାଜକିଜ ତାପରେ ଏରେତେ ବାଳଏପେ । |
| ଘୋଟିବା | - | ଆକାଶରେ କଳାହାଣ୍ଡିଆ ମେଘ ଘୋଟିଲା । |
| ଡାନ | - | ସରଗତେ କାଳିଆ ବୁଟୁଂ ଗିମା ଡାନ । |
| ଘୋଡା | - | ଘୋଡା ଖୁବ୍ ଜୋରରେ ଧାଇଁ ପାରେ । |
| ଗଲା | - | ଗଲା କୁବ୍ ଜୁର୍‌ବ ଗଟକେ ରିମ୍‌ଡେ । |
| ଘୋଷଣା | - | ରେଡିଓରେ ଜରୁରୀ ବିଷୟ ଘୋଷଣା କରାଯାଏ । |
| ପ୍ରଚାର | - | ରେଡିଓତେ ଜରୁରୀ ବିଷୟ ପ୍ରଚାର କିକପ୍ ଇରେ । |
| ଘୋଷାଡି | - | ବାଘ ଜନ୍ତୁ ମାରି ଘୋଷାଡି ନିଏ । |
| ଗସରାଏ | - | କିଲଗ୍ ଜନ୍ତୁ ଅବ୍‌ଗଜାନ୍‌ଜ ଗସରାଏଆନ୍‌ଜ ଗଗ୍‌ଡେ । |
| ଘୋଷି | - | ମୁଁ ପାଠ ବହିର ଗୋଟିଏ ପଦ୍ୟ ଘୋଷିଥିଲି । |
| ଗୁସି | - | ଆଞ୍ଜ୍ ପାଟ୍ ବଇଆ ମୁଇଁଣ୍ଟ ଗୀତ ଗୁସିସେର । |

| | | |
|---|---|---|
| ଘୋଡାଇ | - | ବିରାଡି ଆପଣା ମଳ ମାଟିରେ ଘୋଡାଇ ଦିଏ । |
| ଡାନ୍‌ଡାନ୍ | - | ବିଲାଇ ଆପଣା (ନିଜ) ବାଳି ଲଟପ୍‌ତେ ଡାନ୍‌ଡାନ୍‌କେ । |

## - ଚ -

| | | |
|---|---|---|
| ଚନ୍ଦ୍ର | - | ଚନ୍ଦ୍ର ପୃଥିବୀର ଏକମାତ୍ର ଉପଗ୍ରହ ଅଟେ । |
| ଲେରାଂ | - | ଲେରାଂ ପୃତିବିରା ମୁଇଣ୍ଟମାତ୍ର, ଉପଗ୍ରଅ ଆସିକେ । |
| ଚନ୍ଦ୍ରଗ୍ରହଣ | - | ସୂର୍ଯ୍ୟ, ପୃଥିବୀ ଓ ଚନ୍ଦ୍ର ସରଳ ରେଖାରେ ରହିଲେ ଚନ୍ଦ୍ର ଗ୍ରହଣ ହୁଏ । |
| ଲେରାଂ କଣ୍ଡିଆ | - | ବେଳ, ପୃତିବି ଆଉ ଲେରାଂ ସିଦା ଗାରତେ ରଏଆନ୍‌କିଲେ ଲେରାଂ ଗ୍ରହଣ ଇରେ । (ଚନ୍ଦ୍ରଗ୍ରହଣ ଇରେ) |
| ଚକିତ | - | ଦୁଃସାହସିକ କାର୍ଯ୍ୟ ଦେଖିଲେ ଚକିତ ଲାଗେ । |
| ବେଲେକା | - | ଆଶ୍ଚର୍ଯ୍ୟ କମ ଜୟକିଲେ ବେଲେକା ଲାଗେରେ । |
| ଚହଟଇ | - | ଚମ୍ପା ଫୁଲର ବାସନା ଚାରିଆଡେ ଚହଟଇ । |
| ମଅକେରେ | - | ଚମ୍ପା ରାସିଂଆଁ ବାସନା ବେଳାମିଞ୍ଜ୍ ମଅକେରେ । |
| ଚରଣ | - | ଆମେ ଈଶ୍ୱରଙ୍କ ଚରଣ ତଳେ ପ୍ରାର୍ଥନା କରୁ । |
| ଇଜିଂ | - | ନିଞ୍ଜ୍ ଈଶରଆ ଇଜିଂ ତୁଳିତେ ପାର୍ତନା ନିକିପ୍‌ତେ । |
| ଚଲାବୁଲା | - | ବୃଦ୍ଧ ଲୋକମାନେ କମ୍ ଚଲାବୁଲା କରନ୍ତି । |
| ଚାଲିବୁଲି | - | ବୁଡା ଲୁକକି ଅଳପ (ଡାଇଁକିକି) ଚାଲିବୁଲି ଇରିକି । |
| ଚତୁର୍ଦ୍ଦିଗ | - | ସୂର୍ଯ୍ୟ ଉଦୟ ହେଲେ ଚତୁର୍ଦ୍ଦିଗ ଆଲୋକିତ ହୁଏ । |
| ଚାରିଦିଗ | - | ବେଳ ଆରିଆନ୍‌ଲେ ଚାରିଦିଗ ଆଲ ଇରେ । |
| ଚଷମା | - | ଦୃଷ୍ଟି ଦୋଷଥିଲେ ଚଷମା ଲଗାଇବା ଭଲ । |
| ଚଷମା | - | ଜଜଏ ଦୁଷ ଆସିଆନ୍‌ଲେ ଚଷମା ସୁମୁନାକି ଡିଅ । |
| ଚକ | - | ସାଇକେଲ୍‌ର ଦୁଇଟି ଚକ ଥାଏ । |
| ଚକ | - | ସାଇକେଲଆ ଅମ୍ବାଟ ଚକ ଆସିକେ । |
| ଚକଟା | - | କୁମ୍ଭାର ଚକଟା ମାଟିରେ ହାଣ୍ଡି ଗଢେ । |
| ଚମକଟେତା | - | କୁମାର ଚମକଟେତା କାଦ୍ୟଂବ ଆଟିକା ଗଡେକେ ବନାଏକେ । |
| ଚତୁର୍ଥ | - | ଜୁଲି ଚତୁର୍ଥ ଶ୍ରେଣୀରେ ପଢ଼େ । |
| ଚତୁର୍ଥ | - | ଜୁଲି ଚତୁରୁତ ଶେଣୀତେ ପଡେକେ । |

| | | |
|---|---|---|
| ଚକମକି | – | ଚକମକି ପଥର ଘଷି ନିଆଁ ବାହାର କରାଯାଏ । |
| ଜକମକି | – | ଜକମକି ଏଗେର୍ ଗଷେଅକିଜ ଲାଲାଜ୍ ଆବିରାଏ ଇରେ । |
| ଚମଡା | – | ଗୋରୁ ଚମଡାରେ ଯୋତା ତିଆରି ହୁଏ । |
| ଚାଲ | – | ଅଳେଜ୍ ଚାଲବ ଜୁତା ବନାଏ ଇରେ । |
| ଚକୋଲେଟ୍ | – | ପିଲାମାନେ ଚକୋଲେଟ୍ ଭଲ ପାଆନ୍ତି । |
| ଚକୋଲେଟ୍ | – | ଉଆଳିକି ଚକୋଲେଟ୍ ଡିଅ କୁଇରିକି । |
| ଚଳ ପ୍ରଚଳ | – | କନ୍ଧମାଳରେ ରେଳ ଚଳପ୍ରଚଳ ସୁବିଧା ନାହିଁ । |
| ଡାଜିଂ ଆବ୍ଡାଜିଂ | – | କନ୍ଧମାଳଆ ରେଳ ଡାଜିଂ ଆବ୍ଡାଜିଂତେ ସୁବିଦା ଯେନା । |
| ଚକୁଳି | – | ମୁଁ ଚକୁଳି ଖାଇ ପଢାରେ ବସେ । |
| ଚକୁଳି | – | ଆଞ୍ ଚକୁଳି ଜିମଜ ପଡେତେ ଡକରେ । |
| ଚଟିଆ | – | ଆମ ଘର ଚାଳରେ ଚଟିଆ ବସା ବାନ୍ଧିଛି । |
| ଚିଆଂତେର୍ | – | ନିଞ୍ଚାଁ ଇଞ୍ଚାଁ ତିଲୁଂଆଁ ଚିଆଂତେର୍ ବାସା କିପ୍ସେରେ । |
| ଚପଲ | – | ଚପଲ ପିନ୍ଧି ପାଇଖାନା ଯିବା ଉଚିତ୍ । |
| ପିତାଜୁତା | – | ପିତାଜୁତା କୁରାନ୍କିଜ ପାଇକାନା ମଅନାକି ଡିଅ । |
| ଚଟଣି | – | ଚଟଣୀ ଭୋଜନକୁ ରୁଚିକର କରେ । |
| ଆଜର୍ ଡାଗ୍ | – | ଆଜର୍ ଡାଗ୍ (ଚଟଣି) ଉରୁର୍ତେ ସୁଆଏରେ । |
| ଚଟାଣ | – | ଶୀତଦିନେ ଚଟାଣ ଭାରି ଥଣ୍ଡା ଲାଗେ । |
| ଚଟାଣ | – | ରାଂଆଁ ଦିନତେ ଚଟାଣ ସୁଗାଇ ଏମାଣ ଲାଗେରେ । |
| ଚଉକି | – | ପ୍ଲାଷ୍ଟିକ ଚୌକି ଦେଖିବାକୁ ସୁନ୍ଦର ଦିଶେ । |
| ଚିଆର | – | ପ୍ଲାଷ୍ଟିକ ଚିଆର ଜଜଏତେ ବାଚାର ଜଏରେ । |
| ଚିନି | – | ଗୁଡରୁ ଚିନି ପ୍ରସ୍ତୁତ କରାଯାଏ । |
| ଚିନି | – | ଗୁଳତା ଚିନି କିକିପ୍ ଇରେ । |
| ଚଳାଚଳ | – | ଲୋକେ ବସ୍ଯୋଗେ ଚଳାଚଳ କରନ୍ତି । |
| ଅଙ୍ଗର୍ଡେଙ୍ଗର୍ | – | ଲୁକକି ବସ୍ତେ ଅଙ୍ଗର୍ଡେଙ୍ଗର୍ କିପ୍ଡିକି । |
| ଚକିପେଷା | – | ଚକିପେଷା ଅଟା ଶରୀର ପାଇଁ ଉପକାରୀ । |
| ଚକି ପେଷାଏ | – | ଚକି ପେଷାଏ ଅଟା ଇଣିଆ ଦିରେ ଉପକାର ଇରେ । |
| ଚଟାପଟ୍ | – | ରବି ପ୍ରଶ୍ନର ଉତ୍ତର ଚଟାପଟ୍ ଦେଇଥାଏ । |
| ଚଟାପଟ୍ | – | ରବି ପ୍ରଶ୍ନଆ ଉତ୍ତର ଚଟାପଟ୍ (ସାଙ୍ଗେ ସାଙ୍ଗେ) ଡିଞ୍ଜ୍କେ । |

| | | |
|---|---|---|
| ଚାହାଣୀ | – | ଭିକାରୀର କରୁଣ ଚାହାଣୀ ଦେଖି ମୁଁ ତରଳି ଗଲି । |
| ଚେହେରା | – | ବିକାରିରା ମାମାଣ୍ଡୁ ଚେଏରା ଜୟଜ ଆଞ୍ଜ୍ ତରଳେଅ । |
| ଚାହାଳି | – | ପୂର୍ବ କାଳରେ ପିଲାଏ ଚାହାଳୀରେ ପଢୁଥିଲେ । |
| ଚାଆଳି | – | ଆଗିଲା କାଳଆ ଉଆଳିକି ଚାଆଳିତେ ପଡେନମାନ୍‌କି । |
| ବାଟ | – | ଦିନେ ମୁଁ ଆମ ଗ୍ରାମ ବିଦ୍ୟାଳୟର ଚାଟ ଥିଲି । |
| ଚାତର | – | ଦିନମିଞ୍ଜ୍ ଆଞ୍ଜ୍ ନିଞ୍ଜାଁ / ଗାଅଁ ଇସିକୁଲୁଆ ଚାତର ଆସିଆନ୍ । |
| ଚାଳଘର | – | ଚାଳଘର ନିଆଁକୁ ଡର । |
| ତିଲୁଂଇଞ୍ଜାଁ | – | ତିଲୁଂଇଞ୍ଜାଁ ଲାଲାଜ୍‌ତେ ବେତଂ । |
| ଚାରି ପଟେ | – | ବେଳେବେଳେ ସମସ୍ୟା ଚାରିପଟେ ଘେରି ଯାଏ । |
| ଚାରିଆଡ | – | ବେଳବେଳମିଞ୍ଜ୍ ଅସୁବିଦା ଚାରିଆଡ ବେଡେକେ । |
| ଚାରିଆଡକୁ | – | ପକ୍ଷୀ ମଡକ ଚାରି ଆଡକୁ ବ୍ୟାପିଥାଏ । |
| ଚାରିଆଡବ | – | କନ୍ତେର୍ ଗଗଜ୍ ଚାରିଆଡବ ମାଡେକେ । |
| ଚାଲିଚାଲି | – | ପାର୍ବତ୍ୟ ଅଞ୍ଚଳରେ ଲୋକେ ଚାଲି ଚାଲି ଯା ଆସ କରନ୍ତି । |
| ଡାଜିଂଡାଜିଂ | – | ଉଳି ଜାଗାତେ ଲୁକକି ଡାଜିଂଡାଜିଂ ଯାଆସ କିପ୍‌ଡିକି ! |
| ଚାଷ | – | ଚାଷ ଅଛି ଯାହାର, କି ଆନନ୍ଦ ତାହାର । |
| ଡାସ | – | ତାସ ଆସିକେ ଯାଆରିଆ କି ଆନନ୍ଦ ଆରା । |
| ଚାପି | – | ଗଳି ଯାଉଥିବା ପାଣିକୁ ଚାପି ରଖ । |
| ଜାକେ | – | ଲମଲଏନମା ଡାଗ୍‌ତେ ଚିପିଜ (ଜାକେଜ) ଉନେ । |
| ଚାକିରୀ | – | ଆଜିକାଲି ଚାକିରି ମିଳିବା କଷ୍ଟକର ଅଟେ । |
| ଚାକିରି | – | ତମେନ୍ ଚାକିରି ମେଳେତେ କଷ୍ଟକର ଇରେ । |
| ଚାବି | – | ମୁଁ ସାଇକେଲ ଚାବି ହଜାଇ ଦେଇଥିଲି । |
| କଞ୍ଚିଆତ | – | ଆଞ୍ଜ୍ ସାଇକେଲ କୁଞ୍ଚିଆତ ଅଜାଏସେର । |
| ଚାଳ | – | ଆଜି ଆମ ଚାଳ ଉପରେ କାଉ ରାବୁଥିଲା । |
| ତିଲୁଂ | – | ମିସିଞ୍ଜ୍ ନିଞ୍ଜାଁ ତିଲୁଂ ଆଲିଂତେ ଗୁଆଁଗ୍ କେରାବ୍‌ମମାନ୍ । |
| ଚାକୁଣ୍ଡା | – | ଚାକୁଣ୍ଡାର ପତ୍ର ସନ୍ଧ୍ୟାବେଳେ ମଉଳି ଯାଏ । |
| ଚାକୁଣ୍ଡା | – | ଚାକୁଣ୍ଡାରା ଅଳାଗ୍‌ଡ ବୁଲୁତେ ଜାଉଁଳିରେ । |
| ଚାଉଳ | – | ଚାଉଳ ଚୂନାରେ ଆରିସା ପିଠା ହୁଏ । |
| ରଙ୍କୁବ୍ | – | ରଙ୍କୁବ୍ କୁଲୁଂକୁର୍‌ବ ଆରିସା ଅଳାଗ୍ ଇରେ । |

ଚାରା – ଫଳ ଚାରା ଲଗାଇ ତା'ର ଯତ୍ନ ନିଅ ।

ଚାରା – ଲାକୁ ଚାରା ଏଅରାଜଜ ଆରା ଯତନ ଏଗଂଆଁ ।

ଚାଲାକ – ଚାଲାକ ଲୋକ ବିପଦରୁ ରକ୍ଷାପାଏ ।

ଚାଲାକି – ଚାଲାକି ଲୁକ ବିପଦତା ରକ୍ଷା କୁଇରେ ।

ଚାଖଣ୍ଡ – ସହରରେ ଚାଖଣ୍ଡ ଜାଗାର ମୂଲ୍ୟ ମଧ୍ୟ ଅଧିକ ।

ଚାଙ୍କଡମିଞ୍ଜ୍ – ସଅରତେ ଚାଙ୍କଡମିଞ୍ଜ୍ ଜାଗାରା ବି ମୁଲ (ଉଦିକ) ସୁଗାଇ ।

ଚାରିପାଖ – ଘର ଚାରିପାଖରେ ଥିବା ଲତା ବୁଦା ସଫା କର ।

ଚାରିଆକ୍ – ଇଞ୍ଜାଁ ଚାରିଆକତା ମାସିନା ଲଅବୁଦା ସାପା କିବେପେ ।

ଚିତ୍ର – ରିମି ଭବିଷ୍ୟତରେ ଜଣେ ଭଲ ଚିତ୍ରକର ହେବ ।

ଚିତର – ରିମି ଆଗିଲାବ ମିନକ୍ ଡିଅ ଚିତରବାଲା ମିଇନା ।

ଚିତ୍ରକାର୍ଡ – ଶିକ୍ଷକ ଚିତ୍ରକାର୍ଡ ସାହାଯ୍ୟରେ ଶିକ୍ଷା ଦିଅନ୍ତି ।

ଚିତ୍ରକାର୍ଡ – ମାଷ୍ଟ୍ର ଚିତ୍ରକାର୍ଡ ସାଆଜବ ଆବସଜ୍‌କେ ।

ଚିଲ – ଚିଲ କୁକୁଡା ଛୁଆ ଉଠାଇ ନେଇ ଖାଇଯାଏ ।

କେଣ୍ଡେଲାଂ – କେଣ୍ଡେଲାଂ ସେଙ୍କଏ କନନ୍ ଟେକେଆନ୍‌ଜ ଗଗାନ୍‌ଜ ଜିମ୍‌କେ ।

ଚିହ୍ନ – ମୋ ବାମ ହାତରେ ଗୋଟିଏ କଟା ଚିହ୍ନ ରହିଛି ।

ଚିନ – ଆଞ୍ଜାଁ ସାଗିତ୍‌ତିତା ମୁଇଁଣ୍ଟ୍ ସେସେଜ୍ ଚିନ ଆସିକେ ।

ଚିକିତ୍ସା – ନିୟମିତ ଚିକିତ୍ସା କଲେ ଏଡ୍‌ସ ଭଲ ହୋଇଯାଏ ।

ତାତାମାମାର୍ – ସଦାଏ ତାତାମାମାର୍ କିକିପ୍ ଇଆନ୍‌ଲେ ଏଡସ୍ ଡିଅ ଇରେ ।

ଚିଙ୍ଗୁଡି – ଚିଙ୍ଗୁଡି ଘେରିଯାକ ଚିଲିକାର ସୌନ୍ଦର୍ଯ୍ୟ ନଷ୍ଟ କରୁଛି ।

ଚିଙ୍ଗିଳି – ଚିଙ୍ଗିଳି ଗେରାରେକି ଚିଲିକାରା ସୁନ୍ଦରରତେ ବାଗି କିପ୍‌କେ ।

ଚିରାଲେଙ୍ଗଡା – ପାଗଳଟା ଚିରାଲେଙ୍ଗଡା ପିନ୍ଧି ବୁଲୁଛି ।

ରାମାଜ୍‌ଲେଞ୍ଜୋରା – ପାଗଲରେ ରାମାଜ୍‌ଲେଞ୍ଜୋରା ଆଣ୍ଡିଜାନ୍‌ଜ ବୁଲିକେ ।

ଚିହ୍ନାଇବା – ଜାତୀୟ ପତାକାର ରଙ୍ଗଗୁଡିକ ଅନ୍ୟକୁ ଚିହ୍ନାଇବା ଉଚିତ୍ ।

ଚିମିନାଏ – ଜାତୀୟ ପତକାରା ରଙ୍ଗରିକି ଅନ୍ୟକିତେ ଚିମିନାଏକି ଡିଅ ।

ଚିହ୍ନିବା – ପିଲାବେଳର ପଢାସାଥୀଙ୍କୁ ବହୁ ବର୍ଷ ପରେ ଚିହ୍ନିବା କଷ୍ଟ ।

ଚିନିତେ – ଉଆଲି ବେଳଆ ପଡା ସାଙ୍ଗକିତେ ସୁଗାଇ ଦିନ ପରେ ଚିନିତେ କଷ୍ଟ ।

ଚିପିବା – ହାତର ନାଡି ଚିପିବା ଦ୍ୱାରା ତାର ଗତି ଜଣା ପଡେ ।

ଚିପିଅଜ୍ / ତେବାଂଅଜ – ଇତିଆ ସିର ଚିପିଅଜ ଆରା ଡାଜିଂଡ ଜଣା ଅଳଗ୍‌ଡେ ।

| | | |
|---|---|---|
| ଚିନ୍ତା | - | ଲୁଣ ଖାଏ ହାଣ୍ଡି, ଚିନ୍ତାଖାଏ ଗଣ୍ଡି । |
| ଚିନ୍ତା | - | ବିଲୁଂ ଜିମ୍‌କେ ଆଟିକା, ଚିନ୍ତା ଜିମ୍‌କେ ଗଣ୍ଡି । |
| ଚିକିତ୍ସକ | - | ମାଳ ଅଞ୍ଚଳରେ ଚିକିତ୍ସକମାନଙ୍କର ଘୋର ଅଭାବ ରହିଛି । |
| ଚିକିତ୍ସକ | - | ଟାଙ୍ଗାରା ଅଞ୍ଚଳତେ ଚିକିତ୍ସକକା ସୁଗାଇ ଅବାବ ଇରେ । |
| ଚିତ୍କାର | - | ଘରେ ନିଆଁ ଲାଗିଲେ ଆର୍ତ୍ତ ଚିତ୍କାର କରି ଲୋକଙ୍କୁ ଡାକିବ । |
| ଇଲିଆଅଜ | - | ଇଞ୍ଜାଁତେ ଲାଲାଜ୍ ଲାଗେଆନ୍‌ଲେ ଇଲିଲାଅଜ ଲୁକକିତେ ଏଡାକେ । |
| ଚିହ୍ନଟ | - | ପକ୍ଷୀ ମଡକ ହେଲେ ଭୂତାଣୁ ଚିହ୍ନଟ କାମ କରାଯାଏ । |
| ଚିନଟ | - | କନ୍ତେର୍ ଗଜକିଲେ ଭୁତାଣୁ ଚିନିତେ କାମ କିକିପ୍ ଇରେ । |
| ଚିରିବା | - | ଜଙ୍ଗଲରେ ପଶିଲେ ଲୁଗା ଚିରିବା ସମ୍ଭାବନା ଥାଏ । |
| ରାମାଞ୍ଜା | - | ବଣତେ ଡୁଡୁଇଆନ୍‌ଲେ କତେ ରାମାଞ୍ଜାଁ ସମ୍ଭାବନା ରଏରେ । |
| ଚିନାବାଦାମ | - | ଚିନାବାଦାମ ଚାଷ ଏକ ଲାଭଜନକ ଫସଲ । |
| ଚିନିଗଦାମ | - | ଚିନିଗଦାମ ତାସ ମୁଇଁଣ୍ଟ ଲାବ ଡେଗାନ୍ କିରିଷି । |
| ଚିହ୍ନ ଉଠିବା | - | ବେତ ମାଡ ହେଲେ ଦେହରେ ଚିହ୍ନ ଉଠିବା ସମ୍ଭବନା । |
| ରିଡା ବମସେନା | - | ବେତ ମାଡ ଇଆନ୍‌ଲେ ଇଣିତେ ରିଡାବମସେନା ସମ୍ଭାବନା ରଏରେ । |
| ଚୂନା | - | ଗହମ ଚୂନାରେ ପରଟା ତିଆରି ହୁଏ । |
| କୁଲୁଂକୁର୍ | - | ଗଅମ କୁଲୁଂକର୍‌ବ ପରାଟା ବନାଏ ଇରେ । |
| ଚେହେରା | - | ଚିନ୍ତାରେ ବାପାଙ୍କ ଚେହେରା ମଳିନ ଦେଖାଯାଉଛି । |
| ଚେଏରା | - | ଚିନ୍ତାବ ଅବାଞ୍ଜାଁ ଚେଏରାର ମୁଳିଚା ଜଏରେ । |
| ଚେର | - | ଚେରମୂଳି ଔଷଧ ଦେହ ପାଇଁ ନିରାପଦ ଅଟେ । |
| ଚେର | - | ଚେର ମୂଳ ଅସ ଇଣିଆ ଦିରେ ବିପଦ ଯେନା । |
| ଚେତା | - | ଘଣ୍ଟାଏ ପରେ ରମାର ଚେତା ଫେରିଲା । |
| ଚେତା | - | ଗଣ୍ଟାମିଞ୍ଜ୍ ପରେ ରମାରା ଚେତା ପେରେଅ । |
| ଚୋପା | - | କଦଳୀ ଚୋପା ରାସ୍ତାରେ ପକାଅ ନାହିଁ । |
| ଚପା | - | କୁଦିଳ ଚପା ରାସ୍ତାତେ (ଇଟିଅଗର) ଏତମର । |
| ଚୋରି | - | ଅସାମାଜିକ ଲୋକେ ଚୋରି କରନ୍ତି । |
| ସୁରମ୍ | - | ବାଗି ଲୁକକି ଶୁରମ୍‌ଡିକି । |
| ଚୋବାଇବା | - | ଖାଦ୍ୟ ଚୋବାଇବା ଦ୍ୱାରା ହଜମ ହୁଏ । |
| ଆଜାଏବ | - | ଆଦାର ଆଜାଏରେବ (ଜରେକେ) ଅଜମ ଇରେ । |

## – ଛ –

| | | |
|---|---|---|
| ଛଚିନ୍ଦ୍ରା | – | ଛଚିନ୍ଦ୍ରାକୁ ବିଲେଇ ଖାଏ ନାହିଁ । |
| ଡୁସେନ୍ | – | ଡୁସେନ୍‌ତେ ବିଲେଇ ଜିଁଜିମ୍ ଯେନା । |
| ଛନଛନିଆ | – | ହାତୀମାନେ ଛନଛନିଆ ଫସଲକୁ ନଷ୍ଟ କରନ୍ତି । |
| ଚନଚନିଆ | – | ଆତିକି ଚନଚନିଆ କିରିସିତେ ନଷ୍ଟ କିପ୍‌କିକି । |
| ଛଳରେ | – | କେଉଟ ଛଳରେ ମାଛ ଧରେ । |
| ଚଳେତେ | – | କେଉଟ (କାରଂ ଦରାଳି) ଚଳେତେ କାରଂ ସବ୍‌କେ । |
| ଛଟପଟ | – | ଯନ୍ତ୍ରଣାରେ ପିଲାଟି ଛଟପଟ ହେଉଛି । |
| ଚଟପଟ | – | କଷ୍ଟବ ଉଆଳିରେ ଚଟପଟ ଇରେ । |
| ଛକି | – | ଭୁଲ ଉତ୍ତରରେ ଶିକ୍ଷକ ଛକି ଚିହ୍ନ ଦିଅନ୍ତି । |
| ଚକି | – | ବୁଲ୍ ଉତ୍ତରତେ ମାଷ୍ଟ୍ର ଚକି ଚିନ ଡଞ୍ଜ୍‌କେ । |
| ଛତା | – | ଖରା ବର୍ଷାରୁ ଛତା ରକ୍ଷା କରେ । |
| ଚାତା | – | କାରା ଗିମାତା ଚାତା ରକ୍ଷା କିପ୍‌କେ । |
| ଛତୁ | – | ପୁରୁଣା କାଠରେ ଛତୁ ଉଠେ । |
| ଡଁର୍ | – | ଉରୁଣା ସେଂଅଁନ୍‌ତେ ଡଁର୍ ଆରିରେ । |
| ଛପର | – | ନଡା ଛପର ଘର ଖରାଦିନେ ଥଣ୍ଡା ରହେ । |
| ତିଲୁଂ | – | ନାଳା ତିଲୁଂ ଇଞ୍ଜାଁ କାରାଦିନତେ ତଣ୍ଡା (ଏମାଣ) ରଏରେ । |
| ଛପେଇ | – | ଡାକ ଟିକଟ ଅଠାରେ ଛପେଇ ଦିଆଯାଏ । |
| ଚାପାଏ | – | ଡାକ ଟିକଟ ଆଟାବ ଚାପାଏ ଇରେ । |
| ଚାଂଛି | – | ବଙ୍କାକାଠକୁ ଚାଂଛି ସଳଖ କରାଯାଏ । |
| ଲାଗକିଜ୍ | – | ଗେଣ୍ଡେଲଂ ସେଂଅଁନ୍‌ତେ ଲାଗକିଜ ସଳକ କିକିପ୍‌ଇରେ । |
| ଛାତି | – | ଭୂମିକମ୍ପ ଦେଖି ଭୟରେ ଛାତି ଥରି ଉଠେ । |
| ବୁକୁ | – | ଲକା ଦଲକେଆନ୍‌ଜ ବେତଂ ମେସା ବୁକୁ ତରତରାଏରେ । |
| ଛିଞ୍ଚିବା | – | ଅଚେତ ବ୍ୟକ୍ତିର ମୁହଁରେ ପାଣି ଛିଞ୍ଚିବା ଭଲ । |
| ଚିଞ୍ଚିଅକିଜ (ଜିଣ୍ଟିଅକିଜ) | – | ଅଚେତା ଲୋକଆ ମୁଅଁରତେ ଡାଗ୍ ଚିଞ୍ଚିଅକିଜ ଡିଅ । |
| ଛୁ | – | ଚୋର ପୋଲିସକୁ ଦେଖି ଛୁ ମାରିଲା । |
| ଡଜ | – | ଚୋର ପୁଲିସତେ ଜୟଜ ଡଜ । |

| | | |
|---|---|---|
| ଛୁଆ | - | ମଣିଷ ଛୁଆ ଅନେକ ଯତ୍ନ ଆବଶ୍ୟକ କରେ । |
| କନନ୍ | - | ମୁଣୁଷ କନନ୍ ସୁଗାଇ ଯତନ ଦରକାର କିପ୍ଡେ । |
| ଛୁଇଁଲେ | - | ଲାଜକୁଳି ଲତାକୁ ଛୁଇଁଲେ ତାହା ମଉଳି ଯାଏ । |
| ଜିବକିଲେ | - | ଲାଜକୁଳି ଲଅତେ ଜିବକିଲେ ଏରେ ଜାଉଁଳିରେ । |
| ଛେଳି | - | ଛେଳି ପାଳନ ଏକ ଲାଭଜନକ ବ୍ୟବସାୟ । |
| ମେରମ୍ | - | ମେରମ୍ ଉଷିରେ ମୁଇଁଣ୍ଟ ଲାବ ଡେଗାନ୍ ବେପାର । |
| ଛୋଟ | - | ଛୋଟ ବେଳୁ ପିତାମାତାଙ୍କର ଆଜ୍ଞାବହ ହୁଅ । |
| ଏଣ୍ଟେଜ୍ | - | ଏଣ୍ଟେଜ୍ ବେଳତାସୁନ୍ ଅବାବୁଇକା ବୁଲଆକ ମାନେପେ । |

## - ଜ -

| | | |
|---|---|---|
| ଜଗତ | - | ଜଗତରେ ଅନ୍ୟାୟ ବଢ଼ି ଚାଲିଛି । |
| ଦୁନିଆ | - | ଦୁନିଆରା ଅନିଆୟ ବଡେ ବଡେ ଅଣ୍ଡେ । |
| ଜଙ୍ଗଲିଆ | - | ଜଙ୍ଗଲିଆ ଜାଗାରେ ହିଂସ୍ରଜନ୍ତୁ ଥାଆନ୍ତି । |
| ଜଙ୍ଗଲିଆ | - | ଜଙ୍ଗଲିଆ ଜାଗାତେ ହିଂସ୍ର ଜନ୍ତୁ ରଏରିକି । |
| ଜଗାଇ | - | ଆଦିବାସୀମାନେ ପିଲାଙ୍କୁ ଫସଲ ଜଗାଇ ଦିଅନ୍ତି । |
| ଆବ୍ଜଗାଏ | - | ଆଦିବାସୀକି ଉଆଳିକିତେ କିରିସି ଆବ୍ଜଗାଏକିକି । |
| ଜଳ | - | ଜଳ ବିହୁନେ ସୃଷ୍ଟି ନାଶ ହେବ । |
| ଡାଗ୍ | - | ଡାଗ୍ ଆଇଆନ୍ଲେ ସିରିଜିନା ନାଶ ମିନା । |
| ଜଳଛତ୍ର | - | ତୃଷାର୍ତ୍ତଙ୍କ ପାଇଁ ଜଳଛତ୍ର ଖୋଲାଯାଏ । |
| ଡାଗ ଯୁଗାଏ | - | ଡାଗ୍ ଏମେଜେଲାଂକା ଦିରେ ଡାଗ୍ ଯୁଗାଏ ଇରେ । |
| ଜଳନ୍ତା | - | ଜଳନ୍ତା ଘରୁ ପିଲାଟିକୁ ଉଦ୍ଧାର କରାଗଲା । |
| ଲମବ୍ଲମମା | - | ଲମବ୍ଲମମା ଇଞ୍ଜାଁତା ଉଆଳିରେତେ ମୁକୁଲାଏଅକି । |
| ଜଙ୍ଘ | - | ଖେଳରେ ରିମିର ଜଙ୍ଘ ମକ୍ଚି ଯାଇଛି । |
| ବୁଲୁଚାଟୁଆ | - | କେଳଆତେ ରିମିଆ ବୁଲୁଚାଟୁଆର ମଚକେସେରେ । |
| ଜଗୁଆଳି | - | ବ୍ୟାଙ୍କ୍ ଗୁଡିକରେ ଜଗୁଆଳୀମାନେ ଥାଆନ୍ତି । |
| ଜଗୁଆଳି | - | ବ୍ୟାଙ୍କ୍ ରାକାତେ ଜଗୁଆଳିକି ଆସିକିକି । |

| | | |
|---|---|---|
| ଜନମ | - | ଭାରତ ଆମର ଜନମ ଭୂଇଁ ଅଟେ । |
| ଜନମ | - | ଭାରତ ନିଞ୍ଜାଁ ଜନମ ଲକା ଇରେ । |
| ଜନନୀ | - | ଜନନୀ ଓ ଜନ୍ମଭୂମି ସବୁଠାରୁ ବଡ । |
| ବୁଇ | - | ବୁଇ ଆଉ ଜନମଲକା ସାବରେଞ୍ଜାଁତା କୁବା । |
| ଜନ୍ମଭୂମି | - | ଜନ୍ମଭୂମିର ସେବାରେ ଆମେ ନିଜକୁ ଉତ୍ସର୍ଗ କରିବା । |
| ଜନମଲକା | - | ଜନମଲକାରା ସେବେତେ ନିଞ୍ଜ୍ ନିଜତେ କମବ ନାଲାଗାଏ । |
| ଜନ୍ମଦିନ | - | ଅକ୍ଟୋବର ଦୁଇ ମହାତ୍ମାଗାନ୍ଧୀଙ୍କ ଜନ୍ମଦିନ ଅଟେ । |
| ଜନମଦିନ | - | ଅକ୍ଟୋବର ଦୁଇ ମହାତ୍ମାଗାନ୍ଧୀଆ ଜନମଦିନ ଇରେ । |
| ଜନଗଣନା | - | ପ୍ରତି ଦଶବର୍ଷକୁ ଥରେ ଜନଗଣନା କରାଯାଏ । |
| ଲୁକ ସମାର | - | ପ୍ରତି ଦଶ ବରଷତେ (ତରମିଞ୍ଜ୍) ଲୁକସମାର କିକିପ୍ ଇରେ । |
| ଜବତ | - | ପୋଲିସ୍ ଚୋରା ଜିନିଷକୁ ଜବତ୍ କରନ୍ତି । |
| ଜବଦ | - | ପୁଲିସ୍ ସୁମୁରମ୍ତା ଗିନିଷତେ ଜବଦ କିପ୍‌କିକି । |
| ଜମିବାଡି | - | ଜମିବାଡି ନଥିବା ଲୋକ ବହୁତ ଅଛନ୍ତି । |
| ଜାଗାବାଲି | - | ଜାଗାବାଲି ମାରାସିନା ଲୁକ ସୁଗାଇ ଆସିକିକି । |
| ଜଡିତ | - | ଅଧ୍ୟୟନ ସହିତ ଦେଶ ସେବାରେ ଜଡିତ ଥାଅ । |
| ମେସେନାପେଜ | - | ପାଟପଡା ତୁଲଂ ଦେଶ ସେବାବ ମେସେନାପେଜ ଆସିନାପେ । |
| ଜହ୍ନି | - | ଜହ୍ନି ଫୁଲ ରଙ୍ଗ ହଳଦିଆ । |
| ଜୁନି | - | ଜୁନି ରାସିଂଆଁ ରଙ୍ଗ ସାଣାଂସାଂ । |
| ଜୟ | - | କାରଗିଲ୍ ଯୁଦ୍ଧରେ ଭାରତ ଜୟଲାଭ କଲା । |
| ଜିତିଆନା | - | କାରିଗିଲ ଯୁଦ୍ଧତେ ଭାରତ ଜିତିଆନା / ଜେତେଅ । |
| ଜୟନ୍ତୀ | - | ନେତାଜୀଙ୍କ ଜୟନ୍ତୀ ବିଦ୍ୟାଳୟରେ ପାଳନ କରାଯାଏ । |
| ଜନମଦିନ | - | ନେତାଜିଆ ଜନମଦିନ ଇସିକୁଲୁତେ ମାନେଇରେ । |
| ଜଣକା | - | ଜଣକା ହଲେ ଲେଖାଏ ପୋଷାକ ଦିଆଗଲା । |
| ମିନଲଗ୍‌ତେ | - | ମିନଲଗ୍‌ତେ ଅଲମିଞ୍ଜ୍ ଲେକା ଉଙ୍ଗି ଡିଡିଞ୍ଜ୍‌ଇଆନା । |
| ଜଣ | - | ଏକ ଜଣ ବ୍ୟକ୍ତି ବଞ୍ଚିବା କଷ୍ଟ ଅଟେ । |
| ମିନଗ୍ | - | ମିନଗ୍ ଲୁକ ବଞ୍ଚେତେ କଷ୍ଟ ଇରେ । |
| ଜମା | - | ଗାଁରେ ଜଣେ ମୃତ ହେଲେ ଲୋକ ଜମା ହୁଅନ୍ତି । |
| ଟୁଳ | - | ଗାଅଁତେ ମିନଗ୍ ଗଜଲେ ଲୁକ ଟୁଳ ଇରିକି । |

ଜ୍ୱର - ମେଲେରିଆ ଏକ ଘାତଜ୍ୱର ଅଟେ ।

ଜର - ମେଲେରିଆ ମୁଇଁଣ୍ଟି ଜୀବନ ଗଗଗ୍ ଜ୍ୱର ଇରେ ।

ଜ୍ୱଳନ୍ତ - ଆଦର୍ଶ ଛାତ୍ର ଅନ୍ୟର ଜ୍ୱଳନ୍ତ ଉଦାହରଣ ହୁଅନ୍ତି ।

ଚିନା ଡେଗାନ୍ - ଆଦର୍ଶ ଚାଲା ଅନ୍ୟରକା ଚିନା ଡେଗାନ୍ ଇରିକି ।

ଜକେଇ - ମୋ ସାଙ୍ଗର ଦୁଃଖ ଦେଖି ମୋ ଆଖି ଜକେଇ ଗଲା ।

ମୁଜାଏରମାନ୍ - ଆଞ୍ଜାଁ ସାଙ୍ଗଞ୍ଜାଁ ଦୁଃକ ଜୟଜ ଆଞ୍ଜାଁ ଅମର୍ ମୁଜାଏରମାନ୍ ।

ଜାତି - ଜାତିପ୍ରଥା ଏକ ସାମାଜିକ କଳଙ୍କ ଅଟେ ।

ଜାତି - ଜାତିବେଦ ମୁଇଁଣ୍ଟି ସମାଜଆ କଳଙ୍କ ଡେଗାନ୍ ଇରେ ।

ଜାଗରଣ - ଦେଶରେ ଦୁର୍ନୀତି ବିରୁଦ୍ଧରେ ଜାଗରଣ ସୃଷ୍ଟି ହୋଇଛି ।

ଜାଗରଣ - ଦେଶଆ ବାଗିକମ୍ ବିରୁଦ୍ଧତେ ଜାଗରଣ ସୃଷ୍ଟି ଇସେରେ ।

ଜାତୀୟ - ଖଣି ଗୁଡ଼ିକ ଜାତୀୟ ସମ୍ପତ୍ତି, ଏହାକୁ ଲୁଟ୍ କରିବା ଅନ୍ୟାୟ ।

ଦେଶଆ - କଣିରିକି ଦେଶଆ ଦନ, ନିତେ ସୁରମ୍ଡେ ଅନିଆୟ ।

ଜାମା - ସ୍କୁଲ ସମୟ ହେଲେ ମାଆ ମୋତେ ଜାମା ପିନ୍ଧାନ୍ତି ।

ଉଙ୍ଗି - ଇସୁକୁଲୁ ବେଳ ଇଆନ୍‌ଲେ ବୁଇଞ୍ଜ୍ ଆଞ୍ଜ୍‌ତେ ଉଙ୍ଗି ଉବ୍‌କୁର୍‌କେ ।

ଜାମୁ - ଜାମୁକୋଳି ଖାଇବାକୁ ମିଠା ଲାଗେ ।

ଜାମ୍‌ବୁ - ଜାମ୍‌ବୁଲାକୁ କକବ୍‌ତେ ମିଟା ଲାଗେରେ ।

ଜାଲ - କେଉଟମାନେ ଜାଲରେ ମାଛ ଧରନ୍ତି ।

ଜାଲ - କାରଂଦରାଲିକି ଜାଲତେ କାରଂ ସବ୍‌କିକି ।

ଜାଣିଲୁ - ରେଡିଓରୁ ଆମେ ପାଣିପାଗ ଖବର ଜାଣିଲୁ ।

ନେଙ୍କଅଁ - ରେଡିଓତା ନିଞ୍ଜ୍ ଡାଗ୍‌ପାଗ କବର ନେଙ୍କଅଁ ।

ଜାଣିବା - ଦେଶରେ ଘଟୁଥିବା ଘଟଣା ଜାଣିବା ଆବଶ୍ୟକ ।

ନେକଂ - ଦେଶଆ ଗମଟେନମା ଗଟଣା କଂକଂବା ଦରକାର ।

ଜିତିବା - ବିନା ଅଭ୍ୟାସରେ ଖେଳରେ ଜିତିବା କଷ୍ଟ ।

ଜେତେତେ - ବିନା ଅବ୍ୟାସବ କେଲତେ ଜେତେତେ କଷଟ ।

ଜିନିଷ - ଘରେ ନିଆଁ ଲାଗିଲେ ଅନେକ ଜିନିଷ ପୋଡ଼ିଯାଏ ।

ଗିନିଷ - ଇଞ୍ଜାଁତେ ଲାଲାଜ୍ ଲାଗେଆନ୍‌ଲେ ଅମ୍‌ବାର ଗିନିଷ ଲବ୍‌କେ ।

ଜିରାଫ୍ - ଜିରାଫ୍ ଏକ ତୃଣଭୋଜି ପ୍ରାଣୀ ।

ଜିରାପ - ଜିରାପ ମୁଇଁଣ୍ଟି ଗାସସମରେତା ଜୀବ ।

ଜିଲ୍ଲାଜର୍ଜ - ପ୍ରତି ଜିଲ୍ଲାରେ ଜଣେ ଜିଲ୍ଲାଜର୍ଜ ଥାନ୍ତି ।

ଜିଲ୍ଲାଜର୍ଜ - ପ୍ରତି ଜିଲ୍ଲାତେ ମିନକ୍ ଜିଲାଜର୍ଜ ରଏରିକି ।

ଜୀବ - ଜୀବହତ୍ୟା ମହାପାପ ।

ଜୀବ - ଜୀବ ଅବ୍‌ଗଜ୍ କୁବାପାପ ।

ଜୀବନ୍ତ - ବଣ ପୋଡିବେଳେ ଅନେକ ପ୍ରାଣୀ ଜୀବନ୍ତ ଦଗ୍‌ଧ ହୁଅନ୍ତି ।

ଜୀଇଁତା - ବଣ ଲଲବ୍‌ବେଲତେ ଅମ୍ଫାର୍ ଜୀବକି (ଜୀଇଁତା) ବରନ୍‌ଡ ଲବ୍‌କିକି ।

ଜୀବନ - ଚିକିତ୍ସା ଅଭାବରେ ଅନେକଙ୍କ ଜୀବନ ଚାଲିଯାଏ ।

ଜୀବନ - ଡାତାମାମାର୍ ଅବାବବ ଅମ୍ଫାର୍ ଜୀବନ୍ ଅନ୍‌ଡେ ।

ଜୀବନଯାପନ - ନର୍ସ ସ୍ୱାସ୍ଥ୍ୟସେବା ଦେଇ ଜୀବନ ଯାପନ କରନ୍ତି ।

ଜୀବନବିତାଏ - ନର୍ସ ସ୍ୱାସ୍ଥ୍ୟ ସେବାବ ଜୀବନ ବିତାଏକେ ।

ଜୀବିକା - ଲୁଗାବୁଣା ତନ୍ତିର ଜୀବିକା ଅଟେ ।

ବେଉସା - କଡେବୁବୁଗ୍ ତନ୍ତିଆ ବେଉସା ଇରେ ।

ଜୁହାର - ଗୁରୁଜନମାନଙ୍କୁ ଆମେ ଜୁହାର କରୁ ।

ଜୁଆର - କୁବାକୁବାକିତେ ନିଞ୍ଜ୍ ନୁଲୁଗିରେ ।

ଜୁଡୁବୁଡୁ - ମୁଣ୍ଡ ଫାଟି ଯିବାରୁ ସେ ରକ୍ତ ଜୁଡୁବୁଡୁ ହୋଇ ପଡିଛି ।

ଜୁଡୁବୁଡୁ - ବକପ୍ ପାଗାନ୍ ଏଡେ ଆର ଇଞ୍ଜାଁମ୍ ଜୁଡୁବୁଡୁ ଇଆନଜ ଗୁରଚେରେ ।

ଜେଜେ - ଆମ ଜେଜେ ଚଷମା ପିନ୍ଧି ବହି ପଢନ୍ତି ।

ଆଜା - ନିଞ୍ଜାଁ ଆଜାଞ୍ଜ୍ ଚଚମା କୁରାନ୍‌ଜ ବଇ ପଡେକେ ।

ଜେବ୍ରାକ୍ରସିଂ - ଜେବ୍ରାକ୍ରସିଂରେ ଲୋକ ଚାଲିଚାଲି ପାର ହୁଅନ୍ତି ।

ଜେବ୍ରା କ୍ରସିଂ - ଜେବ୍ରା କ୍ରସିଂତେ ଲୁକକି ଡାଜିଂ ଡାଜିଂ ପାରି ଇରିକି ।

ଜୋରସୋର - ରାସ୍ତାକାମ ଜୋରସୋରରେ ଚାଲିଛି ।

ଜୁରୁଜାରା - ରାସାତା କମ ଜୁରୁଜାରା ଡାଜିଂସେକେ ।

ଜୋରରେ - ହେଲମେଟ୍ ପିନ୍ଧି ନ ଥିଲେ ମୁଣ୍ଡରେ ଜୋର୍‌ରେ ଆଘତ ହୁଏ ।

ଜରୁବ - ହେଲମେଣ୍ଟ ଆକୁର୍ ସେରାନ୍‌କିଲେ ବକପ୍‌ତେ ଜୁରୁର ଦକାଇରେ ।

ଜ୍ୟେଷ୍ଠ - ଜ୍ୟେଷ୍ଠ ଭ୍ରାତାଙ୍କୁ ଆମେ ପିତୃତୁଲ୍ୟ ସମ୍ମାନ ଦେଉ ।

କୁବା - କୁବା କାକାନିଞ୍ଜ୍‌କିତେ ନିଞ୍ଜ୍ ଅବା ଡେଗାନ୍ ସନମାନ ନିଡିଞ୍ଜ୍‌କେ ।

ଜ୍ୟୋତ୍ସ୍ନା - ଚାନ୍ଦର ଜ୍ୟୋତ୍ସ୍ନା ଅନ୍ଧାକାର ଦୂର କରେ ।

କିରଣ - ଲେରାଂଆଁ କିରଣ ଆନ୍ଦାରତେ ଡିନ୍‌କେ ।

ଜ୍ୟୋତିର୍ବିଦ -    ପଠାଣି ସାମନ୍ତ ଜଣେ ବିଖ୍ୟାତ ଜ୍ୟୋତିର୍ବିଦ୍ ଥିଲେ ।
ପାଞ୍ଜିକାରିଆ -    ପଠାଣି ସାମନ୍ତ ମିନକ୍ କୁବା ପାଞ୍ଜିକାରିଆ ଆସିଆନ୍ ।

## - ୯ -

| | | |
|---|---|---|
| ଝଡ | - | ଗତ ଝଡ ବର୍ଷାରେ ବର ଗଛଟି ଉପୁଡି ଗଲା । |
| ବାଦାସ | - | ଅନ ବାଦାସ ଗିମାବ ବଳ ସୁମୁସିଞ୍ଜ୍ଡେ ଜାଗ୍ଡମାନା । |
| ଝଡୁଛି | - | ଟିକିଏ ପବନ ହେଲେ ପାଚିଲା ଆମ୍ବ ଝଡୁଛି । |
| ଗୁର୍କେ | - | ନକଟେଜ୍ କୟୟଲେ ବିଲିମ୍ ଅଲେ ଗୁର୍କେ । |
| ଝଡିବର୍ଷା | - | ଝଡିବର୍ଷା ଅନେକ ଦିନ ଯାଏ ଲାଗିରହେ । |
| ଜଲିଗିମା | - | ଜଲିଗିମା ସୁଗାଇ ଦିନ ଯାକଜ୍ ଲାଗେଆନ୍ଜ ରଏରେ । |
| ଝଗଡା | - | ବେଳେବେଳେ ପିଲାଏ ପରସ୍ପର ଝଗଡା କରନ୍ତି । |
| କଲେଜ୍ | - | ତରତରମିଞ୍ଜ୍ ଉଆଳିକି ନିଜ ନିଜ ବିତରେ କଲେଜ୍ ଆବିରାଏକିକି । |
| ଝରଣା | - | ଝରଣାଟିଏ କୁଳୁକୁଳୁ ହୋଇ ବହି ଯାଉଛି । |
| ଜରଣା | - | ଜରଣାରେ କୁଳୁକୁଳୁ ଇଆନ୍ଜ ବଏସୁନ୍ ଅଣ୍ଡେ । |
| ଝର ଝର | - | ପର୍ବତରେ ବର୍ଷା ଝର ଝର ଶବ୍ଦ ହେଉଛି । |
| ଜିରଜିର | - | ଉଳିତେ ଗିମା ଜିର୍ ଜିର୍ ଶବଦ ଇରେ । |
| ଝରକା | - | ରାତିରେ ଝରକା ବନ୍ଦ କରି ରଖ । |
| ଜରକା | - | ଏନ୍ଦାରତେ ଜରକା କରେପେଜ ଉନେପେ । |
| ଝଲକ | - | ଇନ୍ଦ୍ରଧନୁର ଝଲକ ଅତ୍ୟନ୍ତ ମନଲୋଭା । |
| ଜଲକେର | - | ଡେବଂଆଁ ଜଲକର ସୁଗାଇ ମନଲୁବା । |
| ଝଲମଲ | - | ପାଣିରେ ସୂର୍ଯ୍ୟ କିରଣ ଝଲମଲ ଦିଶୁଛି । |
| ଜଲମଲ | - | ଡାଗ୍ତେ ବେଳଆ ଆଲର୍ ଜଲମଲ ଜଏରେ । |
| ଝାଉଁଳିବା | - | ସନ୍ଧ୍ୟା ହେଲେ ଚାକୁଣ୍ଡା ପତ୍ର ଝାଉଁଳିବା ଆରମ୍ଭ କରେ । |
| ଜାଉଁଳେତେ | - | ବୁଲୁତେ ଚାକଣ୍ଡା ଅଲାଗ୍ ଜାଅଁଳେତେ ଆରମ୍ଭ ଇରେ । |
| ଝାମ୍ପି | - | ଛଞ୍ଚାଣ ଅନ୍ୟ ପକ୍ଷୀଙ୍କୁ ଝାମ୍ପିନିଏ । |
| ଜାମ୍ପେ | - | ବାଜ ଅଇନ କନ୍ତେର୍କିତେ ଜାମ୍ପେଆନ୍ଜ ଗଗ୍ଡେ । |

| | | |
|---|---|---|
| ଝିଟିପିଟି | - | ଝିଟିପିଟି କାନ୍ଥରେ ଥାଇ ପୋକ ଖାଏ । |
| କାଳାସାମଙ୍ଗ | - | କାଳାସାମଙ୍ଗ କାନ୍ତତେ ଆସିଆନ୍‌ଜ ତିଅ ଜିମ୍‌କେ । |
| ଝିମିଝିମ୍ | - | ମୁଣ୍ଡରେ ଆଘାତ ଲାଗିଲେ ଦେହ ଝିମ୍‌ଝିମ୍ ହୁଏ । |
| ଜିମ୍ ଜିମ୍ | - | ବକପ୍‌ତେ କୁଟିରମାନ୍‌ଲେ ଇଣି ଜିମ୍‌ଜିମ୍ ଇରେ । |
| ଝୁଲି ଝୁଲି | - | ପ୍ରଜାପତି ଫୁଲଗୁଡିକରେ ଝୁଲିଝୁଲି ରସ ପାନ କରେ । |
| ଡକଡକ | - | କୁଂକୁଲାଂ ରାସିଂଡାକାତେ ଡକଡକ ରସ / ସୁର୍‌କେ । |
| ଝୁଲାଇ | - | ପ୍ରିୟ ଲୋକଙ୍କ ଫଟୋ ଘରେ ଝୁଲାଇ ରଖାଯାଏ । |
| ଉଜୁର୍ | - | ଡିଅ ଲୁକକା ପଟ ଇଞ୍ଜାଁତେ ଉଜୁର୍‌ରାନ୍‌କିଜ ଉଣ୍ଡିକି । |
| ଝୁଡି | - | ଶ୍ରମିକମାନେ ଝୁଡିରେ ମାଟି ବୋହି ନିଅନ୍ତି । |
| ଗାଣ୍ଡୁଆ | - | ମୁଲିଆକି ଗାଣ୍ଡୁଆତେ ଲଟପ୍ ତୁଆଅକିଜ ଗଗ୍‌କିକି । |

## - ଟ -

| | | |
|---|---|---|
| ଟଙ୍କା | - | ଟଙ୍କା ପଇସା ଦେଇ ଆମେ ଜିନିଷ କିଣୁ । |
| ଟାଙ୍କା | - | ଟାଙ୍କା ପଏସା ନିଡିଞ୍ଜଁଜ ନିଞ୍ଜ୍ ଗିନିଷ ନେସଂଡେ । |
| ଟଙ୍କିଆ | - | ଆଜିକାଲି ଏକ ଟଙ୍କିଆ ନୋଟ୍ ଦେଖା ଯାଉନାହିଁ । |
| ଟାଙ୍କାକିଆ | - | ଡମେନ୍ ଟାଙ୍କାକିଆ ନୁଟୁ ଜଜଏ ଆଇରେ |
| ଟାଙ୍ଗି | - | ମୁଁ ଆଲଣାରେ ସାର୍ଟ ଟାଙ୍ଗି ରଖେ । |
| ଉଜୁର | - | ଆଞ୍ଜ୍ ଦାଉଳାତେ ଭଙ୍ଗି ଉଜୁର୍‌ରାନ୍‌ଜ ଉଣ୍ଡେ । |
| ଟାଙ୍ଗରା | - | ଆମ ଅଜାଙ୍କ ମୁଣ୍ଡ ଟାଙ୍ଗରା ହୋଇଛି । |
| ଟାଟାଙ୍ଗାରା | - | ନିଞ୍ଜାଁ ଆଜାନିଞ୍ଜାଁ ବକବ୍ ଟାଟାଙ୍ଗାରା ଇସେରେ । |
| ଟିକସ୍ | - | ଲୋକମାନେ ସରକାରଙ୍କୁ ଟିକସ୍ ଦିଅନ୍ତି । |
| ଟିକସ୍ | - | ଲୁକକି ସରକାରତେ କଜଣା ଡିଞ୍ଜ୍‌କିକି । |
| ଟିକି | - | ଟିକି ପିଲାଟି ଗୁରୁଣ୍ଡୁଛି । |
| ସାନ | - | ସାନ ଉଆଲିରେ ଗୁଲୁନ୍‌କେ । |
| ଟିକିଲି | - | ମହିଳାମାନେ ମୁହଁରେ ଟିକିଲି ଛାପି ରଖନ୍ତି । |
| ଟିକିଲି | - | ଜାଆଂଡାଏକି ଏମଂତେ ଟିକିଲି ଚପାଏରିକି / ଚିବ୍‌ଡିକି । |

| | | |
|---|---|---|
| ତ୍ରିଗାର | - | ତ୍ରିଗାର୍ ଟାଣିଲେ ବନ୍ଧୁକ ଫୁଟେ । |
| ଆକୁମା | - | ଆକୁମା ଟାଣେଅକିଲେ ବୁନ୍ଦୁକ ପୁଟିକେ । |
| ଟୋକନ୍ | - | ଟୋକନ ଦେଇ ଷ୍ଟାଣ୍ଡରେ ସାଇକଲ ରଖାଯାଏ । |
| ଟୁକୁନ୍ | - | ଟୁକୁନୁ ଡିଞ୍ଜକିଜ ଷ୍ଟାଣ୍ଡତେ ସାଇକଲ ଉନୁନ୍ଇରେ । |
| ଟୋକେଇ | - | କୃଷକ ଟୋକେଇରେ ପରିବା ବୋହି ହାଟକୁ ନିଏ । |
| ଟେକା | - | ତାସି ଟେକାତେ ପୁରିବା ତୁଆଅଜ ଆଟବ ଗଗ୍‌କେ । |
| ଟୋପୀ | - | ଖରାଦିନେ ଟୋପି ପିନ୍ଧି ପଦାକୁ ବାହାରନ୍ତୁ । |
| ଟୁପି | - | କାରାଦିନତେ ଟୁପି କୁନାପେଜ ବାଏବ ଆରିନାପେ । |

- ୦ -

| | | |
|---|---|---|
| ଠାକୁର | - | ମନ୍ଦିରରେ ଠାକୁର ପୂଜା ପାଆନ୍ତି । |
| କଲ୍ୟଂ | - | ମନ୍ଦିରତେ କଲ୍ୟଂ ଉଜା କୁଇରେ । |
| ଠାକୁରାଣୀ | - | ଅନେକ ମନ୍ଦିରରେ ଠାକୁରାଣୀ ପୂଜା ପାଆନ୍ତି । |
| ଟାକୁରାଣି | - | ଅଦକ ମନ୍ଦିରତେ ଟାକୁରାଣିରାଏକି ଉଜା କୁଇରିକି । |
| ଠାବ | - | ପୋଲିସ୍ ଚୋରକୁ ଠାବ କରି ପାରିଲେ । |
| ଟିକାଏ | - | ପୁଲିସି ଚୁରତେ ଟିକାଏ ରିମାନ୍ । |
| ଠିକ୍ | - | ରବି ଯାହା କହିଛନ୍ତି ତାହା ଠିକ୍ ଅଟେ । |
| ଟିକ୍ | - | ରବି ଯାଆ ଗାତାଏସେକେ ଏରେ ଟିକି ଆସିକେ । |
| ଠିକଣା | - | ବାପାଙ୍କର ଠିକଣା ଆମ ପାଖରେ ରହିଛି । |
| ଟିକଣା | - | ଅବାଞ୍ଜାଁ ଟିକିଣା ନିଞ୍ଜାଁ ସାମୁଆ ଆସିକେ । |
| ଠିକ୍ଠିକ୍ | - | ରୋଗ ବିଷୟରେ ଡାକ୍ତରଙ୍କୁ ଠିକ୍ ଠିକ୍ କହ । |
| ଟିକିଟିକି | - | ବେମ୍ୱାର / ରୁଗ ବିଷୟରେ ଡାକତରିଆତେ ଟିକିଟିକି ଗାତାଏ । |
| ଠୁଳ | - | ବିଦେଶୀ ପକ୍ଷୀ ଶୀତଦିନେ ଚିଲିକାରେ ଠୁଳ ହୁଅନ୍ତି । |
| ରୁଣ୍ଡ | - | ବିଦେଶି କନ୍ତେର୍ ରାଂଆଁ ଦିନତେ ଚିଲିକାତେ ରୁଣ୍ଡ ଇରିକି । |
| ଠେକୁଆ | - | ଠେକୁଆ ଆଖି ମେଲି ଶୋଇଥାଏ । |
| ଅଲଙ୍ | - | ଅଲଂ ଅମର୍‌ଡ ଆବ୍‌ଟେରାଗଜ ଲେବେର୍‌କେ । |

| | | |
|---|---|---|
| ଠେଲାପେଲା | - | କିରାସିନି ପାଇଁ ଲୋକେ ଠେଲା ପେଲା ହୁଅନ୍ତି । |
| ଟେଲାପେଲା | - | କିରାସିନି ଦିରେ ଲୁକକି ଟେଲାପେଲା ଇରିକି । |
| ଠୋ ଠୋ | - | ମୋତେ ଦେଖି ରବି ଠୋ ଠୋ ହସିଲା । |
| କିଲିକିଲି | - | ଆଞ୍ଜ୍ତେ ଞଁୟଜ ରବି କିଲିକିଲି ଲାରାଅ । |

## - ଡ -

| | | |
|---|---|---|
| ଡଉଲ ଡାଉଲ | - | ପିଲାଟି ଡଉଲଡାଉଲ ଦେଖାଯାଉଛି । |
| ଗୁଲୁଗାଲିଆ | - | ଉଆଲିରେ ଗୁଲୁଗାଲିଆର ଞଁଏଁରେ । |
| ଡର | - | ବାଘ ଦେଖିଲେ ମୋତେ ଡର ଲାଗିବ । |
| ବେତଙ୍ଗ୍ | - | କିଲଗ୍ ଞଁୟଲେ ଆଞ୍ଜ୍ତେ ବେତଂ ଲାମାଗେନା । |
| ଡରିବା | - | ଦୁଷ୍ଟମାନଙ୍କୁ ଡରିବା ଅନୁଚିତ୍ । |
| ବେତଂ | - | ଦୁଷ୍ଟକିତେ ନେବେତଂଆଁ ଡିଅଜେନା । |
| ଡବା | - | କ୍ଷୀର ଡବାରେ ରଖି ରପ୍ତାନୀ କରାଯାଏ । |
| ଡବା | - | ଦୁଦ ଡବାତେ ଉନକିଜ ବାଆରବ ଆବ୍‌ଗଗ୍ ଇରେ । |
| ଡର୍ଜନ | - | କଦଳୀ ଡଜନ କୋଡିଏ ଟଙ୍କା । |
| ଡଜନ | - | କୁଦିଲ (ଡଜନ) ବାରଗଟତେ କୁଡିଏ ଟାଙ୍କା |
| ଡଙ୍ଗା | - | ଡଙ୍ଗାରେ ନଇ ପାର କରାଯାଏ । |
| ଡଙ୍ଗା | - | ଡଙ୍ଗାତେ ନୁଦି /ନଇ ପାର କିକିପ୍ଇରେ । |
| ଡାଇସ୍ | - | ଲୁଡୁ ଖେଳ ପାଇଁ ଡାଇସ୍ ଆବଶ୍ୟକ । |
| ଡାଇସ୍ | - | ଲୁଡୁ କେଲତେ ଡାଇସ୍ ଦରକାର । |
| ଡାକିବା | - | ମୁଁ ଭାଇକୁ ଡାକିବା ପାଇଁ ଗଲି । |
| ଡାକେତେ | - | ଆଞ୍ଜ୍ କାକାଞ୍ଜ୍ତେ ଡାକେଆ ଦିରେ ଅନ । |
| ଡାକ୍ତରଖାନା | - | ଡାକ୍ତରଖାନାରେ ରୋଗୀ ଚିକିତ୍ସା କରାଯାଏ । |
| ଡାକ୍ତରକାନା | - | ଡାକତରକାନାତେ ରୁଗୀ ତାତାମାମାର୍ କିକିପ୍ ଇରେ । |
| ଡାକ୍ତର | - | ଡାକ୍ତର ସମାଜକୁ ସ୍ୱାସ୍ଥ୍ୟସେବା ଦିଅନ୍ତି । |
| ଡାକତରିଆ | - | ଡାକତୁରିଆ ସମାଜତେ ସ୍ୱାସ୍ଥ୍ୟ ସେବା ଡିଞ୍ଜ୍କେ । |

| | | |
|---|---|---|
| ଡାହାଣ | – | ଆମେ ଡାହାଣ ହାତରେ ଲେଖୁ । |
| ଡିଅଇତି | – | ନିଞ୍ଜ୍ ଡିଅଇତିବେ ନେଲେକେକେ । |
| ଡାକବାଲା | – | ଡାକବାଲା ଆମକୁ ଚିଠି ଦେଇ ଯାଆନ୍ତି । |
| ଡାକବାଲା | – | ଡାକବାଲା ନିଞ୍ଜ୍‌ତେ ଚିଟି ଡିଞ୍ଜଁଜ ଡୁଂକେ । |
| ଡାଳ | – | ଘୂର୍ଣ୍ଣିବାତ୍ୟାରେ ଗଛର ଡାଳ ଭାଙ୍ଗିଯାଏ । |
| ଡାଳ | – | ଜଡବାଦାସତେ ସୁମୁସିଞ୍ଜ୍‌ଆଁ ଡାଳର ଗଳରେ / ବାଟୁଂଡେ । |
| ଡିଆଁ | – | ମୀରା ଲମ୍ବ ଡିଆଁରେ ପ୍ରଥମ ହେଲା । |
| ଡେଗା | – | ମିରା ଜିଲର୍ ଡେଗାବ ପରତମ ଇଆନ୍ । |
| ଡିଆଁ ଡେଇଁ | – | ମାଙ୍କଡମାନେ ଗଛରେ ଡିଆଁ ଡେଇଁ କରନ୍ତି । |
| ଡେଗାଡେଗି | – | ସାକଏକି ସୁମୁସିଞ୍ଜ୍‌ତେ ଡେଗାଡିକି କିପ୍‌କିକି । |
| ଡୁବିତବଲା | – | ରମା ଡୁବିତବଲା ବଜାଇ ଜାଣେ । |
| ଡିପ୍‌ତାବାଲା | – | ରମା ଡିପ୍‌ତାବାଲା ବୁବୁଗ୍ କଂକେ । |
| ଡେରି | – | ଘରେ ପହଞ୍ଚିବା ମୋର ଡେରି ହେଲା । |
| ମଟ | – | ଇଞ୍ଜାଁତେ ଆଉଚିତେ ଆଞ୍ଜାଁ ମଟ ଇଆନ୍ । |
| ଡେଙ୍ଗା | – | ଆମ ଗାଁରେ ଡେଙ୍ଗା ଖଜୁରି ଗଛଗୁଡ଼ିକ ରହିଛି । |
| ଜାଲିଂ | – | ନିଞ୍ଜାଁ ଗାଅାଁଆଁ ଜାଲିଂ କିଜିରି ସୁମୁସିଞ୍ଜ୍‌ଡିକି ଆସିକିକି । |
| ଡେଙ୍ଗୁରା | – | ଡେଙ୍ଗୁରା ବାଡାଇ ସରକାରୀ ସୂଚନା ଦିଆଯାଏ । |
| ଡିଙ୍ଗୁରା | – | ଡିଙ୍ଗୁରା ଡିଞ୍ଜଁକିଜ୍ ସରକାରୀ ସୂଚନା ଡିଡଞ୍ଜ୍‌ଇରେ । |
| ଡେଣା | – | ପକ୍ଷୀର ଦୁଇଟି ଡେଣା ଥାଏ । |
| ଡାଣା | – | କନ୍ତେର୍‌ରା ଅମ୍ବାଟ ଡାଣା ଆସିକେ । |
| ଡୋରି | – | କାଠ ବନ୍ଧାଯାଇଥିବା ଡୋରି ଛିଣ୍ଡିଗଲା । |
| ଦାଉଳା | – | ସେଂଅଁନ୍ ତତର୍‌ମିଇସେନା ଦାଉଳା ତେଜାନା । |

## – ଢ –

| | | |
|---|---|---|
| ଢିପ | – | ଆମ ଘର ଏକ ଢିପ ଉପରେ ରହିଛି । |
| ଡିପା | – | ନିଞ୍ଜାଁ ଇଞ୍ଜାଁ ମୁଇଣ୍ଟ ଡିପା ଆଲିଂଆଁ ଆସିକେ । |

ଢୋଲ – ଆଦିବାସୀମାନେ ଢୋଲବଜାଇ ନାଚନ୍ତି ।

ବାଇଦ – ଆଦିବାସୀକି ବାଇଦ ବୁଗକିଜ କିଜ୍‌କିକି ।

ଢଙ୍ଗ – ପ୍ରତ୍ୟେକ ନିଜ ନିଜ ଢଙ୍ଗରେ ଚଳନ୍ତି ।

ଡଙ୍ଗ – ଟାଙ୍କୁଣିଞ୍ଜ୍ ଆପଣାଆପଣା ଡଙ୍ଗବ ଚଳେକିକି ।

ଢୋଲକି – ଢୋଲକି ବଜାଇ ଗୀତ ଗାଅ ।

ବାଇଦ – ବାଇଦ ବୁଗେଜ ଗୀତ ଗୀତଏ ।

## – ତ –

ତରାଟି – ସେ ମୋତେ ଆଖି ତରାଟି ଚାହିଁଲା ।

ଏଣ୍ଡେରାଅ – ଆର ଆଞ୍ଜ୍‌ତେ ଅମର୍ ଏଣ୍ଡେରାଅଜ ଲଂଅଁ ।

ତଟକା – ତଟକା ଫଳ ଖାଅ ।

ସଜ – ସଜ ଲାକୁ ଜିମେପେ ।

ତଳ – ଥାଳିର ତଳ ଅଂଶ ଚଟକା ଅଟେ ।

ତୁଳି – ତାଳାଇରା ତୁଳିରତା ଲାପାଟଂ ଆସିକେ ।

ତଳେ – ପିଲାଟି ଖେଳୁ ଖେଳୁ ତଳେ ପଡିଗଲା ।

ଲକାତେ /
ତୁଳିତେ – ଉଆଳିରେ ଏବଡମ୍ ଏବଡମ୍ ତୁଳିତେ /ଲକାତେ ଗୁରାନ୍ ।

ତଳୁ – ମାଟି ତଳୁ କୋଇଲା ବାହାରେ ।

ତୁଳିତା – ଲଟବ୍ ତୁଳିତା କୁଇଲା ଆରିରେ ।

ତଡା – ଛୋଟ ପିଲାଟି ତଡାରେ ଠିଆ ହୋଇଛି ।

ତାଡା – ଏଣ୍ଡେଜ୍ ଉଆଳିରେ ତାଡ଼ାରା ତଂଅଁନ୍‌ସେରେ ।

ତମତମ – ସେ ରାଗରେ ତମତମ ହୋଇ ଚାଲିଗଲା ।

ତମତମ – ଆର ଚଳେରବ ରବରବାଏଇଆନ୍‌ଜ ଡୁଂଅଁ ।

ତରବର – ବାପା ତରତର ହୋଇ ଅଫିସ ଗଲେ ।

ମାରମାରିଆ /
ତରତରିଆ – ଅବାଞ୍ଜ୍ ତରତରିଆ / ମାରମାରିଆ ଇଆନ୍‌ଜ ଅପିସ ଅନ ।

| | | |
|---|---|---|
| ତରଳ | - | ତରଳ ପଦାର୍ଥକୁ ଲିଟରରେ ମପାଯାଏ । |
| ଡାଗ୍ | - | ତରଳ ଗିନିସତେ ଲିଟରବ ତାଂତାଂ ଇରେ । |
| ତରୁ | - | ଜଙ୍ଗଲରେ ବିଭିନ୍ନ ତରୁଲତା ଅଛି । |
| ସୁମୁସିଞ୍ଜ୍ | - | ବଣଆ ଡଙ୍ଗଡଙ୍ଗମିଞ୍ଜ୍ ସୁମୁସିଞ୍ଜ୍ଲଅ ଆସିକେ । |
| ତଣ୍ଟି | - | ତାଙ୍କ ତଣ୍ଟିରେ ଥରେ ମାଛ କଣ୍ଟା ଲାଗିଥିଲା । |
| ଟୁଣ୍ଟି | - | ଆରା ଟୁଣ୍ଟିରାତେ ତରମିଞ୍ଜ୍ କାରଂ କାଣ୍ଟା ଲାଗେସେରାନ୍ । |
| ତତ୍ତ୍ୱାବଧାନ | - | ପିତାମାତା ସନ୍ତାନର ତତ୍ତ୍ୱାବଧାନ କରନ୍ତି । |
| ତାତାମାମାର୍ | - | ଅବାବୁଇ କନନ୍‌କଞ୍ଚେଲାଣ୍ଡାକା ତାତାମାମାର୍ କିପ୍‌କିକି । |
| ତନ୍ତ | - | ତନ୍ତରେ ଲୁଗା ବୁଣାଯାଏ । |
| ତନ୍ତ | - | ତନ୍ତବ କତେ ବୁବୁଗ୍ଇରେ । |
| ତାଳ | - | ତାଳରୁ ଗୁଡ ତିଆରି ହୁଏ । |
| ତାଳ | - | ତାଳତା ଗୁଳ ବନାଏ ଇରେ । |
| ତାଳଗଛ | - | ତାଳଗଛ ଖୁବ୍ ଡେଙ୍ଗା । |
| ତାଳ ସୁମୁସିଂ | - | ତାଳ ସୁମୁସିଞ୍ଜ୍ ସୁଗାଇ ଡେଙ୍ଗା (ଜାଲିଂ) । |
| ତାଲିକା | - | ଭୋଟରମାନଙ୍କର ନାମ ତାଲିକା ପ୍ରକାଶିତ ହେଲା । |
| ଚିଟା / ତାଲିକା | - | ବୁଟରକା ନାଅଁ ତାଲିକା (ଚିଟା) ଆରିଆନା । |
| ତାଲା | - | ମା ଘରେ ତାଲା ଦେଇ କାମକୁ ଯାଆନ୍ତି । |
| କୁଞ୍ଚି | - | ବୁଇଞ୍ଜ୍ ଇଞ୍ଜାଁତେ କୁଞ୍ଚି ଡିଞ୍ଜଁଜ ପାଇଟି ଅଣ୍ଡେ । |
| ତାଟକା | - | ପିଲାଟି ହାତୀ ଦେଖି ତାଟକା ହୋଇଗଲା । |
| ଆକାଚା | - | ଉଆଲିରେ ଆଡି ଞଁୟଜ ଆକାଚା ଇଆନା । |
| ତାରକା | - | ରାତିରେ ତାରକା ଦିଶେ । |
| କୁମୁଞ୍ଜ୍‌ଡାଗ୍ | - | ଏନ୍ଦାରତେ କୁମୁଞ୍ଜ୍‌ଡାଗ୍ ଜଏରିକି । |
| ତିଆରି | - | ଦରଜୀ ପୋଷାକ ତିଆରି କରନ୍ତି । |
| ବନାଏ / ତିଆନ୍ | - | କତେ କାନାସିଲାଏବାଲା ଉଙ୍ଗି (ବନାଏକେ) ତିଆରି କିପ୍‌କେ । |
| ତିନୋଟି | - | ନଡିଆରେ ତିନୋଟି ଆଖିଥାଏ । |
| ଏଗଟା | - | ଲୁଡିଆରା ଏଗଟା ଅମର୍ ଆସିକେ । |
| ତ୍ରିଭୁଜ | - | ତ୍ରିଭୁଜରେ ତିନୋଟି କୋଣ ଥାଏ । |
| ତିନିକୁଣିଆଁ | - | ତିନିକୁଣିଆଁରା ଏଗଟା କଣ ଆସିକେ । |

| | | |
|---|---|---|
| ତିଳେ | - | ବାର୍ଷିକ ପରୀକ୍ଷାକୁ ମୁଁ ତିଳେ ମାତ୍ର ଭୟକରେ ନାହିଁ । |
| କୁଟିଜ୍ ଏଲେ | - | ବାର୍ଷିକ ପୁରିକାତେ ଆଞ୍ କୁଟିଜ୍ ଏଲେ ମାବେତଂଡେ ଯେନା । |
| ତ୍ରିରଙ୍ଗା | - | ତ୍ରିରଙ୍ଗା ଆମ ଜାତୀୟ ପତାକା ଅଟେ । |
| ତିନି ରଙ୍ଗିଆ | - | ତିନି ରଙ୍ଗିଆ ନିଞ୍ଜାଁ ଜାତୀୟ ପତାକା ଇରେ । |
| ତୀର | - | ଆଦିବାସୀମାନେ ତୀର ମାରି ଶିକାର କରନ୍ତି । |
| କକମ୍ | - | ଆଦିବାସୀକି କକମ୍ ତୁଞ୍ଜଁକିଜ ଆରିଦି କିବ୍ଡିକି । |
| ତୁରନ୍ତ | - | ଜ୍ୱରହେଲେ ତୁରନ୍ତ ଔଷଧ ଖାଅ । |
| ବିଗ | - | ଜର ଇଆନ୍ଲେ ବିଗ (ଗଳଂ) ଅସ ଜିମ୍ପେ / କବ୍ପେ । |
| ତୁଷ୍ଟ | - | ସୈନିକର ଧୈର୍ଯ୍ୟ ଦେଖି ରାଜା ତୁଷ୍ଟ ହେଲେ । |
| କୁସି | - | ସଇନିକରା ଦମ୍ଧ ଜୟଜ ରାଜା କୁସି ଇଆନ୍ । |
| ତୃତୀୟ | - | ରାଗିଣୀ ପରିବାରର ତୃତୀୟ କନ୍ୟା ଅଟେ । |
| ମୁଞ୍ଜିଆଁ | - | ରାଗିଣୀ ପୁରିବାରଆ ମୁଜିଆଁ କଞ୍ଚେଲାନ୍ ଇରେ । |
| ତୁଚ୍ଛା | - | ସେ ତୁଚ୍ଛାରେ ମୋତେ ସନ୍ଦେହ କରୁଛି । |
| ମିଚେ | - | ଆର ମିଚେରେ ଆଞ୍ତେ ସନ୍ଦେଅ କିପ୍କେ । |
| ତୁରୀ | - | ଯୁଦ୍ଧ ପାଇଁ ତୁରୀ ବାଜେ । |
| ଶିଙ୍ଗା | - | ଯୁଦ (ଲଡାଇ) ଦିରେ ଶିଙ୍ଗା ପେପେର୍ ଇରେ । |
| ତେଲ | - | ଜଡା ମଞ୍ଜିରୁ ତେଲ ବାହାରେ । |
| ଅଜନ୍ | - | ଜେଡା ଏଜାଂତା ଅଜନ୍ ଆରିରେ । |
| ତେଣ୍ଡା | - | ତେଣ୍ଡାରେ ପାଣି ଉଠାଇ ଜଳସେଚନ କରାଯାଏ । |
| ତେଣ୍ଡା | - | ତେଣ୍ଡାବ ଡାଗ୍ ଉଟାଅକିଜ ଡାଗ୍ମାଡାଏ ଇରେ । |
| ତେନ୍ତୁଳି | - | ତେନ୍ତୁଳି ଖଟା ଲାଗେ । |
| ତିନ୍ତିଣି | - | ତିନ୍ତିଣି ଆଜର୍ ଲାଗେରେ । |
| ତୋଟା | - | ଆମ ଗାଁ ପାଖରେ ଏକ ଆମ୍ବତୋଟା ଅଛି । |
| ଟଟା | - | ନିଞ୍ଜାଁ ଗାଅଁ ଆକଆ ମୁଇଁଷ୍ଟ ଅଲେ ଟଟା ଆସିକେ । |
| ତୋତେ | - | ମୁଁ ତୋତେ ସାହଯ୍ୟ କରିବି । |
| ଆମ୍ତେ | - | ଆଞ୍ ଆମ୍ତେ ସାଆଜ କିମମ୍ / ସାଆକାଏନମ୍ । |
| ତୋଳିବା | - | ରୀନା ଓ ଲୀନା ଶାଗ ତୋଳିବା ପାଇଁ ଗଲେ । |
| କାକାମ୍ | - | ରୀନା ଆଉ ଲୀନା ଶାଗ କାକାମ୍ ଦିରେ ଅନକିଆ । |

| | | |
|---|---|---|
| ତୋରାଣି | – | ଗୋରୁକୁ କୁଣ୍ଡା ତୋରାଣି ଦିଅ । |
| ଡାଗ୍‌ତଣ | – | ଅଳେଜ୍‌ତେ କୁଣ୍ଡା ଡାଗ୍‌ତଣ ଡିଞ୍ଚେଁପେ । |

## - ଥ -

| | | |
|---|---|---|
| ଥର | – | ମୁଁ ଦିନକୁ ଦୁଇଥର ଭାତ ଖାଏ । |
| ତର /ଏଲ | – | ଆଞ୍ଜ୍ ଦିନମିଞ୍ଜ୍‌ତେ ଦିତର / ଦିଏଲ ତଣ ଉର୍‌କେ । |
| ଥରକେ | – | କୁକୁଡା ଥରକେ ଗୋଟିଏ ଅଣ୍ଡା ଦିଏ । |
| ତରମିଞ୍ଜ୍‌ତେ / ଏଲମିଞ୍ଜ୍‌ତେ | – | ସେଂକଏ ତରମିଞ୍ଜ୍‌ତେ ମୁଇଁଣ୍ଟ ସୁସୁତେର୍ ସୁକେ । |
| କେତୋଟି | – | ଆମ ରାଜ୍ୟରେ କେତୋଟି ଜିଲ୍ଲା ରହିଛି ? |
| କିତିଗଟା | – | ନିଞ୍ଜାଁ ରାଇଜଆ କିତିଗଟା ଜିଲ୍ଲା ଆସିକେ ? |
| କେଉଁମାନେ | – | କେଉଁମାନେ ଭୋଟ ଦେବାକୁ ଯୋଗ୍ୟ ଅଟନ୍ତି ? |
| ଆଡିକି | – | ଆଡିକି ବୁଉଟୁ ଡିଡିଞ୍ଜ୍‌ତେ ଯୁଗ୍ୟ ଇରିକି । |
| ଥଟ୍ଟା | – | ଥଟ୍ଟା ମଜାରେ କ୍ଷଣିକ ଆନନ୍ଦ ମିଳେ । |
| ଲାରାଗାତା | – | ଲାରାଗାତାତା କୁଟିଜ୍ କୁସି ମେଲେକେ । |
| ଥଣ୍ଟ | – | ଶୁଆର ଥଣ୍ଟ ବଙ୍କା ଥାଏ । |
| ତୁମୁଣିଆଁ | – | ରାଏକାରା ତୁମୁଣିଆଁର ବଙ୍କା ଆସିକେ । |
| ଥଣ୍ଡା | – | ଖରା ଦିନରେ ଥଣ୍ଡା ପାଣି ପିଇବାକୁ ଭଲ ଲାଗେ । |
| ଏମାଣ | – | କାରା ଦିନତେ ଏମାଣ ଡାଗ୍ ଉରୁର୍‌ତେ ଡିଅ ଲାଗେରେ । |
| ଥାନ | – | ଏହି ଥାନରେ ମୋର ଭାଇ ସହୀଦ ହୋଇଥିଲେ । |
| ଜାଗା | – | ଇନି ଜାଗାରାତେ ଆଞ୍ଜାଁ କାକାଞ୍ଜ୍ ସଇଦି ଇସେରାନ୍ । |
| ଥାନା | – | ଅନ୍ୟାୟ ଦୂର କରିବା ପାଇଁ ଥାନା ରହିଛି । |
| ତାନା | – | ଅନ୍ୟାୟ ଦୂର କିକିବ୍‌ତେ ତାନା ଆସିକେ । |
| ଥାଳି | – | ମୁଁ ମୋ ଖାଇବା ଥାଳି ସଫା କରେ । |
| ତାଳି | – | ଆଞ୍ଜ୍ ଆଞ୍ଜାଁ ଉରୁର୍ ତାଳାଇଞ୍ଜ୍‌ଡେ ସାପା କିବ୍‌ଡେ । |
| ଥୋଇ | – | ଟେବୁଲ ଉପରେ ମୁଁ ଘଣ୍ଟାଟି ଥୋଇଥିଲି । |
| ଉନୁନ୍ | – | ଟେବୁଲୁ ଆଲିଂଗ୍‌ତେ ଆଞ୍ଜ୍ ଗଣ୍ଟାଞ୍ଜ୍‌ଡେ ଉନ୍‌ଚେର । |

## - ଦ -

| | | |
|---|---|---|
| ଦୟା | - | ଅସହାୟ ଲୋକକୁ ଦୟା କର । |
| ଦୟା | - | ଅକରମା ଲୁକତେ ଦୟା କିବ୍ପେ । |
| ଦରବ | - | ଆମ ରାଜ୍ୟ ଧନ ଦରବରେ ପରିପୂର୍ଣ୍ଣ । |
| ସମ୍ପତି | - | ନିଞ୍ଜ୍ ରାଇଜ ଦନ ଦରବବ ପରେସେରେ । |
| ଦରିଆ | - | ଲୋକେ ଜାହାଜରେ ଦରିଆ ପାରି ହୁଅନ୍ତି । |
| ସମନ୍ଦର | - | ଲୁକକି ଜାଆଜବ ସମନ୍ଦର ପାର ଇରିକି । |
| ଦୁଉଲତ | - | ରାଜାଙ୍କର ଅନେକ ଦଉଲତ ଥାଏ । |
| ଦନ ସମ୍ପତ୍ତି | - | ରାଜାରାକା ଅମ୍ଭାର୍ ଦନ ସମ୍ପତ୍ତି ଆସିକେ । |
| ଦଣ୍ଡ | - | ବିଦ୍ୟାଳୟ ଏକ ଦଣ୍ଡମୁକ୍ତ ଅଞ୍ଚଳ ଅଟେ । |
| ଡଣ୍ଡ | - | ଇସୁକୁଲୁ ମୁଇଁଷ୍ଟ ଡଣ୍ଡ ମୁକୁତ ଅଞ୍ଚଳ । |
| ଦଧି ନଉତି | - | ମନ୍ଦିର ଚୂଡାରେ ଦଧିନଉତି ବସାଯାଏ । |
| ମୁଣ୍ଡି | - | ମନ୍ଦିର / ଦେଅଳ ତାଲୁରାତେ ମୁଣ୍ଡି ଡବ୍କଏକିକି । |
| ଦମନ | - | ବ୍ରିଟିଶ ଶାସକ ଭାରତୀୟଙ୍କୁ ଦମନ କରି ରଖିଥିଲେ । |
| ଦବାଏ | - | ବ୍ରିଟିଶ୍ ସାଏବକି ଭାରତଆ ଲୁକକିତେ ଦବାଅକିଜ ଉନ୍ଚେରକି । |
| ଦଳ | - | ହାତୀଦଳ ଗାଁ ଗଣ୍ଡାରେ ପଶୁଛନ୍ତି । |
| ପଲ | - | ଆତି ପଲକି ଗାଁ ଗଣ୍ଡାତେ ଡୁଇରିକି । |
| ଦରକାରୀ | - | ଦାଆ ଏକ ଦରକାରୀ ବସ୍ତୁ । |
| ଦରକାର | - | ଦାଅ ମୁଇଁଷ୍ଟ ଦରକାର ଗିନିଷ । |
| ଦଳେ | - | ଦଳେଲୋକ ଭୋଟ ପ୍ରଚାର କରୁଛନ୍ତି । |
| ଦଲମିଞ୍ଜ୍ | - | ଦଲମିଞ୍ଜ୍ ଲୁକକି ବୁଉଟୁ ପ୍ରଚାର କିବ୍କିକି । |
| ଦଉଡ | - | ଦଉଡ ଖେଳରେ ରିମି ପ୍ରଥମ ସ୍ଥାନ ପାଇଲା । |
| ଦବଡେ | - | ଦବଡେ କେଳରାତେ ରମି ପରତମ ଇଆନା । |
| ଦଉଡି ଦଉଡି | - | ମୁଁ ଦଉଡି ଦଉଡି ଆମ୍ବ ଗୋଟାଇଲି । |
| ଦବଡେ ଦବଡେ | - | ଆଞ୍ଜ୍ ଦବଡେ ଦବଡେ ଅଲେ କୁଲାଏଆନା । |
| ଦଖଲ | - | ଏହି ଜମି ଆମ ଦଖଲରେ ରହିଛି । |
| ଆବାଦ | - | ଇନି ଜୁମିରେ ନିଞ୍ଜାଁ ଆବାଦରେ ଆସିକେ । |

| | | |
|---|---|---|
| ଦଣ୍ଡ ବିଧାନ | - | ଦୋଷୀକୁ ଦଣ୍ଡ ବିଧାନ କରାଯାଏ । |
| ଡଣ୍ଡ ବିଦାନ | - | ଦୁଷିତେ ଡଣ୍ଡ ବିଦାନ କିବ୍‌କିକି । |
| ଦର୍ଶନୀୟ | - | ଚିଲିକା ଏକ ଦର୍ଶନୀୟ ସ୍ଥାନ ଅଟେ । |
| ଝଁଝଁଏ | - | ଚିଲିକା ମୁଇଁଣ୍ଟ ଝଁଝଁଏ ଜାଗା । |
| ଦର୍ପଣ | - | ମୁଁ ନିତି ଦର୍ପଣ ଦେଖି ମୁଣ୍ଡ କୁଣ୍ଡାଏ । |
| ଦରପଣ | - | ଆଞ୍ଜ୍ କାଆସ ଦରପଣ ଝଁୟଜ ବକବ୍ ରେଜ୍‌ତାଗ୍‌ଡେ । |
| ଦଳ | - | ଗାଁ ପୋଖରୀ ଦଳରେ ପରିପୂର୍ଣ୍ଣ ହୋଇଛି । |
| ତନ୍ତଆଁ | - | ଗାଁ କୁପୁରିଆ ତନ୍ତଆଁ ଅରେସେରେ । |
| ଦକ୍ଷିଣ | - | ଦକ୍ଷିଣ ଦିଗରୁ ମଳୟ ପବନ ବହେ । |
| ଦୁକିଣ | - | କୁକିଣ ଦିଗତା ସୁଲୁସୁଲିଆ ପବନ ବଏକେ / କୟକେ । |
| ଦରକାର | - | ବରିଷ୍ଠ ନାଗରିକଙ୍କୁ ଭତ୍ତା ଦରକାର । |
| ଦରକାର | - | କୁବା ଲୁକକିତେ ବତା ଦରକାର । |
| ଦମ୍ଭିଲା | - | ମୋ ସାଙ୍ଗର ଦମ୍ଭିଲା ମନ ଅଛି । |
| ସାଆସ | - | ଆଞ୍ଜାଁ ଜଲାଞ୍ଜାଁ ସାଆସ ମନ ଆସିକେ । |
| ଦରଜୀ | - | ମୋ ଭାଇ ଜଣେ ଦରଜୀ ଅଟନ୍ତି । |
| କତେ ମିସିନିଆ | - | ଆଞ୍ଜାଁ କାକାଞ୍ଜ୍ ମିନଗ୍ କତେମିସିନିଆବାଲା । |
| ଦସ୍ତା | - | ଦସ୍ତା ଏକ ପ୍ରୟୋଜନୀୟ ବସ୍ତୁ ଅଟେ । |
| ଦସ୍‌ତା | - | ଦସ୍‌ତା ମୁଇଁଣ୍ଟ ଦରକାର ଗିନିସ ଇରେ । |
| ଦପ୍ତର | - | ମୁଁ ଜିଲ୍ଲାପାଳଙ୍କ ଦପ୍ତରରେ ଗୁହାରି କଲି । |
| ଅପିସ୍ | - | ଆଞ୍ଜ୍ କଲେକ୍ଟର ଅପିସତେ ଗୁଆରି କିବାନା । |
| ଦଶ | - | ମାମୁ ମୋତେ ଦଶଟଙ୍କା ଦେଲେ । |
| ଦସ | - | ମାମୁଞ୍ଜ୍ ଆଞ୍ଜ୍‌ତେ ଦଶଟାଙ୍କା ଡିଞ୍ଜାଁ । |
| ଦଶକ | - | ପନ୍ଦରରେ ଏକ ଦଶକ ସ୍ଥାନରେ ରହିଛି । |
| ଦସକ | - | ପନ୍ଦରଆ ମୁଇଁଣ୍ଟ ଦସକ ଜାଗାରା ଆସିକେ । |
| ଦଶମ | - | ରୀତା ଦଶମ ଶ୍ରେଣୀରେ ପଢେ । |
| ଦଶମ | - | ରୀତା ଦଶମ ସେଣିଆ ପଡେକେ । |
| ଦର୍ଶନ | - | ମୋ ଜେଜେଙ୍କର ଟିକିଏ ଦର୍ଶନ ତ୍ରୁଟୀ ରହିଛି । |
| ଦୁସୁଟି | - | ଆଞ୍ଜାଁ ଆଜାଞ୍ଜାଁ କୁଟୁଜ୍ ଦୁସୁଟିର ବାଗିର ଆସିକେ । |

| | | |
|---|---|---|
| ଦଉଡିବା | – | ଦଉଡିବା ଏକ ଭଲ ବ୍ୟାୟାମ ଅଟେ । |
| ନେଦବଡେ | – | ନେଦବଡେ ମୁଇଁଣ୍ଟ ଡିଅ ବେଆମ । |
| ଦାଆ | – | ଦାଆରେ ଧାନ କଟାଯାଏ । |
| ଦାଅ | – | ଦାଅବ ବୁଆ ଗାର୍‌କିକି । |
| ଦାନ୍ତ | – | ପ୍ରତିଦିନ ସକାଳେ ଦାନ୍ତ ଘଷିବା ଭଲ । |
| ଦାନ୍ତ | – | ଦିନି / କାଆସ ସେକାଲତେ ଦାନ୍ତ ମେଗସେନା ଦିଅ । |
| ଦାଣ୍ଡ | – | ଆମ ଗାଁ ଦାଣ୍ଡ ଖୁବ୍ ଓସାରିଆ ଅଟେ । |
| ଦାଣ୍ଡ | – | ନିଞ୍ଜାଁ ଗାଅଁ ଡାଣ୍ଡ ଡେରି ଅସାରର ଆସିକେ । |
| ଦାନା | – | କୁକୁଡାଙ୍କୁ ଯଥେଷ୍ଟ ଦାନା ଦେଇ ପାଳନ କର । |
| ଦାନା | – | ସେଙ୍କଏକିତେ ସୁଗାଇ ଦାନା ଇଡିଞ୍ଜେଁଜ ଇଉସିନା । |
| ଦାର୍ଶନିକ | – | ଦାର୍ଶନିକମାନେ ଜୀବନର ପଥ ଦେଖାନ୍ତି । |
| ଦାର୍ଶନିକ | – | ଦାର୍ଶନିକକି ଜୀବନଆ ଟାଟାଂ ଆମ୍‌ଞ୍ଜଁଏକିକି । |
| ଦାଉ | – | ପରିବେଶ ଆଜି ମନୁଷ୍ୟ ଉପରେ ଦାଉ ସାଧୁଛି । |
| ଦାଉ | – | ପୁରିବେସ ମିସିଞ୍ଜ୍ ମୁଣିସକା ଉପରେ ଦାଉ ସାଦେରେ । |
| ଦାୟିତ୍ୱ | – | ବାପାଙ୍କ ପରେ ଘରର ଦାୟିତ୍ୱ ମୋ ଉପରେ ପଡିଛି । |
| ଦାଇତ | – | ଅବାଞ୍ଜାଁ ପରେ ଇଞ୍ଜାଁରା ଦାଇତ ଆଞ୍ଜାଁ ଉପରେ ଅଳଗ୍‌ସେରେ । |
| ଦିଆସିଲି | – | ନରମ କାଠରେ ଦିଆସିଲି ଖୋଲ ତିଆରି ହୁଏ । |
| ଡିଆସିଲି | – | ଲବେଂ ସେଂଅଁନ୍‌ବ ଡିଆସିଲ କୁଳ ବନାଏ ଇରେ । |
| ଦି ପହର | – | ଦି ପହର ବେଳେ ମଧ୍ୟାହ୍ନ ଭୋଜନ ଦିଆଯାଏ । |
| ଦିଇପଅର | – | ଦିଇ ପଅର ବେଲତେ ଦିଇପରକିଆ ତଣ ଡିଞ୍ଜ୍‌କିକି । |
| ଦିଗ | – | ବିପଦ ଘଟିଲେ ଚାରିଦିଗ ଅନ୍ଧାର ଦେଖାଯାଏ । |
| ଦିଗ | – | ବିପଦ ଗଟେଅଲେ ବେଳାମିଞ୍ଜ୍ ଏନ୍ଦାରକର୍ ଜରେ । |
| ଦିଗ ଦର୍ଶନ | – | ଗୁରୁଜନମାନେ ଆମକୁ ଦିଗ୍‌ଦର୍ଶନ ଦିଅନ୍ତି । |
| ଡିଅଗଟାଂ | – | କୁବାକୁବାକି ନିଞ୍ଜ୍‌ତେ ଡିଅଗଟାଂ ଆବ୍‌ଜଏକକି । |
| ଦିବସ | – | ଦିବସରେ ଲୋକେ କାମ କରନ୍ତି । |
| ମେସାର୍ | – | ମେସାର୍‌ତେ ଲୁକକି ପାଇଟି କିବ୍‌ଡିକି । |
| ଦ୍ୱିତୀୟ | – | ଏହା ରବିର ଦ୍ୱିତୀୟ ଚେଷ୍ଟା ଥିଲା । |
| ଦିତଅ | – | ଇନି ରବିରା ଦିତିଅ ଚେଷ୍ଟେଟା ଆସିଆନ୍ । |

| | | |
|---|---|---|
| ଦୀପ | – | ଗରିବ ଲୋକେ ରାତିରେ ଘରେ ଦୀପ ଜାଳନ୍ତି । |
| ଦୀପ | – | ତିମିଲାଜ୍ ଲୁକକି ଏନ୍ଦାରତେ ଇଞ୍ଜାଁତେ ଦୀପ ଲାଗାଏରିକି । |
| ଦୀପାବଳି | – | ଦୀପାବଳି ଅମାବାସ୍ୟାରେ ବାଣ ଫୁଟାଯାଏ । |
| ଦିପ ଜଳାଏ | – | ଦୀପବଳି ଉମିସାତେ ବାଣ ପୁଟାଏ ଇରେ । |
| ଦ୍ୱୀପ | – | ହ୍ୱିଲର ଦ୍ୱୀପରୁ ରକେଟ ପ୍ରେରଣ କରାଯାଏ । |
| ଡିପ | – | ହ୍ୱିଲର୍ ଡିପତା ରକେଟ୍ ପିପିଜ୍ ଇରେ । |
| ଦୁଇଫାଳ | – | ନଡିଆ ଭାଙ୍ଗିଲେ ଦୁଇ ଫାଳ ହୋଇଯାଏ । |
| ଦିପାଳ | – | ଲୁଡିଆ ବାବ୍ଟୁଂ ଇଆନ୍‌ଲେ (ଦିପାଳ) ଅମ୍ବାଗଳ ଇରେ । |
| ଦୁଧ | – | ଗାଈ ଦୁଧ ଶିଶୁମାନଙ୍କ ପାଇଁ ଉପକାରୀ । |
| ଦୁଦ | – | ଅଲେଜ୍ ଦୁଦ ଉଆଳିକା ଦିରେ ଉପକାର ଇରେ । |
| ଦୁସ୍ଥ | – | ଦୁସ୍ଥ ଲୋକକୁ ସରକାରୀ ସାହାଯ୍ୟ ମିଳେ । |
| ଆଳାବା | – | ଆଳାବା ଲୁକକିତେ  ସରକାରୀ ସାଆଜ ମେଳେରେ । |
| ଦୁହେଁ | – | ଆମେ ଦୁହେଁ ହାଟକୁ ଯାଇଥିଲୁ । |
| ବାନଳଂ | – | ନିଞ୍ଜ୍‌ବା ବାନଳଂ ଆଟବ ବାଅନ୍‌ଚେର । |
| ଦୁଃଖ | – | ଆତ୍ମୀୟଙ୍କୁ ହରାଇଲେ ଭାରି ଦୁଃଖ ଲାଗେ । |
| ଦୁକ | – | ନିଜ ଲୁକକିତେ ଚିଅଗ୍‌ଗକିଲେ ବଡେ ଦୁକ ଲାଗେରେ । |
| ଦୁଃଖିରଙ୍କୀ | – | ଆମ ଦେଶରେ ଦୁଃଖିରଙ୍କୀଙ୍କ ସଂଖ୍ୟା କମ୍ ନୁହେଁ । |
| ଦୁକିରଙ୍କି | – | ନିଞ୍ଜାଁ ଦେଶଆ ଦୁକିରଂକିକା ସଂଏଁକା କମ୍ ଯେନା । |
| ଦୁଃସାହସ | – | ଶିକାରୀର ଦୁଃସାହସ ଥାଏ । |
| ସୁଗାଇ ସାଆସ | – | ଆରିଦିଆରା ସୁଗାଇ ସାଆସ ଆସିକେ । |
| ଦୃଷ୍ଟି | – | ପିଲାଙ୍କ ପାଠପଢା ପ୍ରତି ପିତାମାତା ଦୃଷ୍ଟି ଦିଅନ୍ତି । |
| ଲିଂଗା | – | ଉଆଳିକା ପାଟପଡା ଦିରେ ଅବାବୁଇ ନଜର ଡିଞ୍ଜ୍‌କିକି । |
| ଦୂରରେ | – | ଦୂରରେ ଥାଇ ମଧ୍ୟ ସାହାଯ୍ୟ କରି ହେବ । |
| ଲାଂକାତେ | – | ଲାଂକାତେ ଏଆସିଆନ୍‌ଲେ ବି ସାହାଯ କିଜିପ୍ ମିଇନା । |
| ଦୁଷ୍ଟ | – | ଦୁଷ୍ଟମାନେ ଦିନେ ବିନଷ୍ଟ ହେବେ । |
| କେଚେଲା | – | କେଚେଲାକି ଦିନମିଞ୍ଜ୍ ନିପାତ ମିନାକି । |
| ଦୂଷିତ | – | ଦୂଷିତ ଜଳ ପାନ କଲେ ରୋଗ ହୁଏ । |
| ମୁଳିଅ୍ ଡାଗ୍ | – | ମୁଳିଆ ଡାଗ୍ ଇଉରକିଲେ ରୁଗ ଇରେ । |

| | | |
|---|---|---|
| ଦୃଶ୍ୟ | - | କରୁଣ ଦୃଶ୍ୟ ଦେଖିଲେ ହୃଦୟକୁ ବାଧେ । |
| ଗଟଣା | - | ଦୁକ ଗଟଣା ଜଜୟ ଇଆନ୍‌ଲେ ଜୀବନ (ହୃଦୟ) ତେ ବାଦେକେ । |
| ଦେଖାଦେଖି | - | ପରିବାର ଟିକିଏ ଦେଖା ଦେଖି କରି ବାପା ଫେରିଯାନ୍ତି । |
| ଜଜୟଜାଜାଏ | - | ପୁରିବାର କୁଟିଜ ଜଜୟ ଜାଜାୟଜ ଅବାଞ୍ଜ୍ ପେରେକେ । |
| ଦେଶ | - | ଆମ ଭାରତ ଏକ ବୃହତ୍ତ ଦେଶ ଅଟେ । |
| ଦେଶ | - | ନିଞ୍ଜାଁ ଭାରତ ମୁଇଁଷ୍ଟ କୁବା ଦେଶ ଇରେ । |
| ଛୁଏଁ | - | ସମୁଦ୍ର ଆମ ଜନ୍ମ ଭୂମିର ପାଦ ଛୁଏଁ । |
| ଜିବ୍‌କେ | - | ସମନ୍ଦର ନିଞ୍ଜାଁ ଜନମ ଲକାରା ପାଦ ଜିବ୍‌କେ । |
| ଦେଖିବା | - | ସୂର୍ଯ୍ୟକୁ ଦେଖିବା ଦ୍ୱାରା ଆଖି ଖରାପ ହୁଏ । |
| ଞ୍ଜୟଁ କିଲେ | - | ବେଲତେ ଞ୍ଜଁଞ୍ଜଁଏ ଦୁଆରା ଅମର୍ ବାଗି ଇରେ । |
| ଦେହ | - | ମୋ ଦେହ ଆଜି ଟିକିଏ ଭଲ ନାହିଁ । |
| ଇଣି | - | ଆଞ୍ଜାଁ ଇଣି ମିସିଞ୍ଜ୍ କୁଟିଜ୍ ଡିଅ ଯେନା । |
| ଦେବଦାରୁ | - | ଦେବଦାରୁ ଗଛର କାଠରେ ଦିଆସିଲି ତିଆରି ହୁଏ । |
| ଦେବଦାରୁ | - | ଦେବଦାରୁ ସୁମୁସିଞ୍ଜ୍ ସେଂଅଁନ୍‌ଡବ ଡିଆସିଲି  ବନାଏ ଇରେ । |
| ଦେଖି | - | ହଠାତ୍ ବାଘ ଦେଖି ମୁଁ ଡରିଗଲି । |
| ଜୟଜ | - | ଚଟ୍‌କିନା କିଲଗ୍ ଜୟଜ ଆଞ୍ଜ୍ ବେତଂଆଁନା । |
| ଦେବୀ | - | କାଳିଜାଇ ପାହାଡରେ ଦେବୀ ମନ୍ଦିର ଅଛି । |
| ଦେବୀ | - | କାଳିଜାଇ ଉଳିଆ କଲ୍ୟଂଡାଏ ମନ୍ଦିର ଆସିକେ । |
| ଦୋକାନ | - | ଆମ ଗ୍ରାମରେ ଔଷଧ ଦୋକାନଟିଏ ନାହିଁ । |
| ଦୁକାନ | - | ନିଞ୍ଜାଁ ଗାଅଁନିଞ୍ଜାଁ ଅସ ଦୁକାନ ଜଅତେ । |
| ଦୋଳି | - | ଝିଅମାନେ ଦୋଳି ଖେଳି ଆନନ୍ଦ ପାଆନ୍ତି । |
| ଦୁଳି | - | ସେଲାନ୍‌କି ଦୁଳି କେଳେଅକିଜ କୁସି ଇରେକି । |
| ଦୈର୍ଘ୍ୟ | - | ହୀରାକୁଦ ବନ୍ଧର ଦୈର୍ଘ୍ୟ ପ୍ରାୟ ୨୫ କିମି । |
| ଜିଲର | - | ହୀରାକୁଦ ବନ୍ଦଆ ୨୫ କିଲ ମିଟର ଜିଲର୍ ଆସିକେ । |
| ଦୌଡିବା | - | ଶିକ୍ଷକ ପିଲାଙ୍କୁ ଦୌଡିବା ପାଇଁ କହିଲେ । |
| ଦବଡେ | - | ମାସଟର ଉଆଲିକିତେ ଦବଡେଆ ଦିରେ ଗାତାଅ । |

| | | |
|---|---|---|
| ଦ୍ୱନ୍ଦ | - | ଲୋକଟିର କଥା ଶୁଣି ମୁଁ ଦ୍ୱନ୍ଦରେ ପଡିଲି । |
| ଦୁଇପାଙ୍କିଆ | - | ଲୁକରା ଗାତାର ଅଂଅଁଜ ଆଞ୍ଜ୍ ଦୁଇପା।ଙ୍କିଆ ଅଲଗାନ୍ । |
| ଦ୍ୱାର | - | ମନ୍ଦିରର ଦ୍ୱାର ସମସ୍ତଙ୍କ ପାଇଁ ଖୋଲା ରହିବା ଆବଶ୍ୟକ । |
| କୁନ୍ତୁଂଳି | - | ମନ୍ଦିରଆ କୁନ୍ତୁଂଳି ସମନ୍ଦାଏ ଦିରେ ଏବେଲାଙ୍ଗ୍ ରଇବା ଦରକାର । |

## - ଧ -

| | | |
|---|---|---|
| ଧଳା | - | ଟଗର ଫୁଲର ରଙ୍ଗ ଧଳା । |
| ଏଣ୍ଡରା | - | ଟଗର ରାଣିଂଆଁ ରଂଗ ଆଣ୍ଡାରା । |
| ଧମନୀ | - | ଧମନୀରେ ପରିଷ୍କୃତ ରକ୍ତ ଯାଏ । |
| ଶିରା / ଦମନି | - | ଦମୀନି (ଶିରା) ତେ ସାପା ଇଞ୍ଜାଁମ୍ ଅଣ୍ଡେ । |
| ଧନୁଶର | - | ଶବରମାନେ ଧନୁଶର ଧରି ଯା’ ଆସ କରନ୍ତି । |
| କାକାଗ୍‌କକମ୍ | - | ଶବରକି କାକାଗ୍ କକମ୍ ସବାନ୍‌କିଜ ଅଙ୍ଗର୍ ଡେଙ୍ଗର୍ କିପ୍‌ଡିକି । |
| ଧଇଁ ସଇଁ | - | ଲୋକଟି ଧଇଁସଇଁ ହୋଇ ଘରେ ପହଞ୍ଚିଲା । |
| ସେଁପେଟେ | - | ଲୁକରେ ସେଁପେଟେ ଇଆନ୍‌ଜ ଇଞ୍ଜାଁବ ଆଉଟିଆନ୍ । |
| ଧରିବା | - | ମାଛ ଧରିବା କେଉଟମାନଙ୍କର ବୃତ୍ତି ଅଟେ । |
| ସସବ | - | କାରଂ ସସବ୍ କେଉଟକା ବିଉସା ଇରେ । |
| ଧରାଧରି | - | ପିଲାଏ ଧରାଧରି ହୋଇ ଖେଳନ୍ତି । |
| ସସବ୍‌ସାସାବ୍ | - | ଉଆଳିକି ସସବ୍‌ସାସାବାନ୍‌କିଜ ଏବଡମ୍‌ଡିକି । |
| ଧନ୍ଦା | - | ସ୍କୁଲମାନଙ୍କରେ ଧନ୍ଦାମୂଳକ ଶିକ୍ଷା ଦେବା ଉଚିତ୍ । |
| ବିଉସା | - | ଇସ୍କୁଲୁରାକାତେ ବିଉସା ମୂଳକ ଶିକ୍ୟା ଡିଡିଞ୍ଜ୍‌ଡେ ଡିଅ । |
| ଧନ୍ୟ | - | ଦେଶ ପାଇଁ ପ୍ରାଣବଳି ଦେଉଥିବା ଲୋକ ଧନ୍ୟ । |
| ଦନ୍ୟ | - | ଦେଶଆ ଦିରେ ଜୀବନ ଡିମିଞ୍ଜିଞ୍ଜ୍‌ମା ଲୁକ ଦନ୍ୟ । |
| ଧନୀ | - | ଧନୀମାନେ ଗରିବଙ୍କର କଥା ବୁଝିବା ଉଚିତ୍ । |
| ଦୁନି | - | ଦୁନି ଲୁକକି ଗରିବକା ଗାତା ବୁମୁଜିକି ଡିଅ । |
| ଧାର | - | ଗାଁର ଲୋକେ ଧାର ଉଧାର କରି ଚଳନ୍ତି । |
| ଦାର | - | ଗାଅଁଆ ଲୁକକି ଦାର ଉଦାର କିବାନ୍‌କିଜ ଚଳେକିକି । |

ଧାନ - ବସୁମତୀ ଧାନ ଚାଷ ଏକ ଲାଭଜନକ କୃଷି କାର୍ଯ୍ୟ ।

ବୁଆ - ବାସୁମତୀ ବୁଆ ତାସ ମୁଇଁଣ୍ଟ ଲାବଡେଗାନ୍ ତାସ କମ ।

ଧିର - ଧିର ପାଣି ପଥର କାଟେ ।

ଡିରି - ଡିରି ଡାଗ୍ ଏଗେର୍ ସେଜ୍‌କେ ।

ଧୂଆଁ - ନିମ୍ବପତ୍ର ଧୂଆଁ ମଶା ଘଉଡାଏ ।

କୁଆଲସଂ - ଲିମ୍ବ ଅଲାଗା କୁଆଲସଂଡ଼ କାତିର୍ ଡିନ୍‌କେ

ଧୂଆଁଳିଆ - ଖରାଦିନେ ଆକାଶ ଧୂଆଁଳିଆ ଦେଖାଯାଏ ।

କୁଆଲସଂଡ - କାରା ଦିନତେ ସରଗ କୁଆଲସଂଡ ଜଏରେ ।

ଧୂପ - ପୂଜକ ଧୂପ ଦେଇ ପୂଜା କରନ୍ତି ।

ଦୁପ - ନାଗମ୍ ଦୁପ ଡ଼ିଞ୍ଜିଁଜ ଉଜା କିବ୍‌କେ ।

ଧୂଳି ଝାଡି - ପିଲାଟି ଧୂଳିଝାଡି ଉଠି ପଡିଲା ।

ଦୁଳି ଜାଡେଆନା - ମୁଣୁଷ କନନ୍‌ଡେ ଦୁଳି ଜାଲେଆନ୍‌ଜ ବୁଲୁରାନା ।

ଧ୍ୱଂସ - ପରମାଣୁ ବୋମା କ୍ଷଣିକ ମଧ୍ୟରେ ସବୁ ଧ୍ୱଂସ କରେ ।

ନଷ୍ଟ / ନାଶ - ପରମାଣୁ ବାମ୍ବା ସାଙ୍ଗେ ସାଙ୍ଗେ ବିତିରେ ସାବରେଞ୍ଜ୍ ନାଶ କିବ୍‌କେ ।

## - ନ -

ନଈ - ମୁଁ ଆମ ଗାଁ ନଈରେ ପହଁରା ଶିଖିଛି ।

ନୁଦି - ଆଞ୍ଜ୍ ନିଞ୍ଜ୍ଆଁ ଗାଅଁ ନୁଦିତେ ପହଁରେ ସଜ୍‌ଚେକେ ।

ନଈ ବନ୍ଧ - ନଈବଢି ବେଳେ ନଈବନ୍ଧ ଭାଙ୍ଗିଯାଏ ।

ନୁଦିବନ୍ଦ - ନୁଦି ବଡେଆନ୍‌ଜ ନୁଦିବନ୍ଦ ବାଟୁଂଡେ ।

ନଈବଢି - ନଈବଢି ଆମ ରାଜ୍ୟର ଏକ ବଡ ବିପତ୍ତି ।

ନୁଇବଡି - ନୁଇବଡି ନିଞ୍ଜାଁ ରାଇଜଆ ମୁଇଁଣ୍ଟ କୁବା ବିପଦ ।

ନଦୀ - ମହାନଦୀ ଓଡିଶାର ବଡ ନଦୀ ।

ନୁଦି - ମହାନୁଦି ଓଡିଶାର ମାଟା ନୁଦି ।

ନକ୍‌ସା - ଇଂଜିନିୟର ଆସି ବିଦ୍ୟାଳୟର ନକ୍ସା ପ୍ରସ୍ତୁତ କଲେ ।

ନକସା - ଇଞ୍ଜିନିଅର ଡେନଜ ଇସୁକୁଲୁଆ ନକସା ବାନାଏଅ ।

| | | |
|---|---|---|
| ନଜର | – | ଶିକ୍ଷକ ପ୍ରତି ପିଲା ଉପରେ ନଜର ରଖନ୍ତି । |
| ନଜର | – | ମାଷ୍ଟରରେ ସମନ୍ଦାଏ ଉଆଳିକିତେ ନଜର ଉନ୍‌କେ । |
| ନଟୁ | – | ପିଲାମାନେ ନଟୁଖେଳ ଭଲ ପାଆନ୍ତି । |
| ନଟୁ | – | ଉଆଳିକି ନଟୁ କେଳତେ ଡିଅ ବୁଜିକିକି । |
| ନଡିଆ | – | ନଡିଆ କତାରେ ଦଉଡି ତିଆରି ହୁଏ । |
| ନୁଡିଆ | – | ନୁଡିଆ କତାତା ଦାଉଳା ଇରେ । |
| ନବମ | – | ଦୌଡ ଖେଳରେ ରୀତା ନବମସ୍ଥାନରେ ରହିଲା । |
| ନବମ | – | ଦବଡେ କେଳଆ ରିତା ନବମଜାଗାତେ ରଏଆନା । |
| ନଳ | – | ନଳକୂପ ପାଣି ପିଇବା ନିରାପଦ । |
| ନଳ | – | ନଳକୂଅ ଡାଗ୍ ଉରୁର୍‌ଡେ ଡିଅ । |
| ନଷ୍ଟ | – | ଖାଦ୍ୟଦ୍ରବ୍ୟ ନଷ୍ଟ କର ନାହିଁ । |
| ବାଗି | – | ଆଦାର ଗିନିଷରିକି ବାଗି ଇକିବର । |
| ନାଲି | – | ସନ୍ଧ୍ୟା ସୂର୍ଯ୍ୟ ନାଲି ଦେଖାଯାଏ । |
| ସୁନ୍ଦୁରୁ | – | ବୁଲୁତେ ବେଳ ସୁନ୍ଦୁରୁର ଜରେ । |
| ନାଳ | – | ନାଳରେ ପାଣି ଦୂରକୁ ନିଆଯାଇଥାଏ । |
| ନାଳ | – | ନାଳତା ଡାଗ୍ ଲାଙ୍ଗାବ ଗଗଗ୍ ଇରେ । |
| ନାତୁଣୀ | – | ମୋର ଗୋଟିଏ ନାତୁଣୀ ଅଛି । |
| ନାତୁଣୀ | – | ଆଞ୍ଜାଁ ମୁଇଁଣ୍ଡ ନାତୁଣୀଞ୍ଜ୍ ଆସିକେ । |
| ନାଶ | – | ଦୁଷ୍ଟର ସର୍ବନାଶ ହୋଇଯାଏ । |
| ନାଶ | – | ବଦମାସରା ନାଶ ଇରେ । |
| ନାମ | – | ବହୁମୂଲ୍ୟ ସୁବର୍ଣ୍ଣ ଅପେକ୍ଷା ଉତ୍ତମ ନାମ ଭଲ । |
| ନା | – | ସୁଗାଇଦାମ ସୁନାତା ଉତ୍ତମ ନାଅଁ ଡିଅ । |
| ନାରଖାର | – | ଅବାଧ୍ୟ ପୁତ୍ର ସମ୍ପତ୍ତି ନାରଖାର କରେ । |
| ନାରକାର | – | ବାଗି କନନ୍ ସଂପତ୍ତି ନାରକାର କିପ୍‌କେ । |
| ନାରିକେଳ | – | କେରଳ ରାଜ୍ୟରେ ବହୁତ ନାରିକେଳ ଗଛ ଅଛି । |
| ନୁଡିଆ | – | କେରଳ ରାଇଜଆ ସୁଗାଇ ନୁଡିଆ ସୁମୁସିଞ୍ଜ୍ ଆସିକେ । |
| ନାତି | – | ରବିବାବୁଙ୍କ ନାତି ଷଷ୍ଠ ଶ୍ରେଣୀରେ ପଢେ । |
| ନାତିଆ | – | ରବିବାବୁଆ ବଳକାବଡ଼ ଷଷ୍ଠ ଶେଣୀଆଁ ପଡେକେ । |

| | | |
|---|---|---|
| ନା | – | ଧୂମ୍ର ପାନକୁ ନା କହ । |
| ଜେନା | – | କାଲିଆ ସୁରୁର୍‌ତେ ଯେନା ଗାମେ । |
| ନାଚି ନାଚି | – | ଲହଡି ନାଚି ନାଚି କୂଳରେ ପିଟି ହୁଏ । |
| କିକିଜ୍ କିକିଜ୍ | – | ଚଲକା / ଲଅଡ଼ି କିକିଜ୍ କିକିଜ୍ କାନ୍ତତେ ପେଟେରମ୍‌ଡେ । |
| ନାଗରିକ | – | ଆମେ ଭାରତର ନାଗରିକ ଅଟୁ । |
| ନାଗରିକ | – | ନିଞ୍ଜ୍ ଭାରତଆ ନାଗରିକ । |
| ନାନା | – | ସେ ମୋତେ ନାନା କଟୁ କଥା କହିଲା । |
| ବିରିବିରିକ | – | ଆର ଆଞ୍ଜ୍‌ତେ ବିରିବିରିକ ବାଗି ଗାତା ଗାତାୟ । |
| ନାକ | – | ଦୁର୍ଗନ୍ଧରେ ନାକ ଫାଟି ପଡୁଛି । |
| ମତେଜ୍ | – | ସେଟକ୍‌ଡ ଗନ୍ଦବ ମତେଜ୍ ପାକ୍‌ଡେ । |
| ନାଡ | – | କବିରାଜ ନାଡି ଦେଖି ରୋଗ ଚିହ୍ନନ୍ତି । |
| ନାଳି | – | ବଇଦ ନାଳି ମେନଜ ରୁଗ ତାମାନ୍‌କେ । |
| ନିଜେ | – | ପିଲାମାନେ ନିଜେ ନିଜର ଖାତାପତ୍ର ସଜାଇ ରଖନ୍ତି । |
| ନିଜେ | – | ଉଆଲିକି ନିଜ ନିଜଆ କାତାପତ୍ର ସଜାୟାନ୍‌କିଜ୍ ଉଣ୍ଡିମିକି । |
| ନିଦ – | | ଦିନବେଳେ ନିଦରେ ଶୋଇବା ଅନୁଚିତ । |
| ଲେବେର୍ | – | ମେସାର୍‌ତେ ଲେବେର୍‌ଡେ ଡିଅ ଜେନା । |
| ନିୟମ | – | ସମସ୍ତେ ବିଦ୍ୟାଳୟର ନିୟମ ମାନିବା ଉଚିତ୍ । |
| ନିୟମ | – | ଟାଙ୍କୁଣିଞ୍ଜ୍ ଇସ୍କୁଲୁଆ ନିୟମ ନେମାନେ ଡିଅ । |
| ନିର୍ମଳ | – | ଶରତ ଋତୁରେ ନଈପାଣି ନିର୍ମଳ ଦେଖାଯାଏ । |
| ଲଲେଂ | – | ଶରତ ଋତୁତେ ନୁଇଡାଗ୍ ଲଲେଂଡ଼ ଜଏରେ । |
| ନିକିତି | – | ଦୋକାନୀ ନିକିତିରେ ଓଜନ କରେ । |
| କିଲ | – | ଦୁକାନିଆଁ କିଲତେ ଓଜନ କିବ୍‌କେ । |
| ନିସ୍ୱ | – | ନିସ୍ୱ ବ୍ୟକ୍ତିଙ୍କୁ ଯଥା ସମ୍ଭବ ସାହାଯ୍ୟ କର । |
| ଗରିବ | – | ଗରିବ ଲୁକକିତେ ଯେତିକି ଇରିମା ସାଆଜ କିପ୍‌ପେ । |
| ନିଷ୍ଠା | – | ନିଷ୍ଠା ବଳରେ ଅସମ୍ଭବ ସମ୍ଭବ ହୋଇଥାଏ । |
| ମୁଇଷ୍ଟମନ | – | ମୁଇଁଷ୍ଟମନ ବଳବ ଅସମ୍ଭବ ସମ୍ଭବ ଇରେ । |
| ନିଷ୍ଫଳ | – | ପରିଶ୍ରମ କେବେ ନିଷ୍ଫଳ ହୁଏ ନାହିଁ । |
| ବେକାର | – | କମ କେବେ ଏଲେ ବେକାର ଆଇରେ ଜେନା । |

| | | |
|---|---|---|
| ନିର୍ବାହ | – | ଆମେ ନିଜର କର୍ତ୍ତବ୍ୟ ନିର୍ବାହ କରିବା ଉଚିତ । |
| ନିକିମା/ ନିତୁଲାଏ | – | ନିଞ୍ଜ୍ ଆପାଣା କମ ନିଜେ ନିକିମା ଡିଅ/ନିତୁଲାଏନା ଡ଼ିଅ । |
| ନିଷ୍ପତ୍ତି | – | ଦେଶ ସେବା କରିବାକୁ ସମସ୍ତେ ନିଷ୍ପତ୍ତି ନେବା । |
| ଗାତାନିଡିଞ୍ଜ୍ | – | ଦେଶ ସେବା କିକିପ୍‌ତେ ସାବରେଞ୍ଜ୍ ଗାତା ନିଡିଞ୍ଜ୍‌ଏଁ । |
| ନିଷ୍ପକ୍ଷ | – | ବିଚାରକର୍ତ୍ତା ନିଷ୍ପକ୍ଷ ବିଚାର କରିଥାନ୍ତି । |
| ପରଆପଣା | – | ବିଚାରବାଲା ନିଜ ପରଆପଣା ବିଚାର କିପ୍‌କିକି । |
| ନିଷେଧ | – | ସର୍ବସାଧାରଣ ସ୍ଥାନରେ ଧୂମପାନ ନିଷେଧ । |
| ମାନା | – | ଟାଙ୍କୁଣିଞ୍ଜ୍ ମାସିନାକି ଜାଗାତେ କାଲିଆ ସୁରୁର୍ ମାନା । |
| ନିର୍ଦ୍ଦେଶ | – | ଦୁର୍ନୀତି ନିବାରଣ ପାଇଁ ସରକାରୀ ନିର୍ଦ୍ଦେଶ ରହିଛି । |
| ନିର୍ଦ୍ଦେଶ /ଉକୁମ | – | ବାଗି କମ୍ ଡିଅ ଇଇତେ ସରକାରଆ ନିର୍ଦ୍ଦେଶ / ଉକୁମ ଆସିକେ । |
| ନିଶ୍ଚଳ | – | ସମୀର ହୃଦ୍‌ଘାତରେ ନିଶ୍ଚଳ ହୋଇଛି । |
| ଅଚେତ | – | ସମୀର ବୁକୁବେଦନାବ ଅଚେତ ଇସେରେ । |
| ନିରୀକ୍ଷଣ | – | ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ ନିରୀକ୍ଷଣ କରନ୍ତି । |
| ମେନ୍‌କେ | – | ମାସଟର ଉଆଲିକିତେ ମେମେନ୍‌କେ । |
| ନିରୂପଣ | – | ଆସନ୍ତା ବର୍ଷ ଆଳୁ ଚାଷ କରିବାକୁ ଆମେ ନିରୂପଣ କରିଛୁ । |
| ନେବାଚେ | – | ମାନ୍ତା ଅଜାଂ ତାସ କିକିପ୍‌ତେ ନିଞ୍ଜ୍ ନେବାଚେସେକେ । |
| ନିତି | – | ମୁଁ ନିତି ଈଶ୍ୱରଙ୍କଠାରେ ପ୍ରାର୍ଥନା କରେ । |
| ଦିନି/ସଦାଏ | – | ଆଞ୍ଜ୍ ଦିନି / ସଦାଏ ଈଶ୍ୱରତେ ସୁମରଣା କିପ୍‌ଡେ । |
| ନିଶ୍ଚୟ | – | ଶ୍ରମର ଫଳ ଦିନେ ନିଶ୍ଚୟ ମିଳିବ । |
| ନିଚେ | – | କମଆ ପଳ ଦିନମିଞ୍ଜ୍ ନିଚେ ମେମେଳେନା । |
| ନିର୍ବୋଧ | – | ନିର୍ବୋଧମାନେ କିଛି କରି ପାରନ୍ତି ନାହିଁ । |
| ଏଲେବା | – | ଆଲାବାକି କିଚି କିକିପ୍ ଆରିମ୍‌ଡିକି । |
| ନିଆଁ | – | ଅମ୍ଳଜାନ ନିଆଁ ଜଳିବାରେ ସାହାଯ୍ୟ କରେ । |
| ଲାଲାଏଜ୍ | – | ଅମ୍ଳଜାନ ଲାଲାଏଜ୍ ଲାଗେତେ ସାଆଯ୍ୟ କିବ୍‌କେ । |
| ନିକାଞ୍ଚନ | – | ନିକାଞ୍ଚନ ଜାଗାରେ ମୋତେ ଶାନ୍ତି ମିଳେ । |
| ନିଚାଟିଆ | – | ନିଚାଟ ଜାଗାତେ ଆଞ୍ଜ୍‌ତେ ଶାନ୍ତି ମେଳେରେ । |
| ନିଲାମ | – | ଜବତ ହୋଇଥିବା ଗାଡି ନିଲାମ କରାଯିବ । |
| ନିଲାମ | – | ଜବଦ ମିଇସେନା ଗାଡି ନିଲାମ କିକିପ୍‌ମିଇନା । |

| | | |
|---|---|---|
| ନିମନ୍ତ୍ରଣ | – | ମୋ ଜନ୍ମଦିନରେ ମୁଁ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରେ । |
| ଗୁଆ | – | ଆଞ୍ଚାଁ ଜନ୍ମ ଦିନତେ ଆଞ୍ଜ୍ ବୁନ୍ଦୁବାନ୍ଧବକିତେ ଗୁଆ ଡିଞ୍ଜ୍କେ । |
| ନିର୍ଣ୍ଣୟ | – | ପ୍ରତିଟି କାର୍ଯ୍ୟ କିପରି କରାଯିବ ତାହା ଆମେ ନିର୍ଣ୍ଣୟ କରୁ । |
| ନେବାଚେ | – | ମୁଇଁଜ୍ ମୁଇଁଜ୍ କମ ସୁଇଂଡ କିକିପ୍ମିନା ଏରେ ନିଞ୍ଜ୍ ନେବାଚେ । |
| ନିଜର | – | ନିଜେ ନିଜର ପ୍ରଶଂସା କରିବା ଅନୁଚିତ । |
| ଆପଣା | – | ଆପାଣା ଆପାଣାତେ ପ୍ରସଂଶା କିକିପ୍ଡେ ଡିଅଯେନା । |
| ନିର୍ଦ୍ଦିଷ୍ଟ | – | ପ୍ରତିଟି ପ୍ରଶ୍ନର ନିର୍ଦ୍ଦିଷ୍ଟ ଉତ୍ତର ରହିଥାଏ । |
| ଟିକା | – | ଅଲେଞ୍ଜ୍ଟ ପରଶନରା ଟିକା ଉତ୍ତର ରଏସେରେ । |
| ନିଃଶ୍ୱାସ | – | ନିଃଶ୍ୱାସ ବାୟୁରେ ଅଧିକ ଅଙ୍ଗାରକାମ୍ଳ ଥାଏ । |
| ନିଶାସ | – | ନିଶାସ ପବନତେ ସୁଗାଇ ଅଙ୍ଗାରକାମ୍ଳ ଆସିକେ । |
| ନିୟନ୍ତ୍ରଣ | – | ହୀରାକୁଦ ବନ୍ଧ ବନ୍ୟା ନିୟନ୍ତ୍ରଣ ପାଇଁ ନିର୍ମିତ ହୋଇଛି । |
| ଅଟକାଏ | – | ହୀରାକୁଦ ବନ୍ଦ ବନ୍ୟା/ ବଡି ଅଟକାଏଆ ଦିରେ ବନାଏ ଇସେରେ । |
| ନୀଡ | – | ବାଇ ଚଢେଇ ଝଡିବର୍ଷା ବେଳେ ନୀଡରେ ଝୁଲୁ ଥାଏ । |
| ବାସା | – | ନିଣ୍ଟି କନ୍ତେର୍ ଜଡ଼ବାଦାସ ବେଳତେ ବାସାତେ ଡାଲିଆଂସେରେ । |
| ନୀତି | – | ସାମାଜର ନୀତି ନିୟମ ପାଳନ କରିବା ଉଚିତ । |
| ନିତି | – | ସମାଜଆ ନିତି ନିୟମ ନେମାନେ ଡିଅ । |
| ନୀଳ | – | ନୀଳ ଆକାଶରେ ବାଦଲ ଭାସେ । |
| ନିଳିଆ | – | ନିଳିଆ ସରଗତେ ବାଦଲ ଉୟାଂଡେ । |
| ନୀରବ | – | ବିଦ୍ୟାଳୟରେ ଆମେ ନିତି ନୀରବ ପ୍ରାର୍ଥନା କରୁ । |
| ନିଚାଳ | – | ଇସ୍କୁଲୁତେ ନିଞ୍ଜ୍ ଦିନି କଳେର ସୁମରଣା ନିକିପ୍କେ । |
| ନୁଆଁ | – | ପଶ୍ଚିମ ଓଡିଶାରେ ନୂଆଁଖାଇ ପାଳନ କରନ୍ତି । |
| ନୁଆଁ | – | ପଚିମ ଓଡିଶାତେ ନୁଆକିଆ ଅବ ମାନେରିକି । |
| ନୂଆଁଣିଆ | – | ଗାଁ ଗହଳିରେ ନୂଆଁଣିଆ ଚାଳଘର ଥାଏ । |
| ଲାଚାପ୍ / ଗଡାଣିଆଁ | – | ଗାଅଁ ଗଅଳିଆ ଲାଚାପ୍ଡ ଗଡାଣିଆଁ ତିଲୁଙ୍ଗ୍ଇଞ୍ଚାଁ ରଏସେରେ । |
| ନୂଆଁ ନୂଆଁ | – | ମାମୁ ଘରେ ମୋତେ ନୂଆଁ ନୂଆଁ ଲାଗେ । |
| ନୁଆଁ ନୁଆଁ | – | ମାମୁଁତ୍କା ଇଞ୍ଚାଁରାକାତେ ଆଞ୍ଜ୍ତେ ନୁଆଁନୁଆଁ ଲାଗେରେ । |

| | | |
|---|---|---|
| ନୂତନ | - | ନୂତନ ବର୍ଷ ଆମ ପାଇଁ ଆନନ୍ଦ ଆଣି ଦିଏ । |
| ନୁଆଁ | - | ନୁଆ ବରଷ ନିଞ୍ଚାଁ ଦିରେ କୁସିମଜା ଅରେନ୍‌କେ । |
| ନେଉଳ | - | ନେଉଳ ସାପ ସହିତ ଲଢେଇ କରେ । |
| ନେଉଳ | - | ନେଉଳ ବାବୁଂ ତୁଲଂ ଲୁଡାଇ ଲାଗେରେ । |
| ନେତା | - | ଆମ ରାଜ୍ୟରେ ସଚ୍ଚୋଟ ନେତାଙ୍କର ଅଭାବ ଅଛି । |
| ନେତା | - | ନିଞ୍ଚାଁ ରାଇଜଆ ଡିଅ ନେତାକା ଅବାବ ଆସିକେ । |
| ମୁଖ୍ୟ | - | ରାଜ୍ୟର ମୁଖ୍ୟମନ୍ତ୍ରୀ ଶାସନର ମୁଖ୍ୟ ଅଟନ୍ତି । |
| ନେତୃତ୍ୱ | - | ରାଇଜଆ ମୁକ୍ୟମନ୍‌ତିରି ଶାସନର ନେତୃତ୍ୱ ନିଅନ୍ତି । |
| ମୁକିଆ | - | ରାଜ୍ୟଆ ମୁଖ୍ୟମନ୍ତ୍ରୀ ଶାସନାଆ ମୁକିଆ ଇରେ । |
| ନେହୁରା | - | ଜିଲ୍ଲାପାଳଙ୍କଠାରେ ଲୋକେ ନେହୁରା ହୁଅନ୍ତି । |
| ଅଳି | - | ଜିଲାପାଳଆ ଆସାରାତେ ଲୁକକି ଅଳି ଇରିକି / କିପ୍‌ଡିକି । |

## - ପ -

| | | |
|---|---|---|
| ପତାକା | - | ତ୍ରିରଙ୍ଗା ଆମର ଜାତୀୟ ପତାକା ଅଟେ । |
| ପତକା | - | ତିନି ରଙ୍ଗିଆ ନିଞ୍ଚାଁ ଜାତିୟ ପତକା ଇରେ । |
| ପଶୁ | - | ଗାଈ ଏକ ଗୃହପାଳିତ ପଶୁ ଅଟେ । |
| ଜନ୍ତୁ | - | ଅଲେଜ୍ ମୁଇଁଷ୍ଟ ଇଞ୍ଚାଁ ପାମାଲେତା ଜିନ୍ତୁ ଇରେ । |
| ପଲ | - | ଗୋରୁପଲ ସନ୍ଧ୍ୟାରେ ଫେରେ । |
| ପଲ | - | ଅଲେଜ୍ ପଲକି ବୁଲୁତେ ପେରେକିକି । |
| ପକ୍ଷୀ | - | ପକ୍ଷୀମାନେ ବୁଣନ୍ତି ନାହିଁ କିମ୍ବା କାଟନ୍ତି ନାହିଁ । |
| କନ୍ତେର୍ | - | କନ୍ତେର୍‌କି ଆବିର୍‌କିକି କି ଆଗାଗାର୍‌ଡିକି । |
| ପବନ | - | ଦକ୍ଷିଣାପବନ ଦେହକୁ ଥଣ୍ଡା ଲାଗେ । |
| ପବନ | - | ଦକିଣ ପବନ ଇଣିତେ ଏମାଣ ଲାଗେରେ । |
| ପଗଡି | - | ଶିଖ ଲୋକ ମୁଣ୍ଡରେ ପଗଡି ବାନ୍ଧନ୍ତି । |
| ପାଗ | - | ଶିକ୍ ଲୁକକି ବକପ୍‌ତେ ପାଗ ତିଞ୍ଜ୍‌ଡିକି । |
| ପରାଣ | - | ସହୀଦମାନେ ଦେଶ ପାଇଁ ପରାଣ ଦିଅନ୍ତି । |
| ଜୀବନ | - | ସହୀଦ୍‌କି ଦେଶଆ ଦିରେ ଜୀବନ ଡିଞ୍ଜ୍‌କିକି । |

| | | |
|---|---|---|
| ପଥର | – | ପଥରରେ ପୁନାଦି ତିଆରି କରାଯାଏ । |
| ଏଗେର୍ | – | ଏଗେର୍‌ବ କନେଚାଂ ବନାଏ ଇରେ । |
| ପର୍ବ | – | ଓଡିଶାରେ ଅନେକ ପର୍ବ ପର୍ବାଣି ପାଳିତ ହୁଏ । |
| ଅବ | – | ଓଡିଶାରା ସୁଗାଇ ଅବଅବା ମାନେ ଇରେ । |
| ପଡିବା | – | ତଳେ ପଡିବା ଖାଦ୍ୟ ଖାଅ ନାହିଁ । |
| ଅଲକ୍ | – | ତୁଳିତେ ମଲକ୍‌ସେନା ଆଦାର ଇଜିମର । |
| ପରସ୍ପର | – | ପିଲାଏ ପରସ୍ପର ହାତ ଧରି ଖେଳନ୍ତି । |
| ନିଜ ନିଜ | – | ଉଆଲିକି ନିଜ ନିଜ ଇତି କସସବାନ୍‌କିଜ ଏବଡମ୍‌ଡିକି । |
| ପତ୍ର | – | ତୁଳସୀ ଦୁଇ ପତ୍ରରୁ ବାସେ । |
| ଅଲାଗ୍ | – | ତୁଳିସ ଆମ୍ବାଟ ଅଲାଗ୍‌ତା ବାସେକେ/ ଗନ୍ଦଏକେ । |
| ପରିସ୍ଥିତି | – | ପରିସ୍ଥିତିକୁ ବିଚାର କରି କାର୍ଯ୍ୟ କରିବା ଉଚିତ୍ । |
| ବେଳକାଳ | – | ବେଳକାଳ ଜୟକିଜ କମ କିକିପ୍‌ଡେ ଡିଅ । |
| ପଶୁପାଳନ | – | ପଶୁପାଳନ ଏକ ଲାଭଜନକ ଉଦ୍ୟୋଗ । |
| ଜନ୍ତୁଉଷି | – | ଜନ୍ତୁଉଷି ମୁଇଁଣ୍ଟି ଲାବ ଡେଗାନ୍ ବେଉସା । |
| ପଞ୍ଚାୟତ | – | ସରପଞ୍ଚ ପଞ୍ଚାୟତକୁ ଚଳାନ୍ତି । |
| ପଞ୍ଚାୟତ | – | ସରପଞ୍ଚ ପଞ୍ଚାୟତତେ ଚଳାଏକେ । |
| ପରିଚ୍ଛନ୍ନ | – | ପରିଚ୍ଛନ୍ନତା ଦ୍ୱାରା ରୋଗରୁ ମୁକ୍ତି ମିଳେ । |
| ସାପାସୁତରା | – | ସାପାସୁତରା ଦୁଆରା ରୁଗତା ମୁକ୍ତି ମେଳେରେ । |
| ପଶୁ ସମ୍ପଦ | – | ପଶୁ ସମ୍ପଦର ଯତ୍ନ ନେବା ବାଞ୍ଛନୀୟ । |
| ପୁଶୁ ସମ୍ପଦ | – | ପୁଶୁ ସମ୍ପଦଆ ଦାଏତଗ ଗଗ୍‌ଡେ ଡିଅ । |
| ପରାମର୍ଶ | – | ପିତାଙ୍କର ପରାମର୍ଶ ଗ୍ରହଣ କର । |
| ଉକୁମ | – | ଅବା ଘେଆ ଉକୁମ ମାନେପେ । |
| ପରିବହନ | – | ଯାତ୍ରୀ ପରିବହନ ପାଇଁ ବସ୍ ରହିଛି । |
| ତୁଆଏ | – | ଲୁକ ତୁଆଏତେ ବସ୍ ଆସିକେ । |
| ପହଁରି | – | ମୁଁ ନଦୀ ପହଁରି ସେପାରିକି ଗଲି । |
| ପଅଁରେ | – | ଆଞ୍ଜ୍ ନୁଇଁ ପଅଁରେଅଜ ଆଇପାରିତା ଅନ । |
| ପହଞ୍ଚ | – | ମଙ୍ଗଳ ଗ୍ରହ ମନୁଷ୍ୟ ପହଞ୍ଚ ଦୂରତାରେ ନାହିଁ । |
| ଆଉଚି | – | ମଙ୍ଗଳ ଗ୍ରହ ମୁଣୁଷ ଆଉଚି ଲାଂକା ଯେନା । |

| | | |
|---|---|---|
| ପରିବା | – | ଶୀତଦିନେ ପରିବା ଦର କମ୍ ରହେ । |
| ଆରିଗା (ସାଙ୍କାଣା) | – | ରାଂଆଁ ଦିନତେ ସାଙ୍ଗ୍ଣା ଦର ଅଳପ ରଏରେ । |
| ପରିବେଶ | – | ସୁସ୍ଥ ପରିବେଶ ସୁସ୍ଥ ଦେଶ । |
| ଜାଗା | – | ସାପା ଜାଗା ସାପା ଦେଶ । |
| ପରୋପକାର | – | ପରୋପକାର ପରମ ଧର୍ମ । |
| ଅଇନଆଉପକାର | – | ଅଇନଆଉପକାର ପରମ ଦରମ । |
| ପରିଷ୍କାର | – | ଗାଁ ଦାଣ୍ଡ ପରିଷ୍କାର ରଖ । |
| ସାପା | – | ଗାଅଁ ଡାଣ୍ଡ ସାପାର ଉନେପେ । |
| ପରମେଶ୍ୱର | – | ପରମେଶ୍ୱର ଆମର ଯତ୍ନକାରୀ ଅଟନ୍ତି । |
| ବଗବାନ | – | ବଗବାନ ନିଞ୍ଜାଁ ଯତନ କିକିପ୍ତେ ଆସିକେ । |
| ପଥର ଦିଅଁ | – | ମନ୍ଦିରରେ ପଥର ଦିଅଁ ପୂଜା ପାଆନ୍ତି । |
| ଏଗେର କଲ୍ୟଂ | – | ମନ୍ଦିରତେ ଏଗେର୍ କଲ୍ୟଂ ଉଜା କୁଇରିକି । |
| ପଦାକରିବା | – | ଲଟାବୁଦା ପଦା କରିବା ଦ୍ୱାରା ମଶା ଧ୍ୱଂସ ହୁଏ । |
| ଆଦାନିକିବେ | – | ଲୁଟିବୁଦା ଆଦା ନିକିବଲେ କାତିର୍କି ଗଜ୍କିକି । |
| ପରି | – | ଆମ ଦେଶ ପରି ସୁନ୍ଦର ଦେଶ ପୃଥିବୀରେ ନାହିଁ । |
| ଡେଗାନ୍ | – | ନିଞ୍ଜାଁ ଦେଶ ଡେଗାନ୍ ସୁନ୍ଦର ଦେଶ ପୁରୁତିବିରା ଯତେ । |
| ପଲ୍ଲବ | – | ଗଛରେ ପଲ୍ଲବ ସୁନ୍ଦର ଦେଖାଯାଏ । |
| ଅଲାଗ୍ | – | ସୁମୁସିଞ୍ଜାଁ ଅଲାଗ୍ ବାଚାର ଜଏରେ । |
| ପଲ୍ଲୀ | – | ଫସଲ ଅମଳ ସମୟରେ ପୁରପଲ୍ଲୀ ମୁଖରିତ ହୁଏ । |
| ଗାଅଁ | – | କିରିସି ଆମଦାନି ବେଳତେ ଗାଅଁଗଳି କୁସିବ ପୁଲିରେ । |
| ପତ୍ନୀ | – | ପତିପତ୍ନୀ ପିଲାଙ୍କ ଯତ୍ନ ନିଅନ୍ତି । |
| କୁଟୁମ | – | ଦୁମାଣଷ କି ଉଆଳିକା ଯତନ ଗଗ୍ଡିକି । |
| ପଚାସଢା | – | ପଚାସଢା ଖାଦ୍ୟ ଶରୀର ପାଇଁ କ୍ଷତିକାରକ । |
| ସେଟକ୍ | – | ସେଟକ୍ସାଟାଗ୍ ଆଦାର ଇଣିଆ ଦିରେ ବାଗି । |
| ପଶୁପକ୍ଷୀ | – | ଅନେକ ପଶୁପକ୍ଷୀ ଆମ ସଙ୍ଗେ ବାସ କରନ୍ତି । |
| ପୁଶୁ କନ୍ତେର୍ | – | ଅମ୍ବାର୍ ପୁଶୁକନ୍ତେର୍କି ନିଞ୍ଜାଁ ତୁଲଂ ବାସା କିପ୍ଡିକି । |
| ପଚରା ପଚରି | – | ଚୋର ଧରିବା ପାଇଁ ପୋଲିସ୍ ପଚରା ପଚରି କରନ୍ତି । |
| ଜିଜିଙ୍ଗ୍ ଜାଜାଙ୍ଗ୍ | – | ଚୋର ସସବାଦିରେ ପୁଲିସି ଜିଜିଙ୍ଗ୍ ଜାଜାଙ୍ଗ୍ କିପ୍କେ । |

ପହଞ୍ଚିବା - ଟ୍ରେନ୍ ଧରିବାକୁ ହେଲେ ଠିକ୍ ସମୟରେ ପହଞ୍ଚିବାକୁ ହେବ ।

ଆଉଚିତେ - ରେଲ ସସପ୍‌ତେ ଇଆନ୍‌ଲେ ଟିକି ବେଲତେ ଆଉଚିତେ ମିନା ।

ପରୀକ୍ଷା - ପ୍ରତ୍ୟେକ ଛାତ୍ର ପରୀକ୍ଷାର ସମ୍ମୁଖୀନ ହେବା ଉଚିତ୍ ।

ପୁରୀକା - ଟାକୁଣିଜ୍ ଚାଲା ପରିକା ଡିମିଞ୍ଜ୍‌କି ଡିଅ ।

ପଙ୍କ - ଘୁଷୁରି ପଙ୍କରେ ଲୋଟେ ।

ପଙ୍କ - ବୁତାଏ ପଙ୍କତେ ଗଡେରେ / ଉଲୁଣ୍ଡିରେ ।

ପଶ୍ଚିମ ଦିଗ - ପଶ୍ଚିମ ଦିଗରେ ସୂର୍ଯ୍ୟ ଅସ୍ତ ହୁଏ ।

ପଶ୍ଚିମଦିଗ - ପଚିମ ଦିଗତେ ବେଲ ବୁଡିରେ ।

ପରିଦର୍ଶିକା - ପରିଦର୍ଶିକା ବିଦ୍ୟାଳୟ ପରିଦର୍ଶନ କଲେ ।

ପରିଦର୍ଶିକା - ପରିଦର୍ଶିକା ଇସିକୁଲୁ ବୁଲିଅଜ ଜୟ ।

ପଦଚାରୀ - ପଦଚାରୀମାନେ ରାସ୍ତାର ବାମ ପଟେ ଚାଲନ୍ତୁ ।

ଗଟାଂ ଚଲାଲି - ଚାଟାଂ ଚଲାଲିକି ଗଟାଂଆଁ ସାଗିଜ୍ ଇତିତା ଡାଇଁକିକି ।

ପସନ୍ଦ - ମୁଁ ମିଥ୍ୟା କହିବା ପସନ୍ଦ କରେ ନାହିଁ ।

ପସନ୍ଦ - ଆଞ୍ଜ୍ ମିଚ ଗାତାତେ ପସନ୍ଦ ଆମା କିପ୍‌କେ ।

ପଦ୍ୟାନ୍ତ - ଗୀତଟିର ପଦ୍ୟାନ୍ତ ବେଶ୍ ହୃଦୟସ୍ପର୍ଶୀ ହୋଇଛି ।

ଗିତଶେଷ - ଗୀତରା ଶେଷର ବେଶ୍ ମନତେ ଜିପ୍‌କେ ।

ପରପୃଷ୍ଠା - ବହିର ପରପୃଷ୍ଠାରେ ହାଟ ବିଷୟରେ ଲେଖାଯାଇଛି ।

ପରପୃଷ୍ଠା – ବଇଆ ପରପୃଷ୍ଠାରା ଆଟ ବିଷୟରେ ଲେକା ଇସେରେ ।

ପଣସ - ପଣସ ଏକ ସୁଆଦିଆ ଫଳ ଅଟେ ।

ଅଲସମ୍ - ଅଣସମ୍ ମୁଇଁଣ୍ଡି ମୁଦୁରିଆ ଲାକୁ ।

ପରିକଳ୍ପନା - ସୁନ୍ଦର ବଗିଚା କୃଷକର ପରିକଳ୍ପନା ଅଟେ ।

ମନବାବ୍‌ନା - ବାଚାର ବାକାଲି ତାସିଆ ମନବାବନା ଇରେ ।

ପଦ୍ମଫୁଲ - ପଦ୍ମ ଆମର ଜାତୀୟ ଫୁଲ ଅଟେ ।

ପଦ୍ମରାସିଂ - ପଦ୍ମରାସିଂ ନିଞ୍ଜାଁ ଜାତୀୟ ରାସିଂ ଇରେ ।

ପଡିଆ - ସ୍କୁଲ ପଡିଆରେ ପିଲାଏ ଖେଳନ୍ତି ।

ପୁଲିଆ - ଇସିକୁଲୁ ପୁଲିଆତେ ଉଆଲିକି କେଲେକିକି ।

ପଙ୍ଖା - ଲୋକେ ପଙ୍ଖାଚଳାଇ ଗରମରୁ ରକ୍ଷା ପାଆନ୍ତି ।

ପଂକା - ମୁଣୁଷକି ପଂକା ବୁଲାଏଆନ୍‌କିଜ (ତାତଏତା) ଗରମତା ରକ୍ଷା କୁଇରିକି ।

ପନ୍ଥା – ସଫଳତା ନିମନ୍ତେ ସାଧନା ଏକମାତ୍ର ପନ୍ଥା ଅଟେ ।

ଗଟାଂ – କାମଇଇତେ ସାଦନା ମୁଇଁଣ୍ଟ ମାତ୍ର ଗଟାଂ ଇରେ ।

ପରଦା – କବାଟରେ ପରଦା ଲଗାଯାଏ ।

କପଲା – ସେଡାଗ୍ତେ କପଲା ଲାଗାଏଇରେ ।

ପରିବା – ଶୀତଦିନେ ପରିବା ଦର କମ୍ ରହେ ।

ସାଙ୍କାଣା – ରାଂଆଁ ଦିନତେ ସାଙ୍କାଣା ଦର ଅଲପ ରଏରେ ।

ପରିବାର – ରବି ବାବୁ ପରିବାର ନେଇ କଟକରେ ରୁହନ୍ତି ।

ପରିବାର – ରବିବାବୁ ପରିବାର ସବାନ୍ଜ କଟକତେ ରଏରେ ।

ପରିଚ୍ଛଦ – ଖରାଦିନେ ପାତଳା ପରିଚ୍ଛଦ ଆବଶ୍ୟକ ।

କତେ – କାରାଦିନତେ ପାତଳ କତେ ଦରକାର ।

ପନିକି – ପନିକିରେ ପରିବା କାଟିବା ସହଜ ।

ପୁଲୁଙ୍କି – ପୁଲୁଙ୍କିତେ ସାଙ୍କାଣା ସସର୍ତେ ସଅଜ ।

ପରିଶ୍ରମ – ପରିଶ୍ରମ କେବେ ନିଷ୍ଫଳ ହୁଏ ନାହିଁ ।

ପାଇଟି – ପାଇଟି କେବେ ବେକାର ଇଇ ଯେନା ।

ପଦ୍ଧତି – ଉନ୍ନତ ପଦ୍ଧତି କୃଷକମାନେ ଜାଣନ୍ତୁ ।

ଉପାୟ – ଆଗାଏତେ ଉପାୟ ତାସିକି କଂଡେମେକି ।

ପଚପଚ – ବର୍ଷାଦିନେ ମାଟି ରାସ୍ତା ପଚପଚ ହୁଏ ।

ପଚପଚ – ଗିମା ଦିନତେ ଲଟପ୍ ଗଟାଂ ପଚପଚ ଇରେ ।

ପଛପଟେ – ଆମ ଘର ପଛପଟେ ବରକୋଳି ଗଛଟିଏ ଅଛି ।

ଉଚୁଲି – ନିଞ୍ଜାଁ ଇଞ୍ଜାଁ ଉଚୁଲିତା ବଲସୁମୁସିଞ୍ଜ୍ରେ ଆସିକେ

ପହଞ୍ଚିଲେ – ମାମୁ ଆମ ଘରେ ସକାଳେ ପହଞ୍ଚିଲେ ।

ଆଉଚିଆନ୍ – ମାମୁଁଞ୍ଜ୍ ନିଞ୍ଜାଁ ଇଞ୍ଜାଁବ ସେକାଳଆ ଆଉଚିଆନ୍ ।

ପତ୍ର – ଶୀତଦିନେ ଗଛରୁ ପତ୍ର ଝଡି ଯାଏ ।

ଅଲାଗ୍ – ରାଂଆଁ ଦିନରେ ସୁମୁସିଞ୍ଜ୍ତା ଅଲାଗ୍ ଜଲେକେ ।

ପଥୁରିଆ – ପଥୁରିଆ ମାଟିରେ ଗଛ ବଢେ ନାହିଁ ।

ଏଗେର୍ସାର / ଟାଙ୍ଗରା – ଟାଙ୍ଗରା /ଏଗେର୍ ସାର ଲଟପ୍ତେ ସୁମୁସିଞ୍ଜ୍ ଆବଡେକେ ଜେନା ।

| | | |
|---|---|---|
| ପଡିଲା | – | ଭାଡିରୁ ମାଠିଆଟିଏ ତଳେ ପଡିଲା । |
| ଅଳଗାନା | – | ଦଅଲତା କାଳାସାରେ ତୁଳିବ ଅଳଗାନା । |
| ପଛକୁ | – | ଗାଈ ଗୋରୁ ପଛକୁ ଚାଲି ଜାଣନ୍ତି ନାହିଁ । |
| ଉଚୁଲିବ | – | ଅଳେଜ୍‌କି ଉଚୁଲିବ ଡାଜିଂ ଆକଂକିକି ଜେନା । |
| ପଞ୍ଚମ | – | ପଞ୍ଚମ ଘରେ ମୋର ବନ୍ଧୁ ରହନ୍ତି । |
| ପାଞ୍ଚଗଟା | – | ପାଞ୍ଚଗଟା ଜାଗା ଇଞ୍ଚାଁରାତେ ଆଞ୍ଚାଁ ଜଲାଞ୍ଚ୍ ରଏରେ । |
| ପରଖି | – | ସାଇକେଲର ବ୍ରେକ୍ ପରଖି ଦେଖ । |
| ଜଏ | – | ସାଏକଲଆ ବେରେକେ ସସପ୍‌ଡ ଜଏ (ଞଏଁ) । |
| ପଡିବା | – | ଆମ୍ବ ପାଚିଲେ ତଳେ ପଡିବା ଆରମ୍ଭ ହୁଏ । |
| ଗୁଗୁର୍ | – | ଅଲେ ବିଲିମଲେ ତୁଳିବ ଗୁଗୁର୍ ଉନୁକୁଳ ଇରେ । |
| ଗକାଇବା | – | ମଇଳା ଏଣେ ତେଣେ ପକାଇବା ଅନୁଚିତ । |
| ଚିଅକ୍ | – | ଜବରା ଏଣେ ତେଣେ ଚିଅକ୍‌ଡେ ଡିଅ ଯେନା । |
| ପାଣ୍ଡିତ୍ୟ | – | ବଡ ଲୋକଙ୍କ ପାଣ୍ଡିତ୍ୟ ଆମକୁ ପଥ ଦେଖାଏ । |
| ଜ୍ଞାନ | – | କୁବା ଲୁକକା ଜ୍ଞାନ ନିଞ୍ଚ୍‌ତେ ଗଟାଂ ଆବ୍‌ଜଏକେ । |
| ପାହୁଣ୍ଡ | – | ଡେଙ୍ଗା ଲୋକ ଲମ୍ବା ଲମ୍ବା ପାହୁଣ୍ଡ ପକାଇ ଚାଲନ୍ତି । |
| ପାଉଲା | – | ଜାଲିଂ ଲୁକ ଲାଂକା ଲାଂକା ପାଉଲା ଅବ୍‌ଲଗଜ ଡାଜିଂକିକି । |
| ପାହାଡ | – | ଆମ ଗାଁ ପାହାଡ ଉହାଡରେ ସୂର୍ଯ୍ୟ ଉଏଁ । |
| ପାଆଳ | – | ନିଞ୍ଚାଁ ଗାଅଁ ପାଆଳ ଉଳି ଆଉତା ବେଳ ଆରିରେ । |
| ପାରା | – | ଘରର ଚାଳମାନଙ୍କରେ ପାରା ବାସ କରେ । |
| ପାରା | – | ଇଞ୍ଚାଁରା ଡିଲୁଂଡାକାତେ ପାରା ବାସା କିପ୍‌ଡେ । |
| ପାହାଡିଆ | – | ପାହାଡିଆ ଅଞ୍ଚଳ ଚାଷ ପାଇଁ ଅନୁପଯୋଗୀ । |
| ପାଆଡିଆ | – | ପାଆଡିଆ ଅଞ୍ଚଳ ଡାସଆ ଦିରେ ଡିଅ ଯେନା । |
| ପାଳିବା | – | ଆମେ ଜାତୀୟ ଦିବସ ଗୁଡିକ ପାଳିବା ଉଚିତ୍ । |
| ନେମାନେନା | – | ନିଞ୍ଚ୍ ଜାତୀୟ ଦିନରିକି ନେମାନେନା ଡିଅ । |
| ପାନୀୟ ଜଳ | – | ମଫସଲ ଅଞ୍ଚଳରେ ପାନୀୟ ଜଳ ଅଭାବ ରହିଛି । |
| ଉରୁର୍ ଡାଗ୍ | – | ଗାଁଗଅଳି ଜାଗାରା ଉରୁର୍ ଡାଗ୍ ଅବାବ ଆସିକେ । |
| ପାଣି | – | ପାଣି ଗରମ ହେଲେ ବାଷ୍ପ ହୁଏ । |
| ଡାଗ୍ | – | ଡାଗ୍ ତାତୟଲେ ବାମ୍ପ ଇରେ । |

| | | |
|---|---|---|
| ପାଚିଲା | – | ପାଚିଲା ଆମ୍ବ ତଳେ ପଡେ । |
| ବିଲିମ୍ | – | ବିଲିମ୍ ଅଲେ ତୁଳିତେ ଗୁର୍କେ । |
| ପାକସ୍ଥଳୀ | – | ଖାଦ୍ୟ ପାକସ୍ଥଳୀରେ ହଜମ ହୋଇଥାଏ । |
| କୁବାଇଡିବ୍ | – | ଆହାର କୁବାଇଡିବ୍‌ତେ ଅଜମ ଇରେ । |
| ପାଇଖାନା | – | ପ୍ରତ୍ୟେକ ଘରେ ପାଇଖାନା ରହିବା ଆବଶ୍ୟକ । |
| ପାଇକାନା | – | ପ୍ରତି ଇଞ୍ଜାଁତେ ପାଇକାନା ରମଏନା ଦରକାର । |
| ପାଖରେ | – | ଗାଁ ପାଖରେ ନଈଟିଏ ବହି ଯାଉଛି । |
| ଏକେଚା | – | ଗାଅାଁ ଏକେଚା ନୁଇରେ ବଏକେ । |
| ପାର୍ଥକ୍ୟ | – | ଆଜିକାଲି ପୁଅ ଝିଅ ମଧ୍ୟରେ ପାର୍ଥକ୍ୟ ନାହିଁ । |
| ପରକ | – | ବର୍ତ୍ତମାନ କନନ୍ କଞ୍ଚେଲାନ୍ ବିତରେ ପରକ ଯେନା । |
| ପାଞ୍ଚୁଥିଲେ | – | ଖଳଲୋକ ଆମ ଅନିଷ୍ଟ ପାଞ୍ଚୁଥିଲେ । |
| ପାଞ୍ଚେନମାନକି | – | କୁଲୁଆ ଲୁକକି ନିଞ୍ଜାଁ ବାଗିତେ ପାଞ୍ଚେନମାନ୍‌କି । |
| ପାଟି | – | ନିତି ଦାନ୍ତ ନ ଘଷିଲେ ପାଟି ଗନ୍ଧାଇବ । |
| ତମର୍ | – | ଦିନି ଦାନ୍ତ ଆଗସେଆନ୍‌କିଲେ ତମର୍ ଗନ୍ଦଏକେ । |
| ପଡୋଶୀ | – | ପଡୋଶୀଙ୍କ ସହିତ ଉତ୍ତମ ସଂପର୍କ ରକ୍ଷା କର । |
| ଆକ (ଏକେଚା) | – | ଆକ୍ ଲୁକ ତୁଲଂ ଡିଅ ସଂପର୍କ ଉନାପେ । |
| ପାଖାପାଖି | – | ଶ୍ରେଣୀରେ ରବି ସହିତ ଆମେ ପାଖାପାଖି ବସୁ । |
| ଏକେଚା ଏକେଚା /ପାକାପାକି | – | ଶେଣୀତେ ରବିଆ ତୁଲଂ ନିଞ୍ଜ୍ ପାକାପାକି (ଏକେଚା ଏକେଚା) ନେଡ଼କରେ । |
| ପାତି | – | ଭିକାରୀ ହାତପାତି ଭିକ୍ଷା ମାଗେ । |
| ତାତେଆନ୍‌ଜ | – | ବିକାରୀ ଇତି ତାତେଆନ୍‌ଜ ବିକ ଗାର୍‌ଡେ । |
| ପାଠାଗାର | – | ଆମ ଗାଁରେ ନେହୁରୁ ପାଠାଗାର ରହିଛି । |
| ପାଟାଗାର | – | ନିଞ୍ଜାଁ ଗାଅାଁଅାଁ ନେଉରୁ ପାଟାଗାର ଆସିକେ । |
| ପାଳି | – | ଆଜି ମୋର ଶ୍ରେଣୀ ସଜାଇବା ପାଳି ଅଛି । |
| ପାଳି | – | ମିସିଞ୍ଜ୍ ଆଞ୍ଜାଁ ଶେଣୀ ସଜାଏ ପାଳି ଆସିକେ । |
| ପାଳ | – | ଗାଈଗୋରୁ ପାଳ ଖାଆନ୍ତି । |
| ଜୁଙ୍ | – | ଅଳେଜ୍ ବଳଦ ଜୁଙ୍ ଜିମ୍‌କିକି । |
| ପାଳୁଛି | – | ଧରଣୀ ନିଜ କୋଳରେ ଧରି ଆମକୁ ପାଳୁଛି । |

| | | |
|---|---|---|
| ପାଲେକେ | - | ବାସୁକୀ / ପୁରୁତିବି ଆପଣା କୁଳରାତେ ସବଜ ନିଞ୍ଚ୍ତେ ପାଲେକେ (ଉଷିକେ) । |
| ପାଖେ | - | ମୁଁ ତୁମ ପାଖେପାଖେ ରହିଛି । |
| ଆସାଞ୍ଚ୍ | - | ଆଞ୍ଚ୍ ଆମା ଆମମା ଆସିକେ । |
| ପାଦତଳେ | - | ଆମେ ଈଶ୍ୱରଙ୍କ ପାଦ ତଳେ ପ୍ରଣାମ କରୁ । |
| ପାଦତୁଳିତେ | - | ନିଞ୍ଚ୍ ଇଶରଆ ପାଦ ତୁଳିତେ ଜୁଆର ନିକିପ୍ଡେ । |
| ପାଠଶାଳା | - | ଆଗକାଳରେ ପାଠଶାଳାରେ ପାଠ ପଢ଼ା ଯାଉଥିଲା । |
| ପାଟଶାଳ | - | ଆଗକାଳଆ ପାଟଶାଳତେ ପାଟପଡା ଇଇନମାନ୍ । |
| ଯନ୍ତ୍ର | - | ଯନ୍ତ୍ର ଦ୍ୱାରା ଜଟିଳ କାମ ସହଜରେ ହୋଇଥାଏ । |
| ମିସିନି | - | ମିସିନିବ କଷଟ କମ ସଅଜରେ ଇରେ । |
| ଯଶ | - | ବଡ ଲୋକଙ୍କ ଯଶ ପୃଥିବୀ ସାରା ବ୍ୟାପିଯାଏ । |
| ମାନ (ଯଶ) | - | କୁବା ଲୁକକା ମାନ ପୃତିବି ସାରା ଡଜ୍‌କେ (ମାଡେକେ) । |

| | | |
|---|---|---|
| ଯଥା | – | ରିମି ଯଥା ଅର୍ଥ କହି ପାରିଲା । |
| ଟିକ୍ | – | ରିମି ଟିକ ଅରତ ଗାତାଏ ରିମାନ୍ । |
| ଯତ୍ନ | – | ବାର୍ଦ୍ଧକ୍ୟ ବେଳେ ଯତ୍ନ ଆବଶ୍ୟକ ଅଟେ । |
| ଯତନ | – | ବୁଡା ବଲତେ ଯତନ ଦରକାର ଇରେ । |
| ଯାହାର | – | ଯାହାର ବୟସ ଅଠର ବର୍ଷ ସେ ଭୋଟ ଦେଇ ପାରିବ । |
| ଯାଆରିଆ | – | ଯାଆରିଆ ବୟସ ଅଟର ବର୍ଷ ଆର ବୁଟୁ ଡିଡିଂଜ୍ ରିମୀମା । |
| ଯାତ୍ରା | – | ଯାତ୍ରାରେ ଅନେକ ଲୋକ  ଆନନ୍ଦ କରନ୍ତି । |
| ଯେତେରା | – | ଯେତେରାତେ କିଚି ଲୁକକି କୁସି କିପ୍‌କିକି । |
| ଯାନବାହାନ | – | ଯାନବାହାନ ନିମନ୍ତେ ଭଲ ରାସ୍ତା ଆବଶ୍ୟକ । |
| ଗାଡି ମଟର | – | ଗାଡି ମଟର ଦିରେ ଡିଅ ରାସ୍‌ତା ଦରକାର । |
| ଯାଗା | – | ଉପଯୁକ୍ତ ଜାଗା ବାଛି ଫଳ ଚାଷ କରନ୍ତୁ । |
| ଜାଗା | – | ଡିଅ ଜାଗା ବାଚେନାପେଜ ଲାକୁ ତାସ କିମାପେ । |
| ଯାତ୍ରା | – | ରେଳଯାତ୍ରା ଆମୋଦଦାୟକ ଅଟେ । |
| ରେଲଅଙ୍ଗର୍ | – | ରେଲତେ ଅଙ୍ଗର୍‌ଡେ କୁସି ଲାଗେରେ । |
| ଯାଦୁକର | – | ଆମ ବିଦ୍ୟାଳୟକୁ ଜଣେ ଯାଦୁକର ଆସିଥିଲେ । |
| ମେଜିକିବାଲା | – | ନିଞ୍ଜାଁ ଇସିକୁଲୁବ ମିନକ୍ ମେଜିକ୍‌ବାଲା ଡେନ୍‌ଚେର । |
| ଯୁଦ୍ଧ | – | ପାକିସ୍ଥାନ ଆମ ସହିତ ଅନେକବାର ଯୁଦ୍ଧ କରିଛି । |
| ଲଡେଇ | – | ପାକିସ୍ଥାନ ନିଞ୍ଜାଁ ତୁଲଂ ସୁଗାଇତର ଲଡେଇ କିପ୍‌ସେକେ । |
| ଯୁଗ୍ମ | – | ଲତା ସହ ରମା ଖେଳରେ ଯୁଗ୍ମ ପୁରସ୍କାର ପାଇଲେ । |
| ଜୁଲୁ / ମେସେଆନ୍ | – | ଲତା ଆଉ ରମା କେଲତେ ମେସେଆନ୍‌କିଆଜ ମେଣ୍ଡାଲ କୁଇଆନ୍‌କିଆ । |
| ଯୁକ୍ତାକ୍ଷର | – | 'ଙ୍କ' ଏକ ଯୁକ୍ତାକ୍ଷର ଅଟେ । |
| ମିଷା ଅକ୍ଷର | – | 'ଙ୍କ' ମୁଇଁଣ୍ଟ ମିଷା ଅକ୍ଷର । |
| ଯୁକ୍ତ | – | ମୋ ବଡ ଭାଇ ଯୁକ୍ତ ଦୁଇ ବିଜ୍ଞାନ ପଢେ । |
| ମେଶାଏ | – | ଆଞ୍ଜାଁ କୁବା କାକାଞ୍ଜ୍ ମିଶାଣ ଦୁଇ ବିଜ୍ଞାନ ପଡେକେ । |
| ଯୁବକ | – | ଯୁବକମାନେ ଅସାଧ୍ୟ କାର୍ଯ୍ୟ କରିପାରନ୍ତି । |
| କଙ୍ଗେର୍ | – | କଙ୍ଗେର୍‌କି ଅସାଦ୍ୟ କମ କିକିପ୍ ରିମ୍‌ଡେକି । |

ଯେଉଁ - ଯେଉଁ ଦେଶ ଯେତେ ଶିକ୍ଷିତ ସେଇ ଦେଶ ସେତେ ଉନ୍ନତ ।

ଜଉ - ଜଉ ଦେଶ ଯେତେ ଶିକିତ ଏରେ ଦେଶ ସେତିକି ସେଂସେରେ ।

ଯୋଜନା - ପ୍ରତ୍ୟେକ କାର୍ଯ୍ୟ ଯୋଜନାନୁସାରେ ହେବା ଉଚିତ୍ ।

ଯୁଜନା - ସମୁଦାୟ କମ ଯୁଜନା ଅନୁସାରେ ମିଇନା ଡିଅ ।

ଯୋଡ - ଦୁଇଟି କାଠିକୁ ଯୋଡ ।

ଯୁଳି - ଅମ୍ୱାଟ କାଟିକିଲାକ୍‌ତେ ଯୁଳି ।

ଯୋଡା - କାଉ ଯୋଡା ରାବୁଛନ୍ତି ।

(ଅଳମିଞ୍ଜ୍) ଯୁଳମିଞ୍ଜ୍ - ଗୁଆଁଗ୍ ଯୁଳମିଞ୍ଜ୍ କେରାପ୍‌ଡିକିଆ ।

ଯୋଡି - ଦୁଇଟି ବଳଦ ଉତ୍ତମ ଯୋଡି ହୋଇଛନ୍ତି ।

ଯୁଳ - ଆମ୍ୱାଟ ବଳଦ ଡିଅ ଯୁଳ ଇସିରିକିଆ ।

ଜ୍ଞାନ - ପୁସ୍ତକ ପଠନ ଦ୍ୱାରା ଜ୍ଞାନ ବଢେ ।

ଜ୍ଞାନ - ବଇ ପଡାବ ଜ୍ଞାନ ବଡେରେ ।

## - ର -

ରଙ୍ଗ - ମୟୂର ଚିତ୍ରରେ ସଠିକ ରଙ୍ଗ ଲଗାଅ ।

ରଂଗ - ମାରାଗ୍ ଚାପାତେ ଟିକ୍ ରଂଗ ଲାଗାଏ ।

ରଙ୍ଗିନ୍ - ରଙ୍ଗିନ ପ୍ରଜାପତିଟିଏ ଫୁଲରେ ବସିଛି ।

ଟିପିଟିପିରିଆ - ଟିପିଟିପିରିଆ କୁଂକୁଲାଂଡେ ରାସିଂଆଁ ଡକସେରେ ।

ରଜା - ଆମ ଦେଶରେ ଆଜିକାଲି ଆଉ ରଜା ନାହାନ୍ତି ।

ରାଜା - ନିଞ୍ଜାଁ ଦେଶଆ ତମେନ୍ ଆଉ ରାଜା ଯଅତେ ।

ରଡି - ବାଘ ରଡି ଶୁଣିଲେ ଭୟ ଲାଗେ ।

ଗର୍ଜେରେ - କିଲଗ୍ ଗଜେର ଅଂଇଆନ୍‌ଲେ ବେତଂ ଲାଗେରେ ।

ରକ୍ତ - ରକ୍ତରେ ପ୍ରାଣ ଥାଏ ।

ଇଞ୍ଜାମ୍ - ଇଞ୍ଜାଁମ୍‌ତେ ଜୀବନ ରଏସେରେ ।

ରସୁଣ - ରସୁଣର ରଙ୍ଗ ଧଳା ଅଟେ ।

ଲାସୁଣ - ଲାସୁଣଆ ରଙ୍ଗ ଆଣ୍ଡାରା ଆସିକେ ।

ରକ୍ଷଣ ବେକ୍ଷଣ - ରକ୍ଷଣବେକ୍ଷଣ ଅଭାବରେ ସ୍ମୃତି ନଷ୍ଟ ହୁଏ ।

ଦେକାଶୁଣା - ଦେକାଶୁଣା ଆଇଆନ୍‌ଲେ ମାନ ନଷ୍ଟ ଇରେ ।

ରକ୍ଷା କରିବା - ପ୍ରଜାଙ୍କୁ ରକ୍ଷା କରିବା ସରକାରଙ୍କର କାର୍ଯ୍ୟ ।

ରକ୍ଷାକିମିପ୍ - ପରଜାକିତେ ରକ୍ଷା କିମିପ୍ ସରକାରଆ କମ ।

ରାବ - ଚଢେଇ ରାବ ଭାରି ମଧୁର ଶୁଭେ ।

କେରାପ୍ - କଣ୍ଡେର୍ କେରାବ୍ ସୁଗାଇ ମୁଦୁର ଅଂଡେ ।

ରାଜା - ରାଜାମାନେ ପରସ୍ପର ଯୁଦ୍ଧ କରୁଥିଲେ ।

ରାଜା - ରାଜାକି ନିଜେ ନିଜେ ବିତିରେ ଯୁଦ କିବିମମାନ୍‌କି ।

ରାସ୍ତା - ମଫସଲ ଅଞ୍ଚଳରେ ଭଲ ରାସ୍ତା ନଥାଏ ।

ଗଟାଂ - ଗାଆଁ ଜାଗାତେ ଡିଅ ଗଟାଂ ଆରାସିକେ ।

ରାତି - ଜହ୍ନରାତିରେ ତାରାମାନେ ଲୁଚି ଯାଆନ୍ତି ।

ଏନ୍ଦାର - ଲେରାଂଏନ୍ଦାରତେ କୁମୁଞ୍ଜ୍‌ଡାକ୍‌କି ଲର୍‌ଡିକି ।

ରାନ୍ଧି - ମାଆ ଆମ ପାଇଁ ଭାତ ରାନ୍ଧି କାମକୁ ଯାଏ ।

ଗଲାଅଜ - ବୁଇଞ୍ଜ୍ ନିଞ୍ଜାଁ ଦିରେ ତଣ ଗଲାଏଅଜ କମବ ଅଣ୍ଡେ ।

ରାଶି - ରାଶି ଖଜା ଭାରି ମିଠା ଲାଗେ ।

ରାମିତିଳା /କାସା - ରାମିତିଳା ଗୁଣ୍ଡୁକୁର୍ ବାରି ମିଟା ଲାଗେରେ ।

ରାଜି - ସେ ମୋ ସହିତ ଯିବାକୁ ରାଜି ହେଲେ ।

ରାଜି - ଆର ଆଞ୍ଜାଁ ତୁଲଂ ଅଙ୍ଗର୍‌ତେ ମଂଗେଅ ।

ରାଜତ୍ୱ - ନିର୍ବାଚିତ ସରକାର ପାଞ୍ଚବର୍ଷ ରାଜତ୍ୱ କରନ୍ତି ।

ରାଜୁତି - ବାମାଚେତା ସରକାର ପାଞ୍ଚ ବର୍ଷ ରାଜୁତି କିପ୍‌କେ ।

ରାଜସ୍ୱ - ସରକାର ପ୍ରଜାଙ୍କଠାରୁ ରାଜସ୍ୱ ଆଦାୟ କରନ୍ତି ।

କଜଣା (କର) - ସରକାର ପରଜାକାତା କର (କଜଣା) ଆଦାୟ କିପ୍‌କେ ।

ରାଷ୍ଟ୍ର ଭାଷା - ହିନ୍ଦି ଆମର ରାଷ୍ଟ୍ର ଭାଷା ଅଟେ ।

ଦେଶ ଗାତା - ହିନ୍ଦୀ ନିଞ୍ଜାଁ ଦେଶ ଗାତା ଇରେ ।

| | | |
|---|---|---|
| ରାଜ ଉଆସ | - | ରାଜ ଉଆସଗୁଡିକ ଜାତୀୟ ସମ୍ପତ୍ତି ହୋଇଛି । |
| ରାଜା ଉଁଆସ | - | ରାଜା ଉଁଆସରିକି ଦେଶବାସିକା ଦନ ଇସେରେ । |
| ରିକ୍ସା | - | ରିକ୍ସାରା ତିନୋଟି ଚକ ଥାଏ । |
| ରେକେସା | - | ରେକେସାତେ ଏଗଟା ଚକ ଆସିକେ । |
| ରୁଦ୍ଧ | - | ବୁଢା ଲୋକଟି ଶ୍ୱାସରୁଦ୍ଧ ହୋଇ ମରିଗଲା । |
| ବନ୍ଦ | - | ବୁଡା ଲୁକରା ନିସାସ ବନ୍ଦ ଇଆନ୍ଜ ଗଜ । |
| ରୁଚି | - | ପିଠା ଖାଇବାରେ ମୋର ରୁଚି ଅଛି । |
| ମନ | - | ଆସଂ ଜିଁଞିମ୍ତେ ଆଞାଁ ମନ ଆସିକେ । |
| ଋତୁ | - | ବର୍ଷକୁ ଛଅଟି ଋତୁ ଅଛି । |
| ଋତୁ | - | ବରଷମିଞାଁ ଚଅ ଗଟା ରୁତୁ ଆସିକେ । |
| ରୂପ | - | ମାଆର ରୂପରେ କନ୍ୟା ଜାତ ହୋଇଛି । |
| ରୂପ | - | ବୁଇରା ରୂପରବ କଞ୍ଚେଲାନ୍ଡ ଜନମ ଇସେରେ । |
| ରେଖା | - | ଏକାଧିକ ବିନ୍ଦୁ ମିଶି ରେଖା ହୁଏ । |
| ଗାର | - | ମୁଇଞ୍ଜ୍ତା ଉଦିକ ଟୁପା ମେଶେଆନ୍ଜ ଗାର ଇରେ । |
| ରୋଗ | - | ମାଛି ହଇଜା ରୋଗର ବାହକ ଅଟେ । |
| ରୋଗ | - | ଗୁଣିର୍ ଅଇଜା ରୋଗରା ବାଅକ ଇରେ । |
| ରୋପଣ | - | ଜେଜେବାପା ଆମ ପାଇଁ ଗଛଟିଏ ରୋପଣ କରିଥିଲେ । |
| ଅରାଜ୍ | - | ଆଜାଞ୍ଜ୍ ନିଞାଁ ଦିରେ ସୁମୁସିଂ ମୁଇଁଣ୍ଟ ଅରାଜ୍ଚେର । |
| ରୋଷେଇ | - | ପ୍ରତି ବିଦ୍ୟାଳୟରେ ରୋଷେଇଘର ରହିଛି । |
| ରୁଷେଇ | - | ସୁବୁ ଇସିକୁଲୁତେ ରୁଷେଇଇଞାଁ ଆସିକେ । |
| ରୋଗୀ | - | ଏଡ୍ସ୍ ରୋଗୀ ନିୟମିତ ଔଷଧ ଖାଇବା ଉଚିତ୍ । |
| ଆଜାରା(ବେମ୍ଯାରିଆ) | - | ଏଡସ୍ ବେମ୍ଯାରିଆ ସଦାବେଳେ ଅସ ଜିମିମେ ଡିଅ । |
| ରୋଗିଣା | - | ଲୋକଟି ରୋଗିଣା ଦେଖାଯାଉଛି । |
| ରୋଗିଣା | - | ଲୁକରେ ରୁଗା ଜଏରେ । |
| ରୌଦ୍ର | - | ରୌଦ୍ର ତାପରେ କୂଅ ପୋଖରୀ ପାଣି ଶୁଖିଯାଏ । |
| କାରା | - | କାରା ତାତବ କୁଅ କୁପୁରୀ ଡାଗ୍ କସର୍କେ । |

## - ଲ -

| | | |
|---|---|---|
| ଲତା | - | କଖାରୁ ଲତା ରଞ୍ଜାରେ ମାଡି ଯାଇଛି । |
| ଲଅ | - | ବାଳଏ ଲଅ ରାଞ୍ଜାରା ମାଡେସେକେ । |
| ଲଟା | - | ଘର ଚାରି ପାଖରେ ଲଟାବୁଦା ସଫା କର । |
| ଲୁଟି | - | ଇଞ୍ଜାଁ ଚାରି ଆକତା ଲୁଟିବୁଦା ସାପା କିବେପେ । |
| ଲକ୍ଷ୍ୟ | - | ଶିକ୍ଷକ ହେବା ପାଇଁ ମୋର ଲକ୍ଷ୍ୟ ରହିଛି । |
| ଲକ୍ୟ | - | ମାସଟର ଇଇତେ ଆଞ୍ଜାଁ ଲକ୍ୟ ରଏସେରେ । |
| ଲମ୍ବା | - | ଭୋଟ ଦେବାକୁ ଲୋକେ ଲମ୍ବା ଧାଡିରେ ଠିଆ ହୋଇଛନ୍ତି । |
| ଜିଲର୍ | - | ବୁଉଟୁ ଡିଡିଞ୍ଚ୍ତେ ଲୁକକି ଜିଲର୍ ଦାଳିବ ତଙ୍ଅନ୍ସିରିକି । |
| ଲମ୍ଫ | - | ମାଙ୍କଡଟି ଲମ୍ଫଦେଇ ଦୌଡିଗଲା । |
| ଡେଗେ | - | ସାକଏରେ ଡେଗେଅଜ ଦବଡେଅ । |
| ଲଙ୍କା | - | ନାଲିଲଙ୍କା ଅଧିକ ରାଗ ହୁଏ । |
| ଡୁଙ୍କାରୀ | - | ସୁନ୍ଦୁରୁ ଡୁଙ୍କାରୀ ସୁଗାଇ ରାଗ ଇରେ । |
| ଲକ୍ଷଣ | - | ବେଳେବେଳେ ଆକାଶରେ ଅଦ୍ଭୁତ ଲକ୍ଷଣ ଦେଖାଯାଏ । |
| ରୂପ | - | ତରତରମିଞ୍ଚ୍ ସରଗତେ ଅପରୁବ ରୂପ ଜଏରେ । |
| ଲଢେଇ | - | ବିନା ଅସ୍ତ୍ରରେ ନିର୍ବାଚନ ଲଢ଼େଇ ହୁଏ । |
| ଲଡେଇ | - | ବିନା ଅତିଆରବ ନିର୍ବାଚନ ଲଡ଼ାଇ ଇରେ । |
| ଲାଞ୍ଜ | - | ଗାଇ ତା'ର ଲାଞ୍ଜରେ ମାଛି ହୁଡାଏ । |
| ଆଟାର୍ | - | ଅଳେଜ୍ ଆରା ଆଟାର୍ଡବ ଗୁଣିର୍ ଡିନ୍ଡେ । |
| ଲାଳ | - | କୁକୁର ଲାଳ ବିଷାକ୍ତ ଅଟେ । |
| ଆଲାରାଏତମ୍ | - | ସେଲଗ୍ ଆଲାରାଏତମ୍ ବିଷ ଇରେ । |
| ଲାଲ | - | ଲାଲ ଗୋଲାପ ଦେଖିବାକୁ ଖୁବ୍ ସୁନ୍ଦର । |
| ସୁନ୍ଦୁରୁ | - | ସୁନ୍ଦୁରୁ ଗୁଲାପ ଜ୍ଞଁଞ୍ଜଏତେ କୁବ୍ ସୁନ୍ଦର । |
| ଲାଗିବ | - | ଘର ତିଆରି ପାଇଁ ୨୦ ହଜାର ଟଙ୍କା ଲାଗିବ । |
| ଲାମାଗେନା | - | ଇଞ୍ଜାଁ ବନାଏ ଦିରେ ୨୦ ଅଜାର ଟାଙ୍କା ଲାମାଗେନା । |

ଲାଜ - ନୂଆ ଲୋକଙ୍କୁ ମୁହଁ ଦେଖାଇବା ମୋତେ ଲାଜ ଲାଗେ ।

ଗିଆନ୍ - ନୂଆଁ ଲୁକକିତେ ମୁଅଁ ଆବ୍‌ଜଏତେ ଆଞ୍ଜତେ ଗିଆନ୍ ଲାଗେରେ ।

ଲାଭ - କମ୍ ଦାମ୍‌ରେ କିଣି ଅଧିକ ଦାମରେ ବିକିଲେ ଲାଭ ହୁଏ ।

ଲାବ - ଅଳପ ଦାମ୍‌ବ ସଂସଂ ଉଦିକ ଦାମ୍‌ବ ଆବ୍‌ସଂ ଇଆନ୍‌ଲେ ଲାବ ଇରେ ।

ଲିଭାଇ - କଳାପଟାର ଲେଖାକୁ ଶିକ୍ଷକ ଲିଭାଇ ଦେଲେ ।

ଲିବାଏ - କାଳିଆପାଟାରା ଲେକାତେ ମାସଟର ଲିବାଅ ।

ଲିଚୁ - ଲିଚୁ ଏକ ମିଠା ଫଳ ଅଟେ ।

ଲିଚୁ - ଲିଚୁ ମୁଇଁଣ୍ଟ ସୁଆଦ ଲାକୁ ଇରେ ।

ଲୁଗା - ଭିକାରୀଟି ଚିରାଲୁଗା ପିନ୍ଧିଛି ।

କତେ - ବିକାରୀରେ ରାମାଜ୍‌କତେ ଆଣ୍ଡିଜ୍‌ଚେରେ ।

ଲୁହ - ଆଖିରୁ ଲୁହ ଝରେ ।

ଅମଡାଗ - ଅମରତା ଅମଡାଗ୍ ଜରେକେ ।

ଲୁଚି - ଚୋରଟି ଲୁଚି ପଳାଇଲା ।

ଲରାନ୍‌ଜ - ଚୁରରେ ଲାରାନ୍‌ଜ ଡୁଂଅଁ (ଡଜ) ।

ଲୁଣ - ସମୁଦ୍ର ପାଣିରୁ ଲୁଣ ମରାଯାଏ ।

ବିଲ୍ୟୁଙ୍ - ସମନ୍ଦର ଡାଗ୍‌ତା ବିଲ୍ୟୁଙ୍ ମାରେ ଇରେ ।

ଲେବର୍ କ୍ରସିଂ - ରେଳରାସ୍ତା ପାର ହେବାକୁ ଲେବଲ କ୍ରସିଂ ଥାଏ ।

ଲେବୁଲ କ୍ରସିଂ - ରେଳଗଟାଂ ପାର ଇଇତେ ଲେବୁଲ କ୍ରସିଂ ଆସିକେ ।

ଲେଖ - ପ୍ରତିଦିନ ହସ୍ତାକ୍ଷର ଲେଖ ।

ଲେକେ - ଦିନି ଇତିଅକ୍ଷର ଲେକେ ।

ଲେଖାଲେଖି - ସମୟ ମିଳିଲେ ମୁଁ ଲେଖା ଲେଖି କରେ ।

ଲେକାଲେକି - ବେଳ ଇଆନ୍‌ଲେ ଆଞ୍ଜ୍ ଲେକାଲେକି କିପ୍‌କେ ।

ଲୋକ ସଂଖ୍ୟା - ପ୍ରତିଦିନ ଲୋକସଂଖ୍ୟା ବଢୁଛି ।

ଲୁକ ସଂକ୍ୟା - ସଦାଦିନ ଲୋକ ସଂକ୍ୟା ବଡେରେ ।

ଲୋଟି - ପିଲାଟି ତଳେ ଲୋଟି କାନ୍ଦୁଛି ।

ଗଡେଅଜ - ଉଆଳିରେ ତୁଳିତେ ଗଡେଆନ୍‌ଜ ଝେଁକେ (ଜେକେ) ।

ଲୋଭୀ - ଲୋଭୀର ଧନ ଅନ୍ୟମାନେ ଖାଆନ୍ତି ।

ଲୋବି - ଲୁବିକା ଦନ ଅନ୍ୟକି ଜିମ୍‌କିକି ।

**- ୱ -**

ୱିକେଟ୍ - କ୍ରିକେଟ୍ ଖେଳରେ ଏଗାରଟି ୱିକେଟ୍ ଥାଏ ।

ୱିକେଟ୍ - କ୍ରିକେଟ୍ କେଲତେ ଏଗାରଗଟା ୱିକେଟ୍ ଆସିକେ ।

**- ସ -**

ସର - କ୍ଷୀରରେ ସର ବସିଛି ।

ସର - କିରଆ ସର ବସେସେରେ ।

ସତ୍ୟ - ସତ୍ୟ ଚିର ସତେଜ ଅଟେ ।

ସତ - ସତ ଦିନିରି ସଜର ଇରେ ।

ସର୍ପ - ଦୁଷ୍ଟ ଲୋକ ସର୍ପ ସମାନ ଅଟନ୍ତି ।

ବାବୁଂ - ଦୁଷ୍ଟ ଲୁକ ବାବୁଂ ତୁଲଂ (ସମାନ) ଏକାରା ଇରେ ।

ସଦା - ପିତାମାତା ସଦାସର୍ବଦା ଆମର ଯତ୍ନ ନିଅନ୍ତି ।

ସଦାବେଳେ - ଅବାବୁଇ ସଦାବେଳେ ନିଞ୍ଜାଁ ଯତନ ଗଗ୍‌ଡିକି ।

ସଭା - ସଭାରେ ଭାଷଣ ଦେବା ପାଇଁ ମୋତେ ବଛା ଯାଇଛି ।

ସବା - ସବାତେ ବାଷଣ ଡିଡିଞ୍ଜ୍‌ତେ ଆଞ୍ଜ୍‌ତେ ବାଚେ ଇସେରେ ।

ସତେ - ଆଜି ବାପା ଆସିବେ, ସତେ ନା କ'ଣ !

ସତେ - ମିସିଞ୍ଜ୍ ଅବାଞ୍ଜ୍ ଡେମେନା ସତେ ନା ବିରି !

ସାଥି - ଆଜିକାଲି ପ୍ରତି ଗାଁରେ ଗାଁସାଥୀ ରହିଛନ୍ତି ।

ଗାଁ ସାଙ୍ଗ - ତମେନ୍‌ଡା ସୁବୁ ଗାଆଁରା ଗାଆଁସାଂଗ ଆସିକିକି ।

ସତ୍ - ସତ୍‌ମାର୍ଗରେ ଯିବାକୁ ପିତାମାତା ପରାମର୍ଶ ଦିଅନ୍ତି ।

ସତ - ସତ ଗଟାଂତେ ଅନନ୍‌ତେ ଅବାବୁଇ ଉପଦେଶ ଡିଞ୍ଜ୍‌କିକି ।

ସରା - ସରାରେ ମାଣ୍ଡିଆ ଜାଉ ରାନ୍ଧିବା ।

ସରା - ସରାତେ କୁଦୁ କିରି ନେଗଲାଏ ।

| | | |
|---|---|---|
| ସାରୁ | - | ସାରୁପତ୍ରରେ ପାଣି ଢଳଢଳ ହୁଏ । |
| ସାରୁ | - | ସାରୁ ଅଲାଗ୍‌ତେ ଡାଗ୍ ଡଳଡଳ ଇରେ । |
| ସାଧୁ | - | ମୁଁ ସାଧୁ ଉପାୟରେ ପରୀକ୍ଷା ଦେବି । |
| ସାଦୁ | - | ଆଞ୍ଜ୍ ସାଦୁ ବୁଦିବ ପରିକ୍ୟା ଡିଞେଁ । |
| ସିଧା | - | ଆମ ଗାଁରୁ ଆମ ସାଙ୍ଗଘର ଗାଁକୁ ସିଧା ରାସ୍ତା ରହିଛି । |
| ସିଦା | - | ନିଞ୍ଜାଁ ଗାଅଁତା ଆଞ୍ଜାଁ ଜଲାଞ୍ଜାଁ ଗାଅଁବ ସିଦା ଗଟାଂ ଆସିକେ । |
| ସାଙ୍ଗ | - | ରବି ମୋର ପିଲା ବେଳର ସାଙ୍ଗ ଅଟେ । |
| ଜଲା | - | ରବି ଆଞ୍ଜାଁ ଏଣ୍ଡେଜ୍ ବେଳଆ ଜଲାଞ୍ଜ୍ । |
| ସାଧା | - | ବେଳେବେଳେ ପୋଲିସ୍ ସାଧା ପୋଷାକ ପିନ୍ଧି ବୁଲନ୍ତି । |
| ସାଦା | - | ତରତରମିଞ୍ଜ୍ ପୁଲିସ୍‌କି ସାଦା ଡଂଗି କୁରାନ୍‌କିଜ ବୁଲିକିକି । |
| ସହ | - | ମାଧୁରୀ ସହ ରୀତା ନଦୀକୁ ଯାଇଛି । |
| ତୁଲଂ | - | ମାଧୁରୀ ତୁଲଂ ରିତା ନୁଦୀବ ଅନ୍‌ଚେରେ । |
| ସବୁ | - | ପରୀକ୍ଷାରେ ମୁଁ ସବୁ ପ୍ରଶ୍ନର ଉତ୍ତର ଲେଖିଛି । |
| ସମନ୍ଦାଏ | - | ପରିକ୍ୟାତେ ଆଞ୍ଜ୍ ସମନ୍ଦାଏ ପ୍ରଶ୍ନଆ ଉତ୍ତର ଲେକେସେକେ । |
| ସରି | - | ମଧୁବାବୁଙ୍କ ସଙ୍ଗେ କିଏ ସରି ହେବ ? |
| ଏକା | - | ମଧୁବାବୁଆ ତୁଲଂ ଆଡି ସରି (ଏକା) ମିନା ? |
| ସାର | - | ଜୈବିକ ସାର ଭୂମିକୁ ଉର୍ବର ରଖେ । |
| ସାର | - | ଜବରାକତ ସାର ଲକାତେ ରସାଳ ଉନ୍‌କେ । |
| ସକାଳ | - | ସକାଳ ହେଲେ ଲୋକେ କାମକୁ ବାହାରନ୍ତି । |
| ସେକାଳ | - | ସେକାଳ ଇଆନ୍‌ଲେ ଲୁକକି କମବ ଆରିରିକି । |
| ସଜନା | - | ସଜନାପତ୍ର ଦେହ ପାଇଁ ହିତକର । |
| ସୁଜୁନା | - | ସୁଜୁନା ଅଲାଗ୍ ଇଣିଆଁ ଦିରେ ଡିଅ । |
| ସଜାଡି | - | ତୁମର ଖାତାପତ୍ର ସଜାଡି ରଖ । |
| ସାଜାଲେ | - | ଆମା କାତା ଅଲାଗ୍ ସାଜାଲେନାଜ ଉନେ । |
| ସରାଗ | - | ମାଉସୀ ସରାଗରେ ମୋତେ କୋଳେଇ ଧରିଲେ । |
| ଆଦର | - | ସାନବୁଇଞ୍ଜ୍ ଆଦରବ ଆଞ୍ଜ୍‌ତେ ଟେକେଅଜ ଅଗ । |

| | | |
|---|---|---|
| ସାହାଯ୍ୟ | – | ବନ୍ୟାବିପନ୍ନଙ୍କୁ ସାହାଯ୍ୟ ଆବଶ୍ୟକ । |
| ସାଆଜ | – | ନୁଦୀ ତୁଆଏସେକେ ଲୁକକିତେ ସାଆଜ ଦରକାର । |
| ସଡ଼କ | – | ପ୍ରତି ପଞ୍ଚାୟତକୁ ପ୍ରଧାନମନ୍ତ୍ରୀ ସଡ଼କ ଯାଇଛି । |
| ସଡ଼କ | – | ଟାଙ୍କୁଲିଞ୍ଜ୍ ପଞ୍ଚାୟତବ ପ୍ରଧାନମନ୍ତ୍ରୀ ସଡକ ଅନ୍‌ଚେରେ । |
| ସମ୍ପଦ | – | ଆମ ରାଜ୍ୟ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଅଟେ । |
| ଦନ | – | ନିଞ୍ଜାଁ ରାଜ୍ୟ କୁଣି ଦନବ ଅରେସେରେ । |
| ସମ୍ଭବ | – | ପରିବେଶ ସୁରକ୍ଷା କରିବା ସମ୍ଭବ ଅଟେ । |
| ସମ୍‌ବବ | – | ପୁରିବେଶ ସୁରକ୍ଷା କିକିପ୍‌ତେ ସମ୍ବବ ମିନା । |
| ସନ୍ତୁଷ୍ଟ | – | ବାର୍ଷିକ ଫଳାଫଳରେ ମୁଁ ସନ୍ତୁଷ୍ଟ ଅଟେ । |
| ଶାନ୍ତି | – | ବାର୍ଷିକ ପଳାପଳତେ ଆଞ୍ଜ୍ ଶାନ୍ତି ଆସିକେ । |
| ସର୍ବତ | – | ଖରା ସମୟରେ ସର୍ବତ ପିଇବାକୁ ଭଲଲାଗେ । |
| ସରବତ | – | କାରା ବେଳତେ ସରବତ ଉରୁତ୍‌ତେ ଡିଅ ଲାଗେରେ । |
| ସର୍ବଦା | – | ସର୍ବଦା ପ୍ରଫୁଲ୍ଲ ମନରେ ରହିବା ଆବଶ୍ୟକ । |
| ସଦାଏ | – | ସଦାଏ କୁସି ମନବ ନେରଏନା ଦରକାର । |
| ସବୁଜ | – | ବର୍ଷାଋତୁରେ ପରିବେଶ ସବୁଜ ଦେଖାଯାଏ । |
| ସବୁଜ | – | ଗିମା ଋତୁତେ ଅଞ୍ଚଳରିକି ସବୁଜ ଜଏରେ । |
| ସତେଜ | – | ସକାଳେ ମନ ସତେଜ ଥାଏ । |
| ସତେଜ | – | ସେକାଳତେ ମନ ସତେଜ (ପୂର୍ତ୍ତି) ଆସିକେ । |
| ସଫା | – | ପାଇଖାନା ଯିବା ପରେ ସାବୁନରେ ହାତ ସଫା କର । |
| ସାପା | – | ପାଇକାନା ଏଅନା ପରେ ସାବୁନବ ଇତି ସାପା ଇକିମା । |
| ସଭିଙ୍କ | – | ମହାତ୍ମା ଗାନ୍ଧୀ ସଭିଙ୍କ ପ୍ରିୟ ନେତା ଥିଲେ । |
| ଟାଙ୍କୁଲିଞ୍ଜ୍ | – | ମହାତ୍ମା ଗାନ୍ଧୀ ଟାଙ୍କୁଲିଞ୍ଜ୍‌ଆଁ ଡିଅ ନେତା ଆସିଆନ୍ । |
| ସର୍ଦ୍ଦାର | – | ସର୍ଦ୍ଦାରର ଆଦେଶ ମାନି ସୈନ୍ୟମାନେ କାମ କରନ୍ତି । |
| ସରଦାରଆ | – | ସରଦାରଆ ଆଦେଶ ମାନେଅକିଜ ସୈନ୍ୟକି କମରିକି । |
| ସପୁରୀ | – | ସପୁରୀ ଏକ ମିଠା ଫଳ ଅଟେ । |
| ସପୁରୀ | – | ସପୁରୀ ମୁଇଁଣ୍ଟି ସୁଆଦ ଲାକୁ ଇରେ । |

| | | |
|---|---|---|
| ସପ୍ତାହ | – | ସାତ ଦିନରେ ଏକ ସପ୍ତାହ । |
| ଅପତା | – | ସାତ ଦିନତେ ମୁଇଣ୍ଟ ଅପତା । |
| ସହିଷ୍ଣୁ | – | ଭଲ ଲୋକ ସହିଷ୍ଣୁ ହୁଅନ୍ତି । |
| ସହିବା ବାଲା | – | ଡିଅ ଲୁକ ସଇବାବାଲା ଇରିକି । |
| ସରଗ | – | ସରଗ ଏକ ଆନନ୍ଦମୟ ସ୍ଥାନ ବୋଲି ବିଶ୍ୱାସ କରାଯାଏ । |
| ସରଗ | – | ସରଗ ମୁଇଣ୍ଟ କୁସିମୟ ଜାଗା ବୁଲି ବିଶାସ କିକିପ୍ ଇରେ । |
| ସମାନ | – | ଆଜିକାଲି ପୁଅ ଓ ଝିଅକୁ ସମାନ ଅଧିକାର ମିଳିଛି । |
| ଏକା | – | ତମେନ୍ କନନ୍ ଆଉ କଞ୍ଜେଲାନ୍‌କିତେ ଏକା ଉଦିକାର ମେଳେସେକେ । |
| ସଭିଏଁ | – | ଆମେ ସଭିଏଁ ଭାରତବାସୀ ଅଟୁ । |
| ଟାଙ୍କୁଣିଞ୍ଜ୍ | – | ନିଞ୍ଜ୍ ଟାଙ୍କୁଣିଞ୍ଜ୍ ଭାରତବାସୀକି । |
| ସପ୍ତମ | – | ସପ୍ତମ ଦିନରେ ହାଟ ହୁଏ । |
| ସପ୍ତମ /ସାତ | – | ସାତ ଦିନତେ ଆଟ ଇରେ । |
| ସହିତ | – | ରବି ସହିତ ମୁଁ ସର୍କସ ଦେଖିଗଲି । |
| ସଇତ /ତୁଲଂ | – | ରବିଆ ତୁଲଂ ଆଞ୍ଜ୍ ସରକସ ଜଜଏ ଅନ । |
| ସମସ୍ତେ | – | ସମସ୍ତେ ଶାନ୍ତିରେ ରହିବାକୁ ଚାହାନ୍ତି । |
| ସମସ୍ତେ | – | ସମସ୍ତେ ଶାନ୍ତିରେ ରଏତେ ଚାଏଁକିକି । |
| ସଜାଇ | – | ମୁଁ ମୋ ପଢା ଘରକୁ ସଜାଇ ରଖିଛି । |
| ସଜାଅଜ | – | ଆଞ୍ଜ୍ ଆଞ୍ଜାଁ ପଡା ଇଞ୍ଜ୍‌ଆତେ ସଜାଅଜ ଉନ୍‌ଚେରେ । |
| ସଜବାଜ | – | ତୂରୀ ବାଜିଲେ ସୈନ୍ୟମାନେ ଯୁଦ୍ଧ ପାଇଁ ସଜବାଜ ହେଉଥିଲେ । |
| ସଜବାଜ | – | ତୁରୀ ବାଜେଅଲେ ସୈନ୍ୟକି ଯୁଦ୍ଧତେ ସଜବାଜ ଇଇନମାନ୍‌କି । |
| ସ୍ୱପ୍ନ | – | ସ୍ୱପ୍ନରେ ମୁଁ ଆକାଶରେ ଉଡୁଥିଲି । |
| ସପନ | – | ସପନବ ଆଞ୍ଜ୍ ସରଗତେ ଉଡିନମାନ୍ । |
| ସରାଗରେ | – | ମାମୁ ମୋତେ ସରାଗରେ କୋଳରେ ବସାଇଲେ । |
| କୁସିରେ | – | ମାମୁଁଞ୍ଜ୍ ଆଞ୍ଜ୍‌ତେ କୁସିରେ କୁଳତେ ଉକ୍‌କଏଅ । |
| ସଞ୍ଚୟ | – | ଆସନ୍ତାକାଲି ପାଇଁ ଆଜି ସଞ୍ଚୟ କରିବା ଶିଖ । |
| ଟୁଳାଏ | – | ତେରା ଦିରେ ମିସିଞ୍ଜ୍‌ଡ ଟୁଳାଏ ଉନୁନ୍‌ତେ ସଜେ । |

| | | |
|---|---|---|
| ସଳଖି | – | ବାଡିଟି ଆପେ ସଳଖି ଗଲା । |
| ସଲକ | – | ବାଡିରେ ଆପେ ସଲକଆନ୍ । |
| ସହିବା | – | ସହିବା ଗୁଣ ଯାହାର ଥାଏ ସେ ଧନ୍ୟ । |
| ସସଏ | – | ସସଏ ଗୁଣ ଯାଆରିଆ ଆସିକେ ଆର ଦନ୍ୟ । |
| ସୈନ୍ୟ | – | ସୈନ୍ୟମାନେ ପ୍ରାଣ ଦେଇ ଦେଶ ରକ୍ଷା କରନ୍ତି । |
| ସୈନ୍ୟ | – | ସୈନ୍ୟକି ଜୀବନ ଡିଞ୍ଚିକିଜ ଦେଶ ରକ୍ଷା କିପ୍‌କିକି । |
| ସମ୍ବର | – | ଆଜିକାଲି ସମ୍ବର ପ୍ରଜାତି ବଣରୁ ଲୋପ ପାଇଲାଣି । |
| ସିଲିବ୍ | – | ତମେନ୍ ସିଲିବ୍ ଜାତିଆ ଜୀବ ବଣତା ଲରାନ୍‌କିତେ । |
| ସଦସ୍ୟ | – | ରମା ଆମ ପରିବାରର ଜଣେ ସଦସ୍ୟ ଅଟନ୍ତି । |
| କୁଟୁମ୍ବ | – | ରମା ନିଞ୍ଚାଁ ପରିବାରଆ ମିନକ୍ କୁଟୁମାଳି ଇରେ । |
| ସର୍କସ | – | ସର୍କସରେ ବିଭିନ୍ନ ଖେଳ ଦେଖିବାକୁ ମିଳେ । |
| ସର୍କସ | – | ସର୍କସତେ ବନବନମିଞ୍ଜ୍ କେଲ ଛଞ୍ଚଏଁତେ ମେଳେରେ । |
| ସଜାଡିବା | – | ବଜାରକୁ ଯିବା ପାଇଁ ମୁଁ ସାଇକେଲ ସଜାଡିବା ଆରମ୍ଭ କରିଛି । |
| ସାଜାଲେ | – | ବଜାରବ ଅଙ୍ଗରା ଦିରେ ଆଞ୍ଜ୍ ସାଇକଲ ସାଜାଲେ ଆରମ୍ଭ କିବ । |
| ସଞ୍ଜ | – | ସଞ୍ଜ ହେଲେ ବେଳ ବୁଡିଯାଏ । |
| ବୁଲୁ | – | ବୁଲୁ ଇଆନ୍‌ଲେ ବେଳ ବୁଡିରେ । |
| ସମଗ୍ର | – | ସମଗ୍ର ଜିଲ୍ଲାରେ ଶୀତର ପ୍ରକୋପ ବଢିଛି । |
| ସମନ୍ଦାଏ | – | ସମନ୍ଦାଏ ଜିଲ୍ଲାରା ରାଂଆଁରା ପ୍ରବାବ ବଡେସେରେ । |
| ସମାଧାନ | – | ସରପଞ୍ଚ ଗାଁ ବିବାଦ ସମାଧନ କରନ୍ତି । |
| ମିମାଂସା | – | ସରପଞ୍ଚ ଗାଅଁ କଲେଜ୍ ମିମାଂସା କିପ୍‌କେ । |
| ସମ୍ବିଧାନ | – | ଆମ ଦେଶର ଏକ ବୃହତ ସମ୍ବିଧାନ ରହିଛି । |
| ସମ୍ବିଦାନ | – | ନିଞ୍ଚା ଦେଶଆ ମୁଇଣ୍ଟ କୁବା ସମ୍ବିଧାନ ଆସିକେ । |
| ସମ୍ଭାଳିବା | – | ଦୁଃଖ ସମ୍ଭାଳିବା ଏକ ମହତ ଗୁଣ ଅଟେ । |
| ସମ୍ଭାଳେ | – | ଦୁଃକ ସମ୍ଭାଳେରେ ମୁଇଣ୍ଟ ମଅତ ଗୁଣ । |
| ସଉକ | – | ରମା ସଉକିରେ ସୁନ୍ଦର ଯୋତା ପିନ୍ଧିଛି । |
| ସଉକ୍ | – | ରମା ସଉକବ ବାଚାର ଜୁତା କୁର୍‌ଚେରେ । |

| | | |
|---|---|---|
| ସମତୁଲ | - | ଗୋପବନ୍ଧୁଙ୍କ ସହ କିଏ ସମତୁଲ ହୋଇପାରେ ? |
| ଏକରା | - | ଗୋପବନ୍ଧୁଆ ତୁଲଂ ଆଡି ଏକରା ଇଇରିମିମା ? |
| ସରିସୃପ | - | ସର୍ପ ଏକ ସରୀସୃପ ପ୍ରାଣୀ ଅଟେ । |
| ଗସରା | - | ବାବୁଂ ମୁଇଁଣ୍ଡି ଗସରା ଜୀବ ଇରେ । |
| ସମୁଖିନ | - | ବିପଦର ସମ୍ମୁଖୀନ ହେଲେ ଭୟ କରନାହିଁ । |
| ସାମନା | - | ବିପଦଆ ସାମନା ଇଆନ୍‌ଲେ ବୟ ଇକିବର / ଏବେତଂଆଣ୍ଡ । |
| ସମର୍ଥନ | - | ମୁଁ ମୋ ସାଙ୍ଗର କଥାକୁ ସମର୍ଥନ କଲି । |
| ଏକମତ | - | ଆଞ୍ଜ୍ ଆଞ୍ଜାଁ ସାଙ୍ଗଞ୍ଜାଁ ଗାତାରତେ ଏକମତ ଇଇଆନ୍ । |
| ସଚେତନ | - | ପରିବେଶ ପ୍ରତି ସଚେତନ ରହିବା ଉଚିତ୍ । |
| ସଜାଗ | - | ପରିବେଶ ଦିରେ ସଜାଗ ନେରଏନା ଡିଅ । |
| ସହଯୋଗ | - | ଲୋକ ସହଯୋଗ କଲେ ଗ୍ରାମ ସଫା ହେବ । |
| ମେସେଆନ୍ | - | ଲୁକ ମେସେଆନ୍‌କିଲେ ଗାଅଁ ସାପା ମିନା |
| ସଙ୍ଗେ ସଙ୍ଗେ | - | ଖବର ପାଇ ଦମକଳ ସଙ୍ଗେସଙ୍ଗେ ପହଞ୍ଚିଲା । |
| ସାଙ୍ଗେ ସାଙ୍ଗେ | - | କବର କୁଇଆନ୍‌ଜ ଦମକଳ ସାଙ୍ଗେ ସାଙ୍ଗେ ଆଉଚିଆନା |
| ସପ୍ତର୍ଷି ମଣ୍ଡଳ | - | ଅନ୍ଧାର ରାତିରେ ସପ୍ତର୍ଷିମଣ୍ଡଳ ସ୍ପଷ୍ଟ ଦେଖାଯାଏ । |
| ସାତରୁଷି ମୁଣ୍ଡୁଳା | - | ଏନ୍ଧାର ତେ ସାତରୁଷି ମୁଣ୍ଡୁଳା ପରଚା ଜଏରେ । |
| ସଂଗ୍ରହ | - | ମୁଁ ନେତାମାନଙ୍କର ଛବି ସଂଗ୍ରହ କରି ରଖେ । |
| ଟୁଲାଅଜ | - | ଆଞ୍ଜ୍ ନେତାକା ପଟ ଟୁଳାଅଜ ଉନ୍‌କେ । |
| ସମ୍ପର୍କ | - | ରବି ସହିତ ମୋର ଉତ୍ତମ ସମ୍ପର୍କ ରହିଛି । |
| ସମ୍ପର୍କ | - | ରବିରା ତୁଲଂ ଆଞ୍ଜାଁ ଡିଅ ସଂପରକ ଆସିକେ । |
| ସଂଗୀତ | - | ସଂଗୀତ ମୋର ଅତି ପ୍ରିୟ ଅଟେ । |
| ଗୀତ | - | ଗୀତ ଆଞ୍ଜାଁ ଅତି ଡିଅ ଇରେ । |
| ସନ୍ଧ୍ୟା | - | ସନ୍ଧ୍ୟାହେଲେ ତାରା ଦେଖାଯାଆନ୍ତି । |
| ବୁଲୁ | - | ବୁଲୁ ଇଆନ୍‌ଲେ କୁମୁଞ୍ଜିଡାଗ୍ ଜଏରିକି । |
| ସଂଗ୍ରାମୀ | - | ଭଗତ ସିଂହ ଜଣେ ସଂଗ୍ରାମୀ ଯୁବା ଥିଲେ । |
| ଯୁଦ୍ଧା | - | ଭଗତ ସିଂହ ମିନକ୍ ଯୁଦ୍ଧା କଙ୍ଗେର୍ ଆସିଆନ୍ । |

| | | |
|---|---|---|
| ସଂପଦ | - | ସଂପଦ ବେଳେ ବହୁ ସଖା ହୁଅନ୍ତି । |
| ଦନ | - | ଦନ ବେଲଡେ ସୁଗାଇ ଜଳା ଇରିକି । |
| ସଂକଳ୍ପ | - | ଦେଶ ସେବା ପାଇଁ ଆମେ ସଂକଳ୍ପ କରିଛୁ । |
| ନିୟମ | - | ଦେଶ ସେବା ଦିରେ ନିଞ୍ଜ୍ ନିୟମ (ଏକମୁଟ) ନିକିପ୍‌ସେରେ । |
| ସଂଗ୍ରାମ | - | ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କର । |
| ଲଡେଇ | - | ଅନ୍ୟାୟ ବିରୁଦଡେ ଲଡେଇ କିପ୍‌ପେ । |
| ସଙ୍କେତ | - | ରାସ୍ତାରେ ଦିଆଯାଇଥିବା ସଙ୍କେତ ମାନି ଗାଡି ଚଳାଅ । |
| ଚିନ | - | ରାସାଡାରା ଡିଡିଞ୍ଜ୍ ମିଇସେନା ଚିନଡେ ମାନେପେଜ ଗାଡି ଚଲାଏପେ । |
| ସଂକୁଚିତ | - | ବୃଦ୍ଧର ଚର୍ମ ସଂକୁଚିତ ହୋଇଥାଏ । |
| କୁଞ୍ଚ | - | ବୁଡାରା ଚାଲ କୁଞ୍ଚ ଇସେରେ । |
| ସଂଗୃହୀତ | - | ଆମ ଶ୍ରେଣୀରେ ପୁରୁଣା ପାଠ୍ୟ ପୁସ୍ତକ ସଂଗୃହୀତ ହେଲା । |
| ଟୁଲାଏ | - | ନିଞ୍ଜାଁ ଶେଣୀଆ ଉରୁଣା ପାଟ ବୁଇ ଟୁଲାଏ ଇଆନା । |
| ସଙ୍ଗୀତ ଦଳ | - | ମୁଁ ଗୋଟିଏ ସଙ୍ଗୀତ ଦଳରେ ଗୀତ ଗାଏ । |
| ଗୀତଦଲ | - | ଆଞ୍ଜ୍ ମୁଇଁଣ୍ଟି ଗୀତ ଦଲଆ ଗୀତ ଗୀତଏକେ । |
| ସଂରକ୍ଷଣ | - | ବାଳିକାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଇଛି । |
| ସଂରକ୍ଷଣ | - | କଞ୍ଚେଚଲାନ୍‌କା ଦିରେ ଜାଗା ସଂରକ୍ଷଣ କିକିପ୍‌ଇସେରେ । |
| ସାଧାରଣ | - | ଜନସାଧାରଣ ଭୋଟ ଦେଇ ସରକାର ଗଢନ୍ତି । |
| ସାଦାରଣ | - | ସାଦାରଣ ମୁଣ୍ଡୁଷକି ବୁଟୁ ଡିଞ୍ଜିଁକିଜ ସରକାର କିପକିକି / ବନାଏକିକି । |
| ସାରଣୀ | - | ସହଜରେ ବୁଝିଆ ପାଇଁ ସାରଣୀ ସାହାଯ୍ୟ କରେ । |
| ସାରଣୀ | - | ସଅଜବ ବୁଜିବା ଦିରେ ସାରଣୀ ସାଆଜ କିପ୍‌କେ । |
| ସାକ୍ଷାତ | - | ହଠାତ୍ ମୋ ବନ୍ଧୁଙ୍କ ସହିତ ମୋର ସାକ୍ଷାତ ହେଲା । |
| ବେଟ | - | ଚଟ୍‌କିନା ଆଞ୍ଜାଁ ସାଙ୍ଗଞ୍ଜାଁ ତୁଲଂ ଆଞ୍ଜାଁ ବେଟ ଇଆନା । |
| ସାପ | - | ସାପୁଆମାନେ ସାପ ଖେଳାନ୍ତି । |
| ବାବୁଂ | - | ସାପୁଆକି ବାବୁଂ ଉବ୍‌କୁଜ୍‌କିକି । |
| ସାନ ଚିହ୍ନ | - | ସାନ ସଂଖ୍ୟା ସୂଚାଇବା ପାଇଁ ସାନ ଚିହ୍ନ ଦିଆଯାଏ । |
| ଏଣ୍ଟେଜ ଚିନ | - | ଏଣ୍ଟେଜ୍ ସଂଏଁକା ଚିନାଏଡେ ଏଣ୍ଟେଜ୍ ଚିନ ଡିଡିଞ୍ଜ୍ ଇରେ । |

| | | |
|---|---|---|
| ସାଙ୍ଗ | – | ରବି ମୋର ପିଲା ଦିନର ସାଙ୍ଗ ଅଟେ । |
| ଜଲା | – | ରବି ଆଞ୍ଜାଁ ଉଆଲି ଦିନଆ ଜଲାଞ୍ଜ୍ ଇରେ । |
| ସାଗର | – | ଆମ ଦେଶକୁ ତିନି ଦିଗରେ ସାଗର ଘେରି ରହିଛି । |
| ସମନ୍ଦର | – | ନିଞ୍ଜାଁ ଦେଶତେ ତିନି ଦିଗତା ସମନ୍ଦର ଗେରେଆଜ ରଏସେରେ । |
| ସାଥେ | – | ବଜାରରେ ମୁଁ ବାପାଙ୍କ ସାଥେସାଥେ ଯାଏ । |
| ସାଙ୍ଗେ ସାଙ୍ଗେ | – | ବଜାରତେ ଆଞ୍ଜ୍ ଅବାଞ୍ଜାଁ ସାଙ୍ଗେ ସାଙ୍ଗେର ଅଣ୍ଡେ । |
| ସାହାସ | – | ରବି ସାହସ ଧରି ନଦୀରୁ ରମାକୁ ଉଦ୍ଧାର କଲା । |
| ସାଆସ | – | ରବି ସାଆସ ସବଜ ନୁଇତା ରମାତେ ଉଦାର କିବ । |
| ସାଜସଜା | – | ଭାଇଙ୍କ ବାହାଘର ବେଳେ ଆମେ ଘର ସାଜସଜା କଲୁ । |
| ସଜାଏସିଜି | – | କାକାଞ୍ଜାଁ ବାଆଗର ବେଲତେ ନିଞ୍ଜ୍ ଇଞ୍ଜାଁ ସଜାଏସିଜି ନିକିବ । |
| ସାମୁହିକ | – | ପୋଖରୀ ସଫା ଏକ ସାମୂହିକ କାର୍ଯ୍ୟ ଅଟେ । |
| ଟାଙ୍କୁଣିଞ୍ଜାଁ | – | କୁପୁରୀ ସାପା ମୁଇଁଣ୍ଟି ଟାଙ୍କୁଣିଞ୍ଜାଁ କମ ଇରେ । |
| ସାଉଁଳା | – | ମାଆଙ୍କର ସ୍ନେହଭରା ସାଉଁଳା ମୋତେ ଶାନ୍ତି ଦିଏ । |
| ତାଲାମ୍ | – | ବୁଇଞ୍ଜାଁ ଆଦରବରା ତାଲାମ୍‌ଡ ଆଞ୍ଜ୍‌ତେ ଶାନ୍ତି ଡିଞ୍ଜ୍‌କେ । |
| ସିଞ୍ଚିବା | – | କେହି ଅଚେତ ହେଲେ ମୁହଁରେ ପାଣି ସିଞ୍ଚିବା ଉଚିତ୍ । |
| ନିଚିଞ୍ଚି | – | କେଇ ଅଚେତା ଇଆନ୍‌କିଲେ ମୁଁଅଁତେ ଡାଗ୍ ନିଚିଞ୍ଚି ଡିଅ । |
| ସିଲିଣ୍ଡର | – | ଦୋକାନୀ ସିଲିଣ୍ଡରରେ ଗ୍ୟାସ ବିକ୍ରୀ କରେ । |
| ସିଲିଣ୍ଡର | – | ଦୁକାନୀ ସିଲିଣ୍ଡରତେ ଗ୍ୟାସ ଆପ୍‌ସଂଡେ । |
| ସିମ୍ପାଞ୍ଜି | – | ଆଫ୍ରିକା ଜଙ୍ଗଲରେ ସିମ୍ପାଞ୍ଜିମାନେ ରହନ୍ତି । |
| ସିମ୍ପାଞ୍ଜି | – | ଆଫ୍ରିକା ବଣତେ ସିମ୍ପାଞ୍ଜିକି ରଏରିକି । |
| ସିଂହ | – | ସିଂହ ସବୁଠାରୁ ବଳବାନ ପଶୁ ଅଟେ । |
| ଜଟାକିଲଗ୍ | – | ଜଟାକିଲଗ୍ ସମନ୍ଦାଏଆତା ବଲୁଆ ପୁଶୁ ଇରେ । |
| ସୀମା | – | ଆମ ଦେଶକୁ ସୀମା ସୁରକ୍ଷା ବାହିନୀ ଜଗନ୍ତି । |
| ସୀମା | – | ନିଞ୍ଜାଁ ଦେଶତେ ସୀମା ରକ୍ଷା ବାଲାକି ଜଗେକିକି । |
| ସୁସ୍ଥ | – | ଦୀର୍ଘ ଦିନ ପରେ ମୋର ଜେଜେ ସୁସ୍ଥ ହେଲେ । |
| ଡିଅ | – | ସୁଗାଇ ଦିନ ପରେ ଆଞ୍ଜାଁ ଆଜାଞ୍ଜ୍ ଡିଅ ଇଆନ୍ । |

| | | |
|---|---|---|
| ସୁଯୋଗ | - | ଗତବର୍ଷ ମୁଁ ଚିଲିକା ଦେଖିବାର ସୁଯୋଗ ପାଇଥିଲି । |
| ସୁଯୁଗ | - | ମେଞ୍ଚେନା ଆଞ୍ଜ୍ ଚିଲିକା ଜଜଏତେ ସୁଯୁଗ କୁଇସେରେନା |
| ସୁନ୍ଦର | - | ଆମ ଗାଁ ପାହାଡ ଦୂରରୁ ସୁନ୍ଦର ଦିଶେ । |
| ରୁମୁଜଡ୍ | - | ନିଞ୍ଚାଁ ଗାଆଁ ଉଳି ଲାଙ୍କାତା ରୁମୁଜଡ୍ ଜଏରେ । |
| ସୁଫଳ | - | ଶ୍ରମ କଲେ ସୁଫଳ ମିଳେ । |
| ଡିଅପଳ | - | କମ କିକିପ୍ଇଆନ୍‌ଲେ ଡିଅ ପଳ ମେଳେରେ । |
| ସୁସ୍ୱାଦ | - | ସପେଟା ଏକ ସୁସ୍ୱାଦୁ ଫଳ ଅଟେ । |
| ଡିଅ ମୁଦୁର | - | ସପେଟା ମୁଇଁଣ୍ଟ ଡିଅ ମୁଦୁର ଲାକୁ ଇରେ । |
| ସୁଆଦିଆ | - | ଅମୃତ ଭଣ୍ଡା ଏକ ସୁଆଦିଆ ଫଳ ଅଟେ । |
| ମୁଦୁରୀଆ | - | ଜେଡା ମୁଇଁଣ୍ଟ ମୁଦୁରିଆ ଲାକୁ ଇରେ । |
| ସୂର୍ଯ୍ୟ | - | ସୂର୍ଯ୍ୟକିରଣ ବାଜି ଜଳ ବାଷ୍ପ ହୁଏ । |
| ବେଲ | - | ବେଲ କାରା ବାଜେଅଜ ଡାଗ୍ ସିୟୁଂକେ । |
| ସୂର ଯନ୍ତ୍ର | - | ରେଡିଓ ଏକ ସୂରଯନ୍ତ୍ର ଅଟେ । |
| ସୂରଯନ୍ତ୍ର | - | ରେଡିଓ ମୁଇଁଣ୍ଟ ସୁରଯନ୍ତ୍ର ଇରେ । |
| ସୂଚକ | - | ଥର୍ମୋମିଟର ପାରଦ ସୂଚକ ଭଳି କାମ କରେ । |
| ସୂଚକ | - | ଥର୍ମୋମିଟରତେ ପାରଦ ସୂଚକ ଡେଗାନ୍ କମ କିପ୍‌କେ । |
| ସୂଚାଇବା | - | ବିଦ୍ୟାଳୟରେ ସମୟ ନିର୍ଘଣ୍ଟ ସୂଚାଇବା ଆବଶ୍ୟକ । |
| ନିସୂଚାଏ | - | ଇସ୍କୁଲୁତେ ସମୟ ନିର୍ଘଣ୍ଟ ନିସୂଚାଏ ଦରକାର । |
| ସୂଚନା | - | ପ୍ରଧାନ ଶିକ୍ଷକ ପରୀକ୍ଷା ସମ୍ବନ୍ଧରେ ସୂଚନା ଦେଲେ । |
| ସୂଚନା | - | କୁବା ମାଷଟର ପୁରିକା ବିଷୟରେ ସୂଚନା ଡିଞ୍ଜ୍ଅାଁ । |
| ସୂତ୍ର | - | ବାପା କଳି ସମାଧାନର ସୂତ୍ର ବାହାର କଲେ । |
| ଗଟାଂ | - | ଅବାଞ୍ଜ୍ କଲେଜ୍ ସାଲାସୁତରାରା ଗଟାଂ (ବାଆର କିବ) ଆବିରାଏଅ । |
| ସୂଚୀ | - | ନାବିକର କମ୍ପାସ ସୂଚୀ ଚୁମ୍ବକଟିଏ ଥାଏ । |
| ସୂଚୀ | - | ନାବିକରା କମ୍ପାସ୍ ସୂଚୀ ଚୁମ୍ବକ ମୁଇଁଣ୍ଟ ଆସିକେ । |
| ସେଠାରେ | - | ମୁଁ ଧାଇଁ ଯାଇ ଦେଖିଲି ସେଠାରେ କେହି ନଥିଲେ । |
| ଏରାତେ | - | ଆଞ୍ଜ୍ ଦବଡେଅଜ ଅନ ଜୟ ଏରାତେ କେଇ ଆରାସିଆନ୍‌କି । |

| | | |
|---|---|---|
| ସେବା | - | ବରିଷ୍ଠ ନାଗରିକମାନଙ୍କୁ ସେବା କରିବା ଉଚିତ୍ । |
| ସେବା | - | କୁବା ସାବାଲକକିତେ ସେବା କିକିପ୍‌ଡେ ଡିଅ । |
| ସେପଟେ | - | ଏପଟେ ରାସ୍ତା ବନ୍ଦ ସେପଟେ ଆସ । |
| ଏରେତା | - | ନିଇତା ଗଟାଂ ବନ୍ଦ ଏରେତା ଡେନା । |
| ସେମାନେ | - | ସେମାନେ ଗୀତ ଗାଉଛନ୍ତି । |
| ଆରକି | - | ଆରକି ଗୀତ ଗୀତଏକିକି । |
| ସେହି ତ | - | ମିଳି ସେହି ତ ଆମ ଶ୍ରେଣୀ ମନିଟର । |
| ଆର ତ | - | ମିଲି ଆର ତ ନିଞ୍ଜାଁ ଶେଣୀ ମନିଟର । |
| ସ୍ନେହ | - | ଆମେ ପିତାମାତାଙ୍କର ସ୍ନେହ ଆଦର ପାଇ ବଢିଛୁ । |
| ଶରଦା | - | ନିଞ୍ଜ୍ ଅବାବୁଇକା ଆଦର ଡିଅ ନିକୁଇଆନ୍‌ଜ ନିକୁବାଏସେକେ । |
| ସେଓ | - | ଆମ ଅଞ୍ଚଳରେ ସେଓ ଚାଷ ହୁଏ ନାହିଁ । |
| ସେଉ | - | ନିଞ୍ଜାଁ ଅଞ୍ଚଳତେ ସେଉ ତାସ ଇଇ ଯେନା । |
| ସେହି | - | ସେହି ଘରେ ମୋର ବନ୍ଧୁ ରହନ୍ତି । |
| ଏରେ | - | ଏରେ ଇଞ୍ଜାଁତେ ଆଞ୍ଜାଁ ଜଲାଞ୍ଜ୍ ରଏରେ । |
| ସେହି ପରି | - | ସେହି ପରି କାମ କରିବା ଅନୁଚିତ୍ । |
| ଏରେଡେଗାନ୍ | - | ଏରେ ଡେଗାନ୍ କମ୍ କିକିବ୍ ଡିଅଯେନା । |
| ସେନାପତି | - | ସେନାପତି ଯୁଦ୍ଧ ଚଳାନ୍ତି । |
| ସଇନମୁକିଆ | - | ସଇନମୁକିଆ ଲୁଡାଇ ଚଳାଏକେ । |
| ସଦନ | - | ବଡ ହେଲେ ମୁଁ ସେବା ସଦନଟିଏ ଖୋଲିବି । |
| ଇଞ୍ଜାଁ | - | କୁବା ଇଆନ୍‌ଲେ ଆଞ୍ଜ୍ ସେବା ଇଞ୍ଜାଁ ମୁଇଁଷ୍ଟି ଇଗ୍‌ଗେ (କୁଲିଏ) । |
| ସୈନ୍ୟ | - | ସୈନ୍ୟମାନେ ଯୁଦ୍ଧ କରନ୍ତି । |
| ସଇନ | - | ସଇନକି ଲଡାଇ କିପ୍‌କିକି । |
| ସୌର ମଣ୍ଡଳ | - | ସୂର୍ଯ୍ୟ ଓ ନଅଟି ଗ୍ରହକୁ ନେଇ ସୌରମଣ୍ଡଳ । |
| ବେଳ କୁଟୁମାଳି | - | ବେଳ ଆଉ ନଅଗଟା ଗ୍ରଅ ତୁଲଂ ବେଳ କୁଟୁମାଳି ଇସେରେ । |
| ସ୍ୱପ୍ନ | - | ମୁଁ ଆଜି ଗୋଟିଏ ଭଲ ସ୍ୱପ୍ନ ଦେଖିଲି । |
| ସପନ | - | ଆଞ୍ଜ୍ ମିସିଞ୍ଜ୍ ମୁଇଁଷ୍ଟି ଡିଅ ସପନ ଞ୍ଜୟ । |

| | | |
|---|---|---|
| ସ୍ୱଭାବ | - | ରମାର ସ୍ୱଭାବ ଅତି ସୁନ୍ଦର ଅଟେ । |
| ଗୁଣ | - | ରମାରା ଗୁଣ ସୁଗାଇ ଡିଅ  । |
| ସ୍ୱଚ୍ଛ | - | ଗୋଳିଆ ପାଣି ବସିଗଲେ ସ୍ୱଚ୍ଛ ଦେଖାଯାଏ । |
| ଲଲେଂ | - | ଗନ୍ଦେଣା ଡା଼ଗ୍ ବସେଆନ୍ଲେ ଲଲେଂଡ଼ ଜଏରେ । |
| ସ୍ୱର | - | ରିମି ସ୍ୱର ବଦଳାଇ କଥା ହୋଇ ପାରେ । |
| ସୁର | - | ରିମି ସୁର ବଦଳାଅଜ ଗାତା ଇଇ ରିମ୍ଡେ । |
| ସ୍ୱୟଂଚାଳିତ | - | ଏଟିଏମ୍ ସ୍ୱୟଂ ଚାଳିତ ଯନ୍ତ୍ର ଅଟେ । |
| ନିଜେଡାଜିଂ | - | ଏଟିଏମ୍ ନିଜେ ଡାମାଜିଂତା ଯନ୍ତର ଇରେ । |
| ସ୍ୱାଧିନ | - | ଆମେ ସ୍ୱାଧିନ ଭାବରେ କାର୍ଯ୍ୟ କରିପାରୁ । |
| ଆପାଣାମନ | - | ନିଞ୍ଜ୍ ଆପଣାମନବ କମ କିକିପ୍ ନିରିମ୍ଡେ । |
| ସ୍ୱାସ୍ଥ୍ୟ | - | ଆମ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଗଲା । |
| ସ୍ୱାସ୍ଥ୍ୟ (ଇଣି) | - | ନିଞ୍ଚ ଇସୁକୁଲୁତେ ସ୍ୱାସ୍ଥ୍ୟ (ଇଣି) ପରିକ୍ୟା କିକିପ୍ଇଆନା । |
| ସ୍ୱାସ୍ଥ୍ୟସେବା | - | ସରକାର ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଅନ୍ତି । |
| ଇଣିସେବା | - | ସରକାର ଇଣି ସେବା ଯୁଗାଏକେ । |
| ସ୍ୱାର୍ଥ | - | ଆଜିକାଲି ସମସ୍ତେ ସ୍ୱାର୍ଥ ଚେଷ୍ଟା କରୁଛନ୍ତି । |
| ସାରତ | - | ତମେନ୍ ଟାଙ୍କୁଣିଂଜ୍ ସାରତତେ ଚେଷେଟା କିପ୍କିକି । |
| ସ୍ୱାସ୍ଥ୍ୟ କେନ୍ଦ୍ର | - | ପ୍ରତି ପଞ୍ଚାୟତରେ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି । |
| ସ୍ୱାସ୍ଥ୍ୟ କେନ୍ଦ୍ର | - | ପ୍ରତି ପଞ୍ଚାୟତଆ ସ୍ୱାସ୍ଥ୍ୟ କେନ୍ଦ୍ର ରଏସେରେ । |
| ସ୍ଥଳୀ | - | ଜଙ୍ଗଲ ଜୀବଜନ୍ତୁଙ୍କ ବାସସ୍ଥଳୀ ଅଟେ । |
| ବାସା | - | ବଣ ଜୀବଜନ୍ତୁକା ବାସା ଇରେ । |
| ସ୍ଥିର | - | ସମସ୍ତେ ଏକଯୁଟ ହେବାକୁ ସ୍ଥିର କରାଯାଇଛି । |
| ଟିକ୍ | - | ସାବରେଞ୍ଜ୍ ଏକଯୁଟ ଇଇତେ ଟିକ୍ କିକିପ୍ଇସେରେ । |
| ସ୍ଥାନ | - | ଗାଁର ସବୁସ୍ଥାନ ସଫା ସୁତୁରା ରଖାଯାଉ । |
| ଜାଗା | - | ଗାଅଁାଁ ସବୁଜାଗା ସାପା ସୁତରା ଉନୁନ୍ଇରେମେ । |
| ସ୍ଥାନୀୟମାନ | - | ପ୍ରତି ଅଙ୍କର ସ୍ଥାନୀୟମାନ ରହିଛି । |
| ସ୍ତାନିୟମାନ | - | ଅଲେଞ୍ଚ୍ଟ ଅଙ୍କଆ ସ୍ତାନିୟମାନ ରଏସେରେ । |

| | | |
|---|---|---|
| ସ୍ଥାପନ | – | ଆମ ଗ୍ରାମରେ ଡାକଘର ସ୍ଥାପନ କରାଗଲା । |
| ବନାଏ | – | ନିଞ୍ଜାଁ ଗାଅଁତେ ଡାକ ଇଞ୍ଜାଁ ବନାଏ ଇଆନ୍ । |
| ସ୍ଥଳଭାଗ | – | ଆମେ ସ୍ଥଳଭାଗରେ ବାସ କରୁ । |
| ଲକାବାଗ | – | ନିଞ୍ଜ୍ ଲକାବାଗତେ ବାସା ନିକିପ୍ଡେ । |
| ସ୍ଥାବର | – | ଆମର ସ୍ଥାବର ସମ୍ପତ୍ତି କିଛି ନାହିଁ । |
| ସ୍ଥାବର | – | ନିଞ୍ଜାଁ ସ୍ଥାବର ସମ୍ପତି କିଚି ଯଅତେ |
| ସ୍ପର୍ଶ | – | ଆଜିକାଲି ସ୍ପର୍ଶ ଦ୍ୱାରା ଚିକିତ୍ସା କରାଯାଉଛି । |
| ଜିଜିବ୍ | – | ତମେନ୍ଣ୍ଡା ଜିଜିବ୍‌ବ ଚିକିତ୍ସା କିକିପ୍ଇରେ । |
| ସ୍ପୃହା | – | ପଦଯାତ୍ରା କରିବାରେ ମୋର ସ୍ପୃହା ନାହିଁ । |
| ମନ | – | ଡାଜିଂ ଡାଜିଂ ଅଙ୍ଗର୍‌ତେ ଆଞ୍ଜାଁ ମନ ଯେନା |
| ସ୍ପଷ୍ଟ | – | ବହିର ଛବି ଗୁଡିକ ସ୍ପଷ୍ଟ ଦେଖାଯାଉଛି । |
| ପରଚା | – | ବଇଆ ଚାପାରିକି ପରଚା ଜଏରିକି । |
| ସ୍ପର୍ଶକ | – | ପ୍ରତି କୋଣର ଏକାଧିକ ସ୍ପର୍ଶକ ଥାଏ । |
| ସ୍ପର୍ଶକ (ଜିଜିବ୍‌ଡ) | – | ପ୍ରତି କଣରା ସୁଗାଇ ଜିଜିବ୍‌ଡ ଆସିକେ । |
| ସ୍ଫୁର୍ତ୍ତି | – | ସକାଳେ ବ୍ୟାୟାମ କଲେ ସ୍ଫୁର୍ତ୍ତି ଲାଗେ । |
| ପୁରୁତି | – | ସେକାଳତେ ବେଆମ୍ କିକିପ୍ ଇଆନ୍‌ଲେ ପରୁତି ଲାଗେରେ । |
| ସ୍ଫୁଲିଙ୍ଗ | – | ପଥରରେ ଲୁହା ବାଜିଲେ ଅଗ୍ନି ସ୍ଫୁଲିଙ୍ଗ ବାହାରେ । |
| ଜାବାଲାସଂ | – | ଏଗେର୍‌ତେ ଲଆ ବାଜେଅଲେ ଲାଲାଜ୍ ଜାବାଲାସଂ ଆରିରେ । |
| ସ୍ଖଳନ | – | ବର୍ଷାଦିନେ ପର୍ବତରୁ ପଥର ସ୍ଖଳନ ହୁଏ । |
| ଲାଏରମ୍‌ଡେ | – | ଗିମା ଦିନତେ ପାଆଡଆ ଏଗେର୍ ଲାଏରମ୍‌ଡ଼େ /ଟାଙ୍ଗର ଗଡେକେ । |
| ସ୍କୁଲ | – | ସ୍କୁଲ ଏକ ପବିତ୍ର ସ୍ଥାନ ଅଟେ । |
| ଇସିକୁଲୁ | – | ଇସକୁଲୁ ମୁଇଁଣ୍ଟି ପବିତର ଜାଗା ଇରେ । |
| ସ୍ତ୍ରୀ ଲୋକ | – | ଜଣେ ସ୍ତ୍ରୀ ଲୋକର ମଜୁରୀ ପୁରୁଷ ସହିତ ସମାନ । |
| ଯାଆଂଡାଏ ଲୁକ | – | ମିନକ୍ ଯାଆଂଡାଏ ଲୁକଆ ମଜୁରି କାମ୍ବଲକ୍ ତୁଲଂ (ଏକା) ଏକରା । |
| ସ୍ତମ୍ଭ | – | ପୋତ ପୂଜାବେଳେ ସ୍ତମ୍ଭଟିଏ ପୋତାଯାଏ । |
| କୁମ୍ଭ | – | ପୁତ ଉଜାବେଳେତେ କୁମ୍ଭମୁଇଣ୍ଟ୍ ତିନ୍‌ତିନ୍ ଇରେ । |

ସ୍ନାନ - ସକାଳ ସ୍ନାନ ଦେହକୁ ହିତ ।

(ଉଆଗ୍) ଚିଞ୍ଚାଳେ - ସେକାଳ ଚିଞ୍ଚାଳେ ଇଣିତେ ଡିଅ ।

ସ୍କେଲ - ସ୍କେଲ୍ ସାହାଯ୍ୟରେ ଗାରକାଟି ମପାଯାଏ ।

ସ୍କେଲ - ସ୍କେଲବ ଗାର ଟାଣେଅକିଜ ତାଂତାଂ ଇରେ ।

## - ଷ -

ଷଣ୍ଢ - ବଜାରରେ ଷଣ୍ଢଟିଏ ଉତ୍ପାତ କରୁଛି ।

ଉଣ୍ଡିଆ - ବଜାରଆ ଉଣ୍ଡିଆରେ ଉତୁପାତ କିପ୍‌କେ ।

## - ଶ -

ଶବ୍ଦ - ରାତିରେ ଶବ୍ଦ ଅଧିକ ଦୂରକୁ ଯାଇପାରେ ।

ଶବଦ - ଏନ୍ଦାରତେ ଶବଦ ସୁଗାଇ ଲାଂକାବ ଅନନ୍ ରିମ୍‌ଡେ ।

ଶସ୍ୟ - ଶସ୍ୟ ଅମଳ ବେଳେ ଗାଁ ମୁଖରିତ ହୋଇଥାଏ ।

ତାସ - ତାସ ଆଏମଳ ବେଲତେ ଗାଅଁ କୁସି ଇଇସେରେ ।

ଶର୍ଦ୍ଦ - ରମାକୁ ଗତ କାଲିଠାରୁ ଶର୍ଦ୍ଦିଜ୍ୱର ଧରିଛି ।

ଲସମ୍ - ରମାତେ ଆଣ୍ଡେକାତାସୁନ୍ ଲସମ୍ ଜର ସବ୍‌ସେକେ ।

ଶକ୍ତି - ଭାତ, ରୋଟି ଇତ୍ୟାଦିରୁ ଆମକୁ ଶକ୍ତି ମିଳେ ।

ବଲ - ତଣ, ରୁଟି, ଅଦକତାରାକାତା ନିଞ୍ଜ୍‌ତେ ବଲ ମେଲେରେ ।

ଶର - ଆଗକାଳରେ ଧନୁଶର ଧରି ଲୋକେ ଯୁଦ୍ଧ କରୁଥିଲେ ।

କକମ୍ - ଆଗିଲା କାଲଆ କାକାଗ୍ କକମ୍ ସବାନ୍‌କିଜ ଲଡାଇ କିକିମମାନ୍‌କି ।

ଶଶୀ - ଶରତ ଶଶୀ ନିର୍ମଳ ଦେଖାଯାଏ ।

ଲେରାଂ - ଶରତ ଲେରାଂ ପରଚା ଞ୍ଜଁଏରେ ।

ଶଙ୍ଖା - ଶଙ୍ଖାରୀ ଶଙ୍ଖା ସଜାଇ ରଖିଛି ।

ଶଙ୍କା - ଶଙ୍କାବାଲା ଶଙ୍କା ସାଜାଲେଅଜ ଉନ୍‌ଚେକେ ।

ଶରୀର - ସୁସ୍ଥ ଶରୀର ସୁସ୍ଥ ମନ ।

ଇଣି - ଡିଅ ଇଣି ଡିଅ ମନ ।

| | | |
|---|---|---|
| ଶରଣ | – | ଗରୀବ ଲୋକ ଧନୀଠାରେ ଶରଣ ନିଅନ୍ତି । |
| ଶରଣ | – | ଗରିବ ଲୁକ ଦନୀକା ଆସରାକାତେ ଶରଣ ଗଗ୍‌ଡିକି । |
| ଶରଧା | – | ମହାତ୍ମାଗାନ୍ଧୀଙ୍କୁ ଆମେ ଶରଧାରେ ବାପୁ ଡାକୁ । |
| ଶରଦା | – | ମହାତ୍ମାଗାନ୍ଧିତେ ନିଞ୍ଜ୍ ଶରଦାବ ବାପୁ ନେଡାକେକେ । |
| ଶ୍ରବଣ | – | ଶ୍ରବଣ ଭିନ୍ନକ୍ଷମମାନଙ୍କୁ ଶ୍ରବଣ ଯନ୍ତ୍ର ଦିଆଗଲା । |
| ଅଅଂ | – | ଅଅଂ ଅକ୍ଷମ (କାଲା) କିତେ ଅଅଂ ଯନ୍ତ୍ର ଡିଡିଞ୍ଜ୍‌ଇଆନା । |
| ଶସ୍ତ୍ର | – | ଜଣେ ସୈନ୍ୟ ଅସ୍ତ୍ର ଶସ୍ତ୍ରରେ ସଜ୍ଜିତ ଥାଏ । |
| ଶସ୍ତ୍ର | – | ମିନଗ୍ ସଇନ ଅସ୍ତ୍ର ଶସ୍ତ୍ରବ ସାଜେୟାନ୍‌ଜ ରଏରେ । |
| ଶଙ୍ଖି | – | ଆମର ଗୋଟିଏ ଶଙ୍ଖି ବିଲେଇ ଅଛି । |
| ଶଙ୍କି | – | ନିଞ୍ଜାଁ ମୁଇଁଣ୍ଟ ଶଙ୍କି ବିଲାଇ ଆସିକେ । |
| ଶତକ | – | ଶହେରେ ଏକ ଶତକ ସ୍ଥାନରେ ଥାଏ । |
| ଶତକ | – | ଶଅମିଂଜ୍‌ଆଁତେ ମୁଇଁଣ୍ଟ ଶତକ ଜାଗାତେ ରଏରେ । |
| ଶାନ୍ତି | – | ଆଜିକାଲି ସମସ୍ତଙ୍କୁ ଶାନ୍ତି ଆବଶ୍ୟକ ହେଉଛି । |
| ଶାନ୍ତି | – | ତମେନ୍ ସମନ୍ଦାଏତେ ଶାନ୍ତି ଦରକାର ଇରେ । |
| ଶାଳ | – | ଆମ ଗାଁ ପାହାଡରେ ବଡ ଶାଳଗଛ ଅଛି । |
| ଶାରିଗିଆ | – | ନିଞ୍ଜାଁ ଗାଅଁ ଉଳିଆ କୁବା ଶାରିଗିଆ ସୁମୁସିଞ୍ଜ୍ ଆସିକେ । |
| ଶାସ୍ତି | – | ପିଲାମାନଙ୍କୁ ଶାସ୍ତି ଦେବା ଅନୁଚିତ । |
| ଡଣ୍ଡ | – | ଉଆଲିକିତେ ଡଣ୍ଡ ଡିଡଂଞ୍ଜ୍‌ଡେ ଡିଅ ଯେନା । |
| ଶାସନ | – | ନିର୍ବାଚିତ ସରକାର ଦେଶ ଶାସନ କରନ୍ତି । |
| ଶାସନ | – | ବାମାଚେତା ସରକାର ଦେଶ ଶାସନ କିପ୍‌କିକି । |
| ଶାସକ | – | ଆମ ଦେଶରେ ଅନେକ ଉତ୍ତମ ଶାସନ ଅଛନ୍ତି । |
| ଶାସକ | – | ନିଞ୍ଜାଁ ଦେଶଆ ଅମ୍ବାର୍ ଡିଅ ଶାସକ ଆସିକିକି । |
| ଶାଗୁଆ | – | ଶୁଆ ଦେହର ରଙ୍ଗ ଶାଗୁଆ ଅଟେ । |
| ବରନ୍‌ଲାଗ୍ / ସାଗୁଆ | – | ରାଏକା ଇଣିରା ରଙ୍ଗ ଶାଗୁଆ (ବରନ୍‌ଲାଗ୍) ଆସିକେ । |
| ଶାଗୁଣା | – | ଆଜିକାଲି ଶାଗୁଣାମାନେ ଲୋପ ପାଇଗଲେ । |
| ଗିରିଦ | – | ତମେନ୍ ଗିରିଦକି ଟୁଟିଆନ୍‌କିତେ (ଲୁପ ଇଆନ୍‌କିତେ) । |

| | | |
|---|---|---|
| ଶିଖିଲେ | – | ଆମ ସ୍କୁଲର ଝିଅମାନେ ଓଡିଶୀ ନୃତ୍ୟ ଶିଖିଲେ । |
| ସଜକି | – | ନିଞ୍ଜାଁ ଇସୁକୁଲୁଆ କଞ୍ଚେଲାନ୍ତାଏକି ଓଡିଶୀ ନାଟ ସଜକି । |
| ଶିଶିର | – | ଶୀତଋତୁରେ ଶିଶିର ପଡେ । |
| ଶିଶିରି | – | ରାଂଆଁ ଋତୁତେ କାକର ଅଳଗ୍‌ଡେ । |
| ଶିଶୁ | – | ଶିଶୁ ଅଧିକ ଯତ୍ନ ଆବଶ୍ୟକ କରେ । |
| ଉଆଲି | – | ଉଆଲିଆ ଉଦିକ ଯତନ ଦରକାର କିପ୍‌ଡେ । |
| ଶିଳ | – | ଶିଳରେ ବେସର ବଟାଯାଏ । |
| ଆଟାସର୍ | – | ଆଟାସର୍‌ତେ ସୁରୁସୁ ରିରିର୍‌ଇରେ । |
| ଶିମ୍ବଲଟା | – | ଶିମ୍ବଲଟା ରଞ୍ଜାରେ ମାଡି ଯାଇଛି । |
| ଶିମଲଅ | – | ଶିମଲଅ ରାଞ୍ଜାରା ମାଡେସେକେ । |
| ଶିଆଳି | – | ଶିଆଳି ପତ୍ରରେ ଖଲି ତିଆରି ହୁଏ । |
| ଲାଣ୍ଡାମ୍ | – | ଲାଣ୍ଡାମ୍ ଅଲାଗ୍‌ବ ଅଲାଂଅଁର୍ ବନାଏ ଇରେ । |
| ଶୀତ | – | ପ୍ରବଳ ଶୀତରେ କିଛି ଲୋକ ମରିଯାଆନ୍ତି । |
| ରାଂଆଁ | – | ସୁଗାଇ ରାଂଆଁବ କିଚି ଲୁକ ଗଜ୍‌କିକି । |
| ଶିକାରୀ | – | ଶିକାରୀ ଫାଶ ବସାଇ ପକ୍ଷୀ ଧରେ । |
| ଆରିଦିଆ | – | ଆରିଦିଆ ପାଶ ଅଡଗଜ କନ୍ତେର୍ ସବ୍‌କେ । |
| ଶୀଘ୍ର | – | ଆଜି ମୁଁ ଶୀଘ୍ର ଘରକୁ ଫେରିଲି । |
| ବିଗ / ଗଳଂ | – | ମିସିଞ୍ଜ୍ ଆଞ୍ଜ୍ ଗଳଂ ଇଞ୍ଜାଁବ ଲେଅଟେଆନ୍ । |
| ଶୀତ ଋତୁ | – | ଶୀତଋତୁ ପରିବା ଚାଷ ପାଇଁ ଅନୁକୂଳ ଅଟେ । |
| ରାଂଆଁ ଋତୁ | – | ରାଂଆଁ ଋତୁ ସାଙ୍କାଣା ତାସ ଦିରେ ଡିଅ ବେଳ ଇରେ । |
| ଶୀର୍ଷ | – | ପର୍ବତ ଶୀର୍ଷ ଭାଗ ସମତଳ ଥାଏ । |
| ଟିଙ୍ଗିଣି | – | ଉଳି ଟିଙ୍ଗିଣିଆ ବାଗ ସମତଳ /ସମାନ ରଏରେ । |
| ଶୁଆ | – | ଶୁଆର ଥଣ୍ଟ ନାଲି ଅଟେ । |
| ଶୁଆ / ରାଏକା | – | ରାଏକାରା ତୁମୁଣିର ସୁନ୍ଦୁରୁର । |
| ଶୁଭ୍ର | – | ଖରାଦିନେ ଶୁଭ୍ର ପୋଷାକ ଆରାମ ଦାୟକ । |
| ଆଣ୍ଡାରା | – | କାରାଦିନତେ ଅଣ୍ଡାରା ଉଙ୍ଗି ଆରାମ ଡିଞ୍ଜ୍‌କେ । |

ଶୁଣ୍ଢ – ହାତୀ ଶୁଣ୍ଢରେ ଡାଳ ଭାଙ୍ଗେ ।

ତଁଅଁର – ଆତି ତଁଅଁରରବ ଡାଳ ବାବ୍‌ଟୁଂଡେ ।

ଶୁଷ୍କ – ଶୁଷ୍କ ଭୂମିରେ ଗଜା ଉଠିବା କଷ୍ଟ ।

କସର୍ – କସର୍ ଲକାଡେ ଲେରାବ୍ ମାଆରିନା କଷ୍ଟ ।

ଶୁଖିବା – ପ୍ରଚଣ୍ଡ ଖରାରେ ପୋଖରୀ ଶୁଖିବା ଆରମ୍ଭ ହୁଏ ।

କସର୍ – ଟାଣ କାରାବେ କୁପୁରୀ କସର୍‌କେ ଆରମ୍ଭ ଇରେ ।

ଶୁଭ – ଶୁଭ ଖବରଟିଏ ଶୁଣି ମୁଁ ଖୁସିହେଲି ।

ଶୁବ / ଡିଅ – ଡିଅ ବେଉରା ମୁଇଁଣ୍ଟ ଅଂଅଁଜ ଆଞ୍ଜ୍ କୁସି ଇଆନ୍ ।

ଶୁଖିଲା – ଲୋକେ ଜଙ୍ଗଲରୁ ଶୁଖିଲା କାଠ ସଂଗ୍ରହ କରନ୍ତି ।

କସର୍ – ଲୁକକି ବଣତା କସର୍ ସେଂଅଁନ୍ ଟୁଳାଏରିକି (ସଂଗ୍ରହ କିପ୍‌ଡିକି) ।

ଶୁଣିବା – ଗୁରୁଜନଙ୍କ କଥା ଶୁଣିବା ଉତ୍ତମ ଅଟେ ।

ନେଅଂଏଁ – କୁବାକୁବାକା ଗାତା ନଅଂଏଁ ଇରେ ଡିଅ ।

ଶୁଙ୍ଘିବା – ଫୁଲକୁ ପାଖରୁ ଶୁଙ୍ଘିବା ଅନୁଚିତ ।

ନିଶୁଙ୍ଗି – ରାସିଂତେ ଏକେଚାତା ଶୁଙ୍ଗି ଡିଅଜେନା ।

ଶୂନ – ଶୂନର ମୂଲ୍ୟ କିଛି ନାହିଁ ।

ସୁନ – ସୁନଆ ମୂଲ କିଚି ଯେନା ।

ଶୂତଲିଖିନ – ପ୍ରତିଦିନ ଶୂତଲିଖନ ଅଭ୍ୟାସ କର ।

ଅଅଂ ଲେକା – ଦିନି (କାଆସେ) ଅଅଂଲେକା ଅବେଆସ କିପ୍‌ପେ ।

ଶୃଙ୍ଖଳା – ପ୍ରତିକାର୍ଯ୍ୟରେ ଶୃଙ୍ଖଳା ରହିବା ଆବଶ୍ୟକ ।

ଶୃଙ୍ଖଳା – ଟାଙ୍କୁଣିଞ୍ଜ୍ କମତେ (ପାଇଟି) ଶୃଙ୍ଖଳା ରମଏନା ଦରକାର ।

ଶୃଗାଳ – ଶୃଗାଳ ବଡ ଚତୁର ଅଟେ ।

ଶିଆଳ – ଶିଆଳ ସୁଗାଇ ବୁଦିଆ ।

ଶେଷ – ପରୀକ୍ଷା ଶେଷ ହେଲେ ମୁଁ ମାମୁ ଘର ଯିବି ।

ଜେଳାଅଲେ – ପୁରୀକା ଜେଳାଅଲେ ଆଞ୍ଜ୍ ମାମୁଁଞ୍ଜାଁ ଇଞ୍ଜାଁରବ ଅନା ।

ଶେଉଳ – ଶେଉଳ ମାଛ ଭାରି ସୁଆଦିଆ ।

ସେଉଳ – ସେଉଳ କାରଂ ବାରି ମିଟା (ସୁଆଦିଆ) ।

| | | |
|---|---|---|
| ଶ୍ରେଣୀ | - | ମୁଁ ତୃତୀୟ ଶ୍ରେଣୀରେ ପଢେ । |
| ଶେଣୀ | - | ଆଞ୍ଜ୍ ତୃତୀୟ ଶେଣୀତେ ପଡେକେ । |
| ଶୋଇବା | - | ବେଶି ଶୋଇବା ଦେହ ପ୍ରତି କ୍ଷତିକାରକ । |
| ଲେବେର୍ | - | ଶୁଗାଇ ଲେବେର୍ ଇଣିବ କିତି (ବାଗି) ଅରେନ୍‌କେ । |
| ଶୋଇବା ଘର | - | ଆମର ଶୋଇବା ଘର ନାହିଁ । |
| ଲେବେର୍ ଇଞ୍ଜାଁ | - | ନିଞ୍ଜାଁ ଲେବେର୍ ଇଞ୍ଜାଁ ଯତେ । |
| ଶୋଷ | - | ଖରାଦିନେ ବାରମ୍ବାର ଶୋଷ ଲାଗେ । |
| ଏଜେଲାଂ | - | କାରା ଦିନତେ ଗଣଗଣତେ ଏଜେଲାଂ ଲାଗେରେ । |
| ଶୋରିଷ | - | ସୋରିଷରୁ ତେଲ ବାହାର କରାଯାଏ । |
| ସୁରୁଷୁ | - | ସୁରୁଷୁତା ଅଜନ୍ (ବାଆର କିକିପ୍ ଇରେ) ଆବିରାଏ ଇରେ । |
| ଶୋଭା | - | କାଶ୍ମୀରର ଶୋଭାରେ ସମସ୍ତେ ମୋହିତ ହୁଅନ୍ତି । |
| ବାଗର | - | କାଶ୍ମିରଆ ବାଗର ଟାଙ୍କୁଣିଞ୍ଜାଁ ମନ ମାନେକେ । |
| ଶୌଚ | - | ରମା ଶୌଚ ପାଇଁ ପାଇଖାନାକୁ ଗଲା । |
| ଆଦାବଡକ | - | ରମା ଆଦାବଡକଆ ଦିରେ ପାଇକାନାବ ଅନ । |
| ଶ୍ୟାମଳ | - | ବର୍ଷାଋତୁରେ ପରିବେଶ ଶ୍ୟାମଳ ଦିଶେ । |
| ଶାଗୁଆ | - | ଗିମାରୁତୁତେ ପରିବେଶ (ଜାଗା) ଶାଗୁଆ ଜଏରେ । |
| ଶ୍ୱାସ | - | ଜୀବମାନେ ଶ୍ୱାସକ୍ରିୟା କରନ୍ତି । |
| ନିଶାସ | - | ଜୀବକୀ ନିଶାସ ପରଶାସ ମାରେକିକି । |

## – ହ –

| | | |
|---|---|---|
| ହୁଁ | - | ଆଈ ଗପ କହିବା ବେଳେ ମୁଁ ହୁଁ ମାରେ । |
| ଉଁ | - | ନାନାଞ୍ଜ୍ ଆଗ ଗାତାଏରା ବେଲତେ ଆଞ୍ଜ୍ ଉଁ ଡିଞ୍ଜ୍‌କେ । |
| ହଳ | - | କୃଷକର ହଳ ହିଁ ବଳ ଅଟେ । |
| ଅଳ | - | ଡାସିଆ ଅଳ ଇଁ ବଳର ଇରେ । |
| ହନୁ | - | କୁକୁରକୁ ଦେଖି ହନୁ ଦୌଡିଗଲା । |
| ଆଣୁ | - | ସେଲଗ୍‌ତେ ଈଁୟଁଜ ଆଣୁ ଦବଡେଅ । |
| ହତା | - | ବିଦ୍ୟାଳୟ ହତା ପରିଷ୍କାର ରଖ । |

ଅତା – ଇସୁକୁଲୁ ଅତା ସାପାସୁତୁରା ଉନେପେ ।

ହସ – ତା କଥା ଶୁଣି ରିମି ହସି ଦେଲା ।

ଲାରାଏ – ଆରା ଗାତା ଅଂଅଁଜ ରିମି ଲାରାଏଅ ।

ହଣ୍ଡା – ପିତଳ ହଣ୍ଡାରେ ମାଂସ ଭଲ ସିଝେ ।

ଅଣ୍ଡା – ପିତଳ ଅଣ୍ଡାତେ ଆଏଲା ଡିଅ ଇସିନ୍‌କେ ।

ହସ୍ତି – ହସ୍ତୀ ଦାନ୍ତରେ କାରୁକାର୍ଯ୍ୟ ହୁଏ ।

ଆତି – ଆତି ଦାନ୍ତବ କାରୁକାର୍ଯ୍ୟ ଇରେ ।

ହଂସ – ହଂସ ଉଭୟଚର ପକ୍ଷୀ ଅଟେ ।

ଅଂସ – ଅଂସ ଦିଜାଗାଚମରେତା କନ୍ତେର୍ ଇରେ ।

ହଟାଇ – ରବି ଲୋକଙ୍କୁ ହଟାଇ ଆଗକୁ ଦଉଡି ଗଲା ।

ଏକେଲାଅଜ /

ଆଡାୟଜ – ରବି ଲୁକକିତେ ଆଡାୟଜ ଆଗିଲାବ ଦବଡେଅଜ ଅନ ।

ହଳଦୀ – କନ୍ଧମାଳ ହଳଦୀ ବିଶ୍ୱ ପ୍ରସିଦ୍ଧ ।

ସାଂସାଂ – କନ୍ଧମାଳ ସାଂସାଂ ପୃଥିବୀ କ୍ୟାତ ।

ହରିଣ – ଆମ ଜଙ୍ଗଲରୁ ହରିଣ ବଂଶ ଲୋପ ପାଇଛି ।

ମେରେଗ – ନିଞ୍ଜାଁ ବଣତା ମେରେଗ ବଂଶ (ଲରାନ୍‌ତେ) ଲୁପ ଇଆନ୍‌ତେ ।

ହଲାଇ – ରସାନ୍ତ ଡାଳ ହଲାଇ ଆମ୍ବ ଝଡାଇଲା ।

ଦବଲା ଅଜ/ଜୁଗଜ /ଅଲାୟଜ – ରସାନ୍ତ ଡାଳ ଦବଲାଅଜ ଅଲେ ଉବ୍‌ଗୁର ।

ହଜମ – ବୃଦ୍ଧ ହେଲେ ହଜମ ଶକ୍ତି କମିଯାଏ ।

ଜରେ – ବୁଡା ଇଆନ୍‌ଲେ ଜରେ ବଳ କମେରେ ।

ହରଣ – କ୍ରମିକ ବିୟୋଗକୁ ହରଣ କୁହାଯାଏ ।

ଅରଣ (ବାଗ) – ଉଚୁଲି ଉଚୁଲି କଟାଏତେ ଅରଣ (ବାଗ) ଗାମ୍‌କିକି ।

ହଳଦିଆ – ଜହ୍ନି ଫୁଲର ରଙ୍ଗ ହଳଦିଆ ।

ସାଣାଂସାଂ – ଜୁନି ରାସିଂଆଁ ରଙ୍ଗର ସାଣାଂସାଂଡ ।

ହସି ଖେଳି – ଆମ ପିଲାଦିନ ହସିଖେଳି ଚାଲିଗଲା ।

ଲାରାଏ ଏବଡମ୍ – ନିଞ୍ଜାଁ ଉଆଳି ଦିନରେ ଲାରାଏ ଏବଡମ୍‌ବ ଅନ ।

ହସି ହସି – ଦେଶପାଇଁ ଆମେ ହସିହସି ଜୀବନ ଦେବା ।

ଲାରାଏ ଲାରାଏ - ଦେଶଆ ଦିରେ ନିଞ୍ ଲାରାଏ ଲାରାଏ ଜୀବନ ନିଡିଞ୍ ।

ହତ୍ୟା କରିବା - ନରହତ୍ୟା କରିବା ମହାପାପ ଅଟେ ।

ଅବ୍‌ଗଜ୍ - ମୁଣୁଷ ଅବ୍‌ଗଜ୍‌ଡେ କୁବା ପାପ ଇରେ ।

ହଳଦୀ ବସନ୍ତ - ହଳଦୀବସନ୍ତ ଏକ ସୁନ୍ଦର ଚଢେଇ ଅଟେ ।

ଏଜବ୍ - ଏଜବ୍ ମୁଇଁଣ୍ଡ୍ ସୁନ୍ଦର କନ୍ତେର୍ ଇରେ ।

ହାତ - ହାତରେ ଆମେ ଅନେକ କାର୍ଯ୍ୟ କରୁ ।

ଇତି - ଇତିବ ନିଞ୍ ସୁଗାଇ କମ ନିକିପ୍‌କେ ।

ହାଟ - ଆମ ଗାଁରେ ଶନିବାର ଦିନ ହାଟ ବସେ ।

ଆଟ - ନିଞ୍ଚାଁ ଗାଅଁତେ ଶନିବାର ଦିନତେ ଆଟ ଡକରେ ।

ହାଣ୍ଡି - ଆଜିକାଲି ମାଟିହାଣ୍ଡି ଆଉ ଚାଲୁ ନାହିଁ ।

ଆଟିକା - ତମେନ୍ ଲଟପ୍ ଆଟିକା ଆଉ ଚଳେ ଯେନା ।

ହାର - ମୋତିହାର ଦେହକୁ ସୁନ୍ଦର ଲାଗେ ।

କୁଣ୍ଡି - ମୁତିକୁଣ୍ଡି ଇଣିତେ ସୁନ୍ଦର ଲାଗେରେ / ସାଜେକେ ।

ହାରମୋନିୟମ୍ - ମୁଁ ହାରମୋନିୟମ୍ ବଜାଇ ଶିଖୁଛି ।

ଆରାମୁନି - ଆଞ୍ ଆରାମୁନି ବାଜାଏ ସଜ୍‌କେ ।

ହାତୀ - ଆଜିକାଲି ହାତୀମାନେ ଗାଁ ଗଣ୍ଡାରେ ପଶି ଆସୁଛନ୍ତି ।

ଆତି - ତମେନ୍‌ଡା ଆତିରିକି ଗାଅଁଗଣ୍ଡାବ ଡୁଇର୍‌ଡିକି ।

ହାୱା - ଖରାଦିନର ଗରମ ହାୱା ସମ୍ଭାଳି ହୁଏ ନାହିଁ ।

କୟ - କାରାଦିନଆ ଲଲବ୍ କୟ ସମ୍ଭାଳେ ଆଇରେ ।

ହାଲିଆ - ପାହାଡ ଚଢିଲେ ଖୁବ୍ ହାଲିଆ ଲାଗେ ।

ଆୟତଏ - ଉଳି ଡାଡାଜ୍ ଇଆନ୍‌ଲେ ଜୁରୁ ଆୟତଏ ଲାଗେରେ ।

ହାଲୁକା - ଶିମିଳି ତୂଳା ଖୁବ୍ ହାଲୁକା ।

ଉସାସ - ଶିମିଳି ତୁଳା କୁବୁ ଉସାସ ।

ହାଜର - ବାପା ଡାକିଲେ ମୁଁ ତୁରନ୍ତ ହାଜର ହୁଏ ।

(ଡେଣ୍ଡେ) ଆଜର - ଅବାଞ୍ ଡାକେଅଲେ ଆଞ୍ ଗଳଂ (ଡେନ୍‌ଣ୍ଡେ) ଆଜର ଇରେ ।

ହାରିବା - ହାରିବା ଦ୍ୱାରା ଜିତିବାର ଇଚ୍ଛା ଜାତ ହୁଏ ।

ଆରେରେ - ଆରେରେବ ଦୁଆରା ଜେତେତେ ଇଚା (ମନ) ଇରେ ।

| | | |
|---|---|---|
| ହାହାକାର | - | ବାପାଙ୍କ ମୃତ୍ୟୁରେ ଆମେ ହାହାକାର କଲୁ । |
| ଆଆକାର | - | ଅବାଙ୍ଗାଁ ଗଗଜ୍‌ଡତେ ନିଙ୍ଗ୍ ଆଆକାର ନିକିବ । |
| ହାଇକୋର୍ଟ | - | ହାଇକୋର୍ଟ ରାଜ୍ୟର ସର୍ବୋଚ୍ଚ ବିଚାରାଳୟ ଅଟେ । |
| ହାଇକୁଟୁ | - | ହାଇକୁଟୁ ରାଜ୍ୟଆ ସମନ୍ଧାଏତା କୁବା କଚେରି ଇଙ୍ଗାଁ ଇରେ । |
| ହିମ | - | ଶୀତଦିନେ କାଶ୍ମୀରରେ ହିମପାତ ହୁଏ । |
| ଅଳେଂ | - | ରାଂଆଁ ଦିନତେ କାଶ୍ମିରତେ ଅଳେଂ ଅଳଗ୍‌ଡେ । |
| ହିସାବ | - | ସାହୁକାରମାନେ କିଣା ବିକାର ହିସାବ ରଖନ୍ତି । |
| ଇସାବ | - | ସାଉକାରକି ସଂସଂ ଆବ୍‌ସଂଡା ଇସାବ ଉନ୍‌କିକି । |
| ହିଂସ୍ର | - | ଜଙ୍ଗଲରେ ଅନେକ ହିଂସ୍ର ଜନ୍ତୁ ଥାଆନ୍ତି । |
| ଇଂଶ୍ରଜନ୍ତୁ | - | ବଣତେ ସୁଗାଇ ଇଂଶ୍ର ଜନ୍ତୁ ଆସିକିକି । |
| ହେଜ | - | ତୁମେ ବଡ ହେଲେ ପିତା ମାତାଙ୍କର ସ୍ନେହ ହେଜ କର । |
| ମନେ ଉନେପ | - | ଆପେ କୁବା ଇଆନ୍‌ଲେ ଅବାବୁଇକା ଆଦର ମନେ ଉନେପେ । |
| ହେବ | - | ଏ ବର୍ଷ ଭଲ ବର୍ଷା ହେବ ବୋଲି ସୂଚନା ଦିଆଯାଇଛି । |
| ମିନା | - | ନି ବରଷତେ ଡିଅ ଗିମା ମିନା ବୁଲି ଟିକଣା ଦିଆ ଇସେରେ । |
| ହେବା ଭଳି | - | ଆଜି ବର୍ଷା ହେବାଭଳି ଦିଶୁଛି । |
| ଗୁମୁର୍ (ମିନା) | | |
| ଡେଗାନ୍ | - | ମିସିଙ୍ଗ୍ ଗିମା ଗୁମୁର୍‌ଡେଗାନ୍ ଜଏରେ । |
| ହେଟା | - | ହେଟା ମଲା ଜୀବଜନ୍ତୁଙ୍କ ହାଡ ବୋହି ନିଏ । |
| ଏଟା | - | ଏଟା କିଳଗ୍ ଗମଙ୍କ୍‌ତା ଜୀବଜୁନ୍ତୁକା ଆଡ ତୁଆଏଆନ୍‌ଜ ଗଗ୍‌ଡେ । |
| ହୃତପିଣ୍ଡ | - | ହୃତପିଣ୍ଡ ଶରୀରକୁ ଶୁଦ୍ଧ ରକ୍ତ ବିତରଣ କରେ । |
| ଦୁକୁଦୁକି | - | ଦୁକୁଦୁକି ଇଣିତେ ପରିଷ୍କାର ଇଙ୍ଗାଁମ୍ ତାତାଜ୍‌କେ । |

## – କ୍ଷ –

| | | |
|---|---|---|
| କ୍ଷତି | - | ବେଳେବେଳେ ବର୍ଷା ଅଭାବରୁ ଫସଲ କ୍ଷତି ହୁଏ । |
| ନଷଟ | - | ତରତରମିଙ୍ଗ୍ ଗିମା ଅବାବତା ତାସ ନଷଟ ଇରେ । |
| କ୍ଷୀର | - | ମାଆ କ୍ଷୀର ଶିଶୁ ପାଇଁ ଅମୃତ ଅଟେ । |
| କିର / ଦୁଦ | - | ବୁଇରାକା କିରର ଉଆଲି ଦିରେ ଅମୁରୁତ ଇରେ । |

| | | |
|---|---|---|
| କ୍ଷୁଦ୍ରତ୍ତମ | - | ଏକ ସବୁଠାରୁ କ୍ଷୁଦ୍ରତ୍ତମ ପୂର୍ଣ୍ଣସଂଖ୍ୟା ଅଟେ । |
| କ୍ଷୁଦ୍ରତ୍ତମ / କେରେଜ୍ | - | ମୁଇଁଣ୍ଟି ସାବରେଞ୍ଜାଁତା କେରେଜ୍ ପୂର୍ଣ୍ଣ ସଂଖ୍ୟା ଇରେ । |
| କ୍ଷେତ୍ର | - | କନ୍ଧମାଳ କୃଷି ନିମନ୍ତେ ଉତ୍ତମ କ୍ଷେତ୍ର ନୁହେଁ । |
| ଜାଗା | - | କନ୍ଧମାଳ ତାସ ଦିରେ ଡିଅ ଜାଗା ଯେନା । |
| କ୍ଷେତ | - | କ୍ଷେତରେ ଗୋବର ଖତ ଦେଲେ ଭଲ ଫସଲ ହେବ । |
| ବିଲ | - | ବିଲତେ ଇଜ୍‌ତାଂ କତ ଡିଡିଞ୍ଜ୍ ଇଆନ୍‌ଲେ ଡିଅ ତାସ ମିଇନା । |
| ଥରଥର | - | ରୋଗୀ ଥରଥର ହୋଇ ବସିଛି । |
| ତରତରାଏ | - | ରୁଗୀରେ ତରତରାୟାନ୍‌ଜ ଡକସେରେ । |
| ଥରିବା | - | ଥରିବା ମେଲେରିଆ ରୋଗର ଲକ୍ଷଣ । |
| ତରତରାଏ | - | ତରତରାଏ ମେଲେରିଆ ରୁଗରା ରୁପର । |

## କଥୋପକଥନ
## ଓଡିଆ - ଜୁଆଙ୍ଗ

ଓ - ତୁମର ନାମ କଣ ?

ଜୁ - ଆମ୍‌ଆଁ ନାଅଁମ୍‌ଡେ ବିରି ?

ଓ - ତୁମ ବାପାଙ୍କ ନାମ କଣ ?

ଜୁ - ଆମ୍‌ଆଁ ଅବାମା ନାଅଁର ବିରି ?

ଓ - ତୁମ ମାଆଙ୍କ ନାମ କଣ ?

ଜୁ - ଆମ୍‌ଆଁ ବୁଇନମାଁ ନାଅଁର ବିରି ?

ଓ - ଆଜି କଣ ଖାଇଛ ?

ଜୁ - ମିସିଞ୍ଜ୍ ବିରି ମିଜିମ୍‌ସେକେ / (ମୁର୍‌ଚେକେ) ?

ଓ - (ନାମ) ଏଠିକି ଆସ ।

ଜୁ - ନିବ ଉଆ

ଓ - ତାକୁ ଟିକିଏ କହ ।

ଜୁ –	ଆରତେ କୁଟିଜ୍ ଗାତାଏ ।

ଓ –	କାଲି ଆଗରେ ଆସିବ ।

ଜୁ –	ତେରା ଆଗିଲା ମେଡେନା ।

ଓ –	ତୁମେ କେତେବେଳେ ସ୍କୁଲକୁ ଆସ ।

ଜୁ –	ଆମ୍ କିତିବଲତେ ଇସୁକୁଲୁବ ମେଡେନ୍ଡେ ।

ଓ –	ସ୍କୁଲ କେତେବେଳେ ଛୁଟି ହୁଏ ।

ଜୁ –	ଇସୁକୁଲୁ କିତିବଲତେ ଚୁଟି ଇରେ ।

ଓ –	ସ୍କୁଲରେ ପ୍ରାର୍ଥନା କର କି ?

ଜୁ –	ଇସୁକୁଲୁତେ ପାରାତାନା ଇକିବ୍ଡେ ରି ?

ଓ –	ପିଲାମାନେ ବୁଝିଲ କି ?

ଜୁ–	ଉଆଲିକି ଇବୁଜିଅ ରି ?

ଓ –	ଜାଣିଥିବା ପିଲା ହାତ ଟେକ ।

ଜୁ –	ଏକଂସେକେ ଉଆଲିକି ଇତି ଟେକେନାପେ ।

ଓ –	ଡର ନାହିଁ ।

ଜୁ –	ଏବେତଂଆଁନ୍ଡ ।

ଓ –	ନ ବୁଝିଲେ ପଚାର ।

ଜୁ –	ଏଆମାବୁଜିଅଲେ ଜିଙ୍ଗ୍ଏଁପେ ।

ଓ –	ପିଲାମାନେ ପାଟି କରନାହିଁ ।

ଜୁ –	ଉଆଲକି (ପାଟି ଇକିବର) ଇଲିଲାଅର ।

ଓ –	ଦଳ ଗଠନ କର ।

ଜୁ –	ଦଳ ବନାଏନାପେ ।

ଓ –	ସମସ୍ତେ ଅଂଶ ଗ୍ରହଣ କର ।

ଜୁ –	ସାବରେଞ୍ଜ୍ ବାଗ ଗଂଆଁପେ / ଟାଙ୍କୁଣିଞ୍ଜ୍ ମେସେନାପେ ।

ଓ –	ଡ୍ରିଲ୍ କରିବା ।

ଜୁ –	ଡ୍ରିଲ୍ ନିକିବେ ।

ଓ –	ଖେଳ ପଡିଆକୁ ଯିବା ।

ଜୁ –	କେଲ ପଡିଆବ ନନା ।

ଓ –	ପୁରସ୍କାର ପାଇବା ।

ଜୁ –	ମେଣ୍ଡାଲ ନିକୁଇନା ।

ଓ –	(ନାମ) ଉଠ ।

ଜୁ –	ବୁଲୁନା / ତଂଅଁନା

ଓ –	ସମସ୍ତେ ଧାଡିରେ ଠିଆ ହୁଅ ।

ଜୁ –	ଟାଙ୍କୁଣିଞ୍ଜ୍ ଡାଲିବ ତଂଅଁନାପେ ।

ଓ –	ଆଖିବନ୍ଧ କର ।

ଜୁ –	ଗିମନାପେ / ଅମର ବନ୍ଧ କିମାପେ ।

ଓ –	(ନାମ) ଘଣ୍ଟା ବାଡାଅ ।

ଜୁ –	ଗଣ୍ଟା ବାଜାଏ / ଗଣ୍ଟା ପେଟେ ।

ଓ –	ନଖ କାଟିଛ ?

ଜୁ –	ନୁକୁଡି ମେସେଜ୍‌ଚେରେ ?

ଓ –	ମୁଣ୍ଡରେ ତେଲ ଲଗାଇବ ।

ଜୁ –	ବକବ୍‌ତେ ଅଜନ୍ ଏକାର୍‌କାନା ।

ଓ –	ଖବର କାଗଜ ପଢ ।

ଜୁ –	କବର କାଗଜ ପଡେ ।

ଓ –	ତୁ ତାକୁ କ'ଣ କଲୁ ?

ଜୁ –	ଆମ୍ ଆରତେ ବିରି ମିକିବ ?

ଓ –	ନ ଜାଣିଲେ ମୋତେ ପଚାର ।

ଜୁ –	ଏଆମାଏକଞ୍ଚଁଲେ ଆଞ୍ଚ୍‌ତେ ଇଜିଂଏଁ ।

ଓ –	ବର୍ତ୍ତମାନ ବହି ବାହାର କର ।

ଜୁ –	ଏକଲଂ ବୁଇ ଆବିରାଏନାପେ ।

ଓ –	ଫୁଲ ଗଛରେ ପାଣି ପକାଅ ।

ଜୁ –	ରାସିଂ ସୁମସିଞ୍ଚ୍‌ତେ ଡାକ୍ ରଗେପେ ।

ଓ –	ତୁମ ବାରିରେ କି କି ଗଛ ଲଗାଇଛ ?

ଜୁ –	ଆପେଆ ବାକାଲିଆ ବିରି ବିରି ସୁମୁସିଞ୍ଜ୍ ଏଅରାଜ୍‌ଚେରେ ।

ଓ –	ନମସ୍କାର କର ।

ଜୁ –	ଜୁଆର କିମାପେ / ଉଲୁଗିନାପେ ।

ଓ –	ଅଳିଆ ଗାତରେ ପକାଅ ।

ଜୁ –	ଜବରା ଗାତର୍‌ତେ ଚିଅଗେପେ ।

ଓ –	ଜ୍ୱର ହେଲେ କେଉଁ ଔଷଧ ଖାଇବ ।

ଜୁ –	ଜର ଇଆନ୍‌ଲେ ମାନ୍‌ଣ୍ଡି ଅସ ଇଜିମେ ?

ଓ –	ଅଳସୁଆ ଦୁଃଖ ପାଏ ।

ଜୁ –	ଉଲୁସୁଆ ଦୁକ କୁଇରେ ।

ଓ –	ତୁମ ପଡିଶା ଘରେ କିଏ ରହନ୍ତି ?

ଜୁ –	ଆପେଆ ଏକେଚା ଇଞ୍ଜାଁ ଆଡି ରଏରେ ?

ଓ –	ନଖ ଛାଡିଲେ କଣ ହେବ ?

ଜୁ –	ନୁକୁଡି କୁଗାନ୍‌ଲେ ବିରି ମିନା ?

ଓ –	ସମସ୍ତେ ମିଳିମିଶି ଖେଳିବା ।

ଜୁ –	ସାବୁରିଞ୍ଜ୍ ନେମେସେନାଜ ନେକେଲେ ।

ଓ –	କଳି କର ନାହିଁ ।

ଜୁ –	ଏକଲେଜାନ୍‌ଡ ।

ଓ –	ଆହା

ଜୁ –	ଅ ଅଃ

ଓ –	ମୁଁ କହୁଛି ତୁମେ ଶୁଣ ।

ଜୁ –	ଆଞ୍ଜ୍ ଗାମ୍‌କେ ଆପେ ଅଂଏଁପେ ।

ଓ –	ଖାତା ଅଦଳ ବଦଳ କରିବ ।

ଜୁ –	କାତା (ବଦଲାଏନାପେ) ଏବଦଲାଏନା ।

ଓ –	ଗୋଲେଇ କରି ବସ ।

ଜୁ –	ଗୁଲୁର ଇନାପେଜ ଡକନାପେ ।

ଓ –	କେଉଁ ପଶୁମାନେ ଲୋକଙ୍କ ସହିତ ରହନ୍ତି ?

ଜୁ – ମାଣ୍ଡି ପୁଶୁକ ଲୁକକା ତୁଲଂ ରଏରିକି ?

ଓ – ତୁମେ ଘରେ କି କି ପକ୍ଷୀ ପାଳୁଛ ?

ଜୁ – ଆପେଆ ଇଞ୍ଜ୍ଆଁପେଆ ବିରି ବିରି କନ୍ତେର୍ ଇଉଣ୍ଡେ ?

ଓ – କ'ଣ କରୁଥିଲ ?

ଜୁ – ବିରି ମିକିବ୍‌ମମାନ୍ ।

ଓ – ପାଣି ପିଇଲ କି ?

ଜୁ – ଡାକ୍ ମୁର ରି ?

ଓ – ପିଲାଟି ପଡିଗଲା ତାକୁ ଉଠାଅ ।

ଜୁ – ମୁଣୁଷ କନନ୍‌ଡେ ଗୁରାନ୍ ଆରତେ ବୁବୁଲୁରେ / ତବ୍‌ଅଁନେ ।

ଓ – ତୁମ ଘରେ କିଏ ରୋଷେଇ କରନ୍ତି ?

ଜୁ – ଆପେଆ ଇଞ୍ଜ୍ଆଁ ଆଡି ତଣ ଗଳାଏକେ ?

ଓ – ତୁମ ଘରେ କିଏ କିଏ ରହନ୍ତି ?

ଜୁ – ଆପେଆ ଇଞ୍ଜାଁ ଆଡି ଆଡି ରଏରିକି ?

ଓ – ତୁମ ମାମୁଘର କେଉଁଠି ?

ଜୁ – ଆମ୍ଆଁ ମାମୁମ୍ଆଁ ଇଞ୍ଜ୍ଆଁର ମାଣ୍ଡା ?

ଓ – ତୁମ ପାଖ ପିଲାକୁ ପଚାର ।

ଜୁ – ଆମ୍ଆଁ ଆସମାଁ ଉଆଲିରେତେ ଜିଂଏଁ ।

ଓ – ଛାଡି ଛାଡି ବସ ।

ଜୁ – ପାଙ୍କା ପାଙ୍କା ଡକନାପେ ।

ଓ – ନିଜ ନିଜ ବହି ଖୋଲ ।

ଜୁ – ନିଜ ନିଜ ବୁଇ କୁଲିନାପେ / ମେବ୍‌ଲାଏନାପେ / କୁବ୍‌ଲାଗ୍‌ପେ ।

ଓ – ତୁମେ ବଡ ହେଲେ କଣ କରିବ ?

ଜୁ – ଆମ୍ ମୁକୁବାଅଲେ ବିରି ମିକିମାଁ ?

ଓ – ତାଳି ମାର ।

ଜୁ – ତାଳି ମାରେପେ ।

ଓ – ତୁମ ଶ୍ରେଣୀରେ ମନିଟର କିଏ ?

ଜୁ –	ଆପେଆ ଶ୍ରେଣିପେଆ ମନିଟର ଆଡି ?
ଓ –	ତୁମକୁ କିଏ ମାରିଲା ?
ଜୁ –	ଆମ୍‌ତେ ଆଡି ଆବୁଜମ୍ / ଆବୁଜ ?
ଓ –	କାହିଁକି କାନ୍ଦୁଛ ?
ଜୁ –	ବିତେ ମେଜେକ୍‌କେ ?
ଓ –	ମନ ଦେଇ ଶୁଣ ।
ଜୁ –	ମନ ଡିଂଏଁପେଜ ଅଂଏଁପେ / ମନ ଡିଞ୍ଚେଁଜ ଅଂଏଁ ।
ଓ –	ଗପ ଶୁଣ ।
ଜୁ –	ଆଗ ଅଂଏଁ / ଆଗ ଅଂଞ୍ଚଁପେ ।
ଓ –	ତୁମ ପ୍ରଧାନ ଶିକ୍ଷକଙ୍କ ନାମ କଣ ?
ଜୁ –	ଆପେଆ ଏଡ୍‌ମାଷ୍ଟ୍ରଆ ନାଅଁର ବିରି ?
ଓ –	ପିଲାମାନେ ହାଜେରା ପକାଅ ।
ଜୁ –	ଉଆଳିକି ଆଜେରା ପକାଏନାପେ ।
ଓ –	ତୁମେ ଏଠିକି ଆସ ।
ଜୁ –	ଆମ୍ ଏଟାବ ଡେନା (ଉଆ) ।
ଓ –	ତୁମ ଗ୍ରାମର ନାମ କ'ଣ ?
ଜୁ –	ଆମା / ଆପେଆ ଗାଅଁପେଆ ନାଅଁର ବିରି ?
ଓ –	ତୁମେ ସକାଳେ କଣ କର ?
ଜୁ –	ଆମ୍ ସେକାଳତେ ବିରି ମିକିବ୍‌ଡେ ?
ଓ –	ସକାଳୁ ଉଠି ମୁହଁ ଧୋଇବା ।
ଜୁ –	ସେକାଳତେ ନିବୁଲୁରାନ୍‌ଜ ଅମର୍ ନାମନା ।
ଓ –	ଖାଇବା ଆଗରୁ ହାତ ଧୋଇବା ।
ଜୁ –	ନା ଉର୍‌ଚେରେ ଆଗିଲା ଇତି ନିଗୁଜ୍‌ତିନା ।
ଓ –	ସକାଳୁ ଉଠି ଦାନ୍ତ ଘଷିବା ।
ଜୁ –	ସେକାଳତେ ନିବୁଲୁରାନ୍‌ଜ ନେକାଡିନା (ଦାନ୍ତ ନେଗସେନା) ।
ଓ –	ଉଷୁମ ଖାଦ୍ୟ ଖାଇବା ।

ଜୁ – ଲଲବ୍ ତଣ ନୁରେ ।

ଓ – ବାସି ଖାଦ୍ୟ ଖାଇଲେ ରୋଗ ହୁଏ ।

ଜୁ – ବାସି ଆଦାର ଜିମକିଲେ ରୁଗ ମିଇନା ।

ଓ – ମାଛି ବସା ଖାଦ୍ୟ ଖାଇବା ନାହିଁ ।

ଜୁ – ଗୁଣିର୍ ଡମକତା ଆଦାର ନାମାଉର୍‌କେ ଜେନା / ମା ନୁଉର୍‌କେ ଜେନା / ନାଜିମ୍‌କେନ ।

ଓ – ଚପଲ ପିନ୍ଧି ପାଇଖାନା ଯିବା ।

ଜୁ – ଗଲାପ (ଚପଲ) ନିକୁନାଜ ପାଇକାନାବ ନନା ।

ଓ – ଶ୍ରେଣୀରେ ଧାଁ ଧପଡ ହୁଅ ନାହିଁ ।

ଜୁ – ଶ୍ରେଣିତେ ଏଦବଡେ ଦାବାଡାଅର ।

ଓ – ଚକା ପକାଇ ବସ ।

ଜୁ – ଚକାମାଡି ଡକନାପେ / ଡକନା ।

ଓ – ସାନ ପିଲାଙ୍କୁ ସ୍ନେହ କର ।

ଜୁ – ସାନ ଉଆଲିକିତେ ସେନେଅଁ କିମାପେ / ଆଦର କିମାପେ ।

ଓ – ଆସନ୍ତାକାଲି (ବିଷୟ) ଲେଖି ଆଣିବ ।

ଜୁ – ତେରା (ବିଷୟ) ଏଲେକେଆନ୍‌ଜ ଏଅରେନା ।

ଓ – ଦୁଷ୍ଟ କଥା ହୁଅ ନାହିଁ ।

ଜୁ – ଦୁଷଟ (ବାଗି) ଗାତା ଏଗାତାୟାନ୍‌ଡ ।

ଓ – ଏଇଟା ତାକୁ ଦେ ।

ଜୁ – ନି ଆରତେ ଡିଞ୍ଚ୍‌ଏଁ ।

ଓ – ତୁମେ ଦୁହେଁ ବାଣ୍ଟିଦିଅ ।

ଜୁ – ଆପା ବାନଲଂ ତାତାଜେପା ।

ଓ – କାନ୍ଥବାଡ ମଇଳା କର ନାହିଁ ।

ଜୁ – କାନ୍ତ ବାଲିସିଞ୍ଚ୍ ଜବରା ଇକିବର ।

ଓ – କ'ଣ ହେଲା ପିଲେ ?

ଜୁ – ବିରି ଇଆନ୍ ଉଆଲିକି ?

ଓ – ତାର ସିଙ୍ଗାଣି ପୋଛି ଦିଅ ।

ଜୁ –	ଆରା ମତେଜ୍‌ଡ ଉଚିପେ / ରୁଜେଗେ ।

ଓ –	ସାର୍ଟର ବୋତାମ ଲଗାଅ ।

ଜୁ –	ଉଙ୍ଗିମା ବୁତାମ ଲାଗାଏନା ।

ଓ –	ଭଲରେ ପଢିଲେ ପାସ୍ ହେବ ।

ଜୁ –	ଡିଅର ଏପଡେଅଜ ପାସ୍ ଇଇନା ।

ଓ –	ତୋର ବୟସ କେତେ ?

ଜୁ –	ଆମା ବୟସ କିତି ?

ଓ –	ଭୋକ ଲାଗିଲାକି ?

ଜୁ –	ତିଲାଜମ୍ ରି ?

ଓ –	ଖାଇବୁ କି ?

ଜୁ –	ମୁରେ ରି / ମିଜିମେ ରି / ମେକବେ ରି ?

ଓ –	କେମିତି ଅଛୁ ?

ଜୁ –	ସୁଇଁଣ୍ଡ ମାସିକେ ?

ଓ –	ପାଣି ପିଇବୁ କି ?

ଜୁ –	ଡାଗ୍ ମୁରେ ରି ?

ଓ –	ଡାକ୍ ?

ଜୁ –	ଡାକେ ।

ଓ –	ପାଣି ପିଅ

ଜୁ –	ଡାଗ୍ ଉରେ ।

ଓ –	ପାଠ ପଢିଛୁ ।

ଜୁ –	ପାଟ ମେପଡେସେକେ ?

ଓ –	ତୋ ନାମ କ'ଣ ?

ଜୁ –	ଆମା ନାଅଁମ୍‌ଡେ ବିରି ?

ଓ –	ତୋର ବାପାଙ୍କ ନାମ କ'ଣ ?

ଜୁ –	ଆମା ଅବାମା ନାଅଁର ବିରି ?

ଓ –	ତୋର ମାଆଙ୍କ ନାମ କ'ଣ ?

ଜୁ –     ଆମା ବୁଇନମା ନାଅଁର ବିରି ?
ଓ –     ତୋର ଭାଇର ନାମ କ'ଣ ?
ଜୁ –     ଆମା କାକାମାଁ ନାଅଁର ବିରି ?
ଓ –     ତୋର ଭଉଣୀର ନାମ କ'ଣ ?
ଜୁ –     ଆମା ବକରାମା ନାଅଁର ବିରି ?
ଓ –     ତୁମ ଦେହ ଭଲ ଅଛି କି ?
ଜୁ –     ଆମା ଇଣିମ୍‌ଡେ ଡିଅ ଆସିକେ ରି ?
ଓ –     ତୁମ ସାନଭାଇର ନାମ କ'ଣ ?
ଜୁ –     ଆମା ବକମ୍‌ମା ନାଅଁର ବିରି ?
ଓ –     ତୁମ ବଡ ଭଉଣୀଙ୍କ ନାମ କ'ଣ ?
ଜୁ –     ଆମା ଆଜିମା ନାଅଁର ବିରି ?

*●*